• Vol.- 45, Issue No. 305
• Thursday, 05 February 2026
• ଗୁରୁବାର, ୦୫ ଫେବୃଆରୀ ୨୦୨୬
• Bhubaneswar
• Price: Rs. 2.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com

## ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ ସମାରୋହରେ ରାଷ୍ଟ୍ରପତି

# 'ପୂର୍ବୋଦୟ ଦୃଷ୍ଟିକୋଣ'ରେ ଓଡ଼ିଶା ବିକାଶ ପ୍ରାଥମିକତା

### 'ବିକଶିତ ଭାରତ' ସମୂହ ପ୍ରୟାସ ଦ୍ୱାରା ପୂରଣ ହେବ

### ମୟୂରଭଞ୍ଜର ବିକାଶ ସୁନିଶ୍ଚିତ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୪।୨: ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କ ଜନ୍ମସ୍ଥାନ ରାଇରଙ୍ଗପୁର, ମୟୂରଭଞ୍ଜ ଜିଲ୍ଲାର ଆଦିବାସୀ କଲ୍ୟାଣ ଏବଂ ଆଞ୍ଚଳିକ ବିକାଶ ଉପରେ ସରକାରଙ୍କ ଧ୍ୟାନ ଉପରେ ଗୁରୁତ୍ୱାରୋପ କରିବା ସହିତ ଅନେକ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ପ୍ରକଳ୍ପଗୁଡ଼ିକ ମଧ୍ୟରେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟର ଆଇଟି କ୍ୟାମ୍ପସ, ଏକ ଆୟୁଷ ହସ୍ପିଟାଲ ଏବଂ ଏକ ଓଡ଼ିଶା କୃଷି ଓ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ଅନ୍ତର୍ଭୁକ୍ତ।ଏହି ଅବସରରେ ରାଷ୍ଟ୍ରପତି କହିଥିଲେ ଯେ ସରକାରଙ୍କ 'ପୂର୍ବୋଦୟ ଦୃଷ୍ଟିକୋଣ' ଓଡ଼ିଶାର ବିକାଶକୁ ପ୍ରାଥମିକତା ଦେଇଥାଏ ଏବଂ ମୟୂରଭଞ୍ଜ ଜିଲ୍ଲା ଏହି ଦୃଷ୍ଟିକୋଣରୁ ଯଥେଷ୍ଟ ଲାଭ ପାଉଛି। ରାଷ୍ଟ୍ରପତି କହିଛନ୍ତି ଯେ ଗରିବରୁ ଗରିବ ଲୋକଙ୍କ ଉନ୍ନତିର ଲକ୍ଷ୍ୟ କେବଳ ଆଦିବାସୀ ସମ୍ପ୍ରଦାୟର ବିକାଶ ଦ୍ୱାରା ହାସଲ କରାଯାଇପାରିବ। ୨୦୪୭ ସୁଦ୍ଧା 'ବିକଶିତ ଭାରତ' ଗଠନର ଆମର ସଂକଳ୍ପ କେବଳ ସରକାର ଏବଂ ନାଗରିକଙ୍କ ସାମୂହିକ ପ୍ରୟାସ ଦ୍ୱାରା ପୂରଣ ହେବ। ରାଷ୍ଟ୍ରପତି ମୁର୍ମୁ ଭଂଜବୀର ସୁନାରାମ ସୋରେନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦଘାଟନ ଏବଂ ଶିଳାନ୍ୟାସ କରାଯାଇଥିଲା, ଯାହା ମୟୂରଭଞ୍ଜର ସ୍ଥାୟୀ ବିକାଶ ପ୍ରତି କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ମିଳିତ ପ୍ରତିବଦ୍ଧତାକୁ ପ୍ରଦର୍ଶନ କରିଥିଲା। ଏହି ଅବସରରେ ଉପସ୍ଥିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ ଯେ ଏହି ଭୂମିର କନ୍ୟା ରାଷ୍ଟ୍ରପତି ମୁର୍ମୁ ଭାରତର ପ୍ରଥମ ନାଗରିକ। ତେଣୁ ମୟୂରଭଞ୍ଜର ବିକାଶ ସୁନିଶ୍ଚିତ।

## ଶ୍ରୀଜୀଉମାନଙ୍କୁ ଦର୍ଶନ କଲେ ରାଷ୍ଟ୍ରପତି

■ ପୂର୍ବରୁ ଶ୍ୱେତଗଙ୍ଗାରେ କଲେ ପିଣ୍ଡ ଦାନ



ପୁରୀ,୪।୨(ନିପ୍ର): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବୁଧବାର ପୂର୍ବାହ୍ନରେ ଶ୍ୱେତଗଙ୍ଗାରେ ପିଣ୍ଡଦାନ କରିବା ସହ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ଲୋକ ଭବନରୁ ବାହାରି ରାଷ୍ଟ୍ରପତି ଭିଆଇପି ରୋଡ୍, ମେଡିକାଲ ଛକ, କାକୁଡିଖାଇ ଛକ ଦେଇ ଶ୍ୱେତଗଙ୍ଗାରେ ପହଞ୍ଚିଥିଲେ। ସେଠାରେ ପୂଜାର୍ଚ୍ଚନା ଓ ପିଣ୍ଡଦାନ କରିଥିଲେ। ସେଠାରେ ଗଜପତି ମହାରାଜା ଦିବ୍ୟସିଂହ ଦେବ, ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର,ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର,ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ ଅରବିନ୍ଦ କୁମାର ପାଢୀ ପ୍ରମୁଖ ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିଥିଲେ। ସିଂହଦ୍ୱାର ଦେଇ ପତିତପାବନଙ୍କ ଦର୍ଶନ ସାରି ବାଇଶି ପାହାଚ ଟପି ଶ୍ରୀଜୀଉମାନଙ୍କୁ ଦର୍ଶନ କରିଥିଲେ।ଦର୍ଶନ ପରେ ଫେରିବା ପଥରେ ରାଷ୍ଟ୍ରପତି, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ କିଛି ସମୟ ବାଇଶି ପାହାଚରେ ବସିଥିଲେ।

## ୧୦୦ କୋଟି ବ୍ୟୟରେ ସଜେଇ ହେବ ସାତକୋଶିଆ



ଭୁବନେଶ୍ୱର,୪।୨: ସାତକୋଶିଆ ଅଭୟାରଣ୍ୟ ହେବ ବିଶ୍ୱସ୍ତରୀୟ ପରିବେଶ-ପର୍ଯ୍ୟଟନ ପେଣ୍ଠ(ଇକୋ-ଟୁରିଜିମ୍ ହବ୍)। ଏଥିପାଇଁ ରାଜ୍ୟ ସରକାର ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହି ପ୍ରକଳ୍ପ ପାଇଁ ପ୍ରାୟ ୧୦୦ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଥିବା ବେଳେ ସବିଶେଷ ପ୍ରକଳ୍ପ ରିପୋର୍ଟ (ଡିପିଆର୍) କୁ ଅନୁମୋଦନ ମିଳିଛି। ଏଠାରେ ପର୍ଯ୍ୟଟକମାନଙ୍କୁ ଅଧିକ ଆକୃଷ୍ଟ କରିବା ପାଇଁ ଅଭୟାରଣ୍ୟ ମଧ୍ୟରେ ଅତ୍ୟାଧୁନିକ ଭିତ୍ତିଭୂମି ନିର୍ମାଣ କରାଯିବ। ଏଥିପାଇଁ ବ୍ୟାଘ୍ର ଅଭୟାରଣ୍ୟର ୬ଟି ପ୍ରମୁଖ ସ୍ଥାନକୁ ଚିହ୍ନଟ କରାଯାଇଛି। ପର୍ଯ୍ୟଟକଙ୍କ ସୁବିଧା ପାଇଁ ପୁରୁଣାକୋଟ, ଜଗନ୍ନାଥପୁର, ଟିକରପଡ଼ା, ବାଲିପୁଟ, କୁସଙ୍ଗ ଏବଂ ଛାମୁଣ୍ଡିଆ ଠାରେ ନୂଆ ପ୍ରବେଶ ପଥ ନିର୍ମାଣ କରାଯିବ। ଏହି ପ୍ରକଳ୍ପରେ ଫୁଡ୍ କୋର୍ଟ, ଫ୍ଲୋଟିଂ ଜେଟି, ବନ୍ ଫାୟାର, ୱାଚ ଟାୱାର ଏବଂ ରିଭର ଭିୟୁ ଡେକ୍ ଭଳି ସୁବିଧା ସାମିଲ ରହିଛି। ଏହି ରୂପାନ୍ତରଣ ପରେ ସାତକୋଶିଆ କେବଳ ଓଡ଼ିଶା ନୁହେଁ, ବରଂ ଦେଶର ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ଭାବେ ଉଭା ହେବ ବୋଲି ଆଶା କରାଯାଉଛି।

## ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ତାଲିକା ମଗାଗଲା

ଭୁବନେଶ୍ୱର, ୪।୨(ନିପ୍ର): ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ତାଲିକା ମାଗିଛନ୍ତି ମୁଖ୍ୟ ଶାସନ ସଚିବ ଅନୁଗର୍ଗ । ସଚିବସ୍ତରୀୟ ବୈଠକରେ ଆଗାମୀ ମାସରେ ଉପସ୍ଥାପନା ପାଇଁ ନିର୍ଦ୍ଦେଶ ଦିଆଯାଇଛି । କାର୍ଯ୍ୟରେ ସ୍ୱଚ୍ଛତା ଅବଲମ୍ବନ କରୁନଥିବା ତଥା ଦୁର୍ନୀତିଗସ୍ତ, ଅପାରଗ ଅଧିକାରୀଙ୍କ ବିରୋଧରେ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ନିଆଯିବା ସମ୍ପର୍କରେ ଆଗାମୀ ମାସରେ ଉପସ୍ଥାପନା ପାଇଁ ତଥ୍ୟ ମାଗିଛନ୍ତି ମୁଖ୍ୟ ଶାସନ ସଚିବ। ମୁଖ୍ୟମନ୍ତ୍ରୀଙ୍କ ୧୫ କାର୍ଯ୍ୟସୂଚୀ ନିର୍ଦ୍ଦେଶନାମା କାର୍ଯ୍ୟକାରୀ କରିବା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଛି ।

## କାରାଭାନ ଟୁରିଷ୍ଟ ସେବା ଆରମ୍ଭ

### ମିଳିବ ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ରରେ

ଭୁବନେଶ୍ୱର,୪।୨(ନିପ୍ର): ଓଡ଼ିଶା ପର୍ଯ୍ୟଟନ କ୍ଷେତ୍ରକୁ ନୂଆ ଆୟାମ ଦେଇ ରାଜ୍ୟରେ ଅତ୍ୟାଧୁନିକ କାରାଭାନ ଟୁରିଷ୍ଟ ସେବାର ଶୁଭାରମ୍ଭ କରାଯାଇଛି। ଏହି ସେବାର ଦ୍ୱିତୀୟ ପର୍ଯ୍ୟାୟର ଶୁଭାରମ୍ଭ ଧଉଳି ପର୍ଯ୍ୟଟନ କ୍ଷେତ୍ରରୁ କରାଯାଇଛି।ଭିଏଜିଏଫ୍ ଯୋଜନା ଅନ୍ତର୍ଗତ ଏହି କାରାଭାନ ଟୁରିଷ୍ଟ ସେବାର ଶୁଭାରମ୍ଭ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କରିଛନ୍ତି। ଏହା ମାଧ୍ୟମରେ ରାଜ୍ୟର ପର୍ଯ୍ୟଟନ କ୍ଷେତ୍ରରେ ଅତ୍ୟାଧୁନିକ, ସୁବିଧାଜନକ ଓ ଆରାମଦାୟକ ଯାତ୍ରା ସେବାଯୋଗାଇବା ଲକ୍ଷ୍ୟ ରଖାଯାଇଛି।ଏହି କାରାଭାନ ଗାଡ଼ିଗୁଡ଼ିକରେ ପର୍ଯ୍ୟଟକଙ୍କ ପାଇଁ ଶୌଚାଳୟ,ଶୋଇବାବ୍ୟବସ୍ଥା ସହ କିଚେନ୍ ସୁବିଧା ଉପଲବ୍ଧ ରହିଛି, ଯାହା ଦୀର୍ଘ ଯାତ୍ରାକୁ ଆହୁରି ସୁବିଧାଜନକ କରିବ। ପ୍ରଥମ ପର୍ଯ୍ୟାୟରେ ହୀରାକୁଦ, ଦେବ୍ରିଗଡ଼, ଶିମିଳିପାଳ,ଚିଲିକାଓ ଭିତରକନିକା ପର୍ଯ୍ୟଟନ କ୍ଷେତ୍ରରେ ଏହି ସେବା ଉପଲବ୍ଧ ହେବ। ଆଗାମୀ ଦିନରେ ସାତକୋଶିଆ ଓ ଦେଓମାଳି ଭଳି ଅନ୍ୟାନ୍ୟ ପର୍ଯ୍ୟଟନ କ୍ଷେତ୍ରକୁ ମଧ୍ୟ ଏହି ସେବାରେ ସାମିଲ କରାଯିବ। ଏହି ପଦକ୍ଷେପ ଦ୍ୱାରା ରାଜ୍ୟର ପର୍ଯ୍ୟଟନ ଉଦ୍ୟୋଗକୁ ନୂଆ ଗତି ମିଳିବ ବୋଲି ଆଶା ପ୍ରକାଶ କରାଯାଇଛି।

**କୋଟିଆ ଅନୁପ୍ରବେଶ ପ୍ରସଙ୍ଗ**

## ପରେ ଦିଆଯିବ ଏଲୋପାଥି: ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର,୪।୧(ନିପ୍ର):କୋଟିଆରେ ଆନ୍ଧ୍ରଅଧିକାରୀଙ୍କ ଅନୁପ୍ରବେଶ ପ୍ରସଙ୍ଗ। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ପ୍ରତିକ୍ରିୟା ରଖି କହିଲେ, ଅନୁପ୍ରବେଶ ବିରୋଧରେ କଣ ଆଇନଗତ ପଦକ୍ଷେପ ନେଇ ହେବ ତାହା ଅଧ୍ୟୟନ କରାଯାଉଛି । କୌଣସି ଜାଗାରେ ବିଶୃଙ୍ଖଳା ସୃଷ୍ଟି କରିବା ମଧ୍ୟ ଆଇନ ଅନୁସାରେ ଅପରାଧ । ଓଡ଼ିଶା ସଂସଦୀୟ ଗଣତନ୍ତ୍ରରେ ବିଶ୍ୱାସ କରେ। ଅନେକ ଗୁଡ଼ିଏ ଅସ୍ତ୍ର ଅଛି । ହେଲେ ଏକା ଥରେ ବ୍ରହ୍ମାସ୍ତ୍ର ବ୍ୟବହାର କାହିଁକି କରିବା । ଆନ୍ଧ୍ର ଆମର ଅମାନିଆ ଭାଇ । ଆମେ ବୁଝାଉଛୁ, ମନାଉଛୁ । ଯଦି ସେମାନେ ବୁଝିବେ ନାହିଁ । ଯଦି ଆୟୁର୍ବେଦିକ ଆଉ ହୋମିଓପାଥି ଔଷଧରେ ବୁଝିବେ ନାହିଁ, ତାପରେ ଏଲୋପାଥି ମେଡିସିନ ବ୍ୟବହାର କରାଯିବ। ଏହା ଭିତରେ ଆନ୍ଧ୍ର ଅନୁପ୍ରବେଶର ଏହା ତୃତୀୟ ଘଟଣା । ପ୍ରଥମ ଓ ଦ୍ୱିତୀୟ ଘଟଣାରେ ଲୋକେ ପ୍ରଶାସନର ସହଯୋଗରେ ସେମାନଙ୍କୁ ସୀମା ବାହାରକୁ ତଡ଼ି ଦେଲେ । ଏହା ସତ୍ତ୍ୱେ ମଧ୍ୟ ସେମାନେ ଜାଣି ସାରିଲେଣି ଯେ ସୀମା ବିବାଦ ପ୍ରସଙ୍ଗରେ ଲୋକ ସେମାନଙ୍କ ସହ ନାହାନ୍ତି । ତେଣୁ ହଟଚମଟ ସୃଷ୍ଟି କରିବା ପାଇଁ ଏବଂ ଲୋକଙ୍କୁ ବିଚଳିତ କରିବା ପାଇଁ ଏଭଳି କରୁଛି ଆନ୍ଧ୍ର । କୋଟିଆବାସୀ ଅନୁଭବ କଲେଣି ଯେ ସେମାନେ ଓଡ଼ିଶାର ଅଧିବାସୀ ଏବଂ ଓଡ଼ିଆ।

## ଏଣିକି ହ୍ୱାଟ୍‌ସ ଆପ୍‌ରେ ରାଜସ୍ୱ ସେବା

### ଦୁର୍ନୀତି ଅଭିଯୋଗ ଆସିଲେ କଡ଼ା କାର୍ଯ୍ୟାନୁଷ୍ଠାନ



ଭୁବନେଶ୍ୱର,୪।୨: ଏଣିକି ହ୍ୱାଟ୍‌ସ ଆପ୍‌ରେ ମିଳିବ ରାଜସ୍ୱ ସେବା। ଏ ନେଇ ବୁଧବାର ବଡ଼ ସୂଚନା ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ୨୪ ଘଣ୍ଟିଆ ସେବା ଯୋଗାଇ ଦେବ ବିଭାଗ। ହ୍ୱାଟସ୍ ଆପ୍‌ରେ ଜମିଜମା ବାବଦରେ ସବୁ ଅଭିଯୋଗ ଓ ଆବେଦନ ଗ୍ରହଣ କରାଯିବ। ଦୁର୍ନୀତି ଅଭିଯୋଗ ଆସିଲେ ବଡ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏହାସହ ସମୟ ସୀମା ମଧ୍ୟରେ ସମସ୍ୟାର ସମାଧାନ କରାଯିବ। ଏହାଦ୍ୱାରା ଦୁର୍ନୀତି ବନ୍ଦ ହେବା ସହ ବାରମ୍ବାର ଲୋକଙ୍କୁ ତହସିଲ ଅଫିସକୁ ଦୌଡ଼ିବାକୁ ପଡ଼ିବନାହିଁ। ନିର୍ଦ୍ଦିଷ୍ଟ ସମୟ ଭିତରେ ସମସ୍ୟା ସମାଧାନ କରାନଗଲେ କିମ୍ବା ଦୁର୍ନୀତି ଅଭିଯୋଗ ଆସିଲେ ସଂପୃକ୍ତ ଅଧିକାରୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। କାମ ନ ହେଲେ ସିଧାସଳଖ ରାଜସ୍ୱ ମନ୍ତ୍ରୀଙ୍କ ପାଖକୁ ମଧ୍ୟ ଅଭିଯୋଗକାରୀ ହ୍ୱାଟସ ଆପ୍ ଜରିଆରେ ଅଭିଯୋଗ କରିପାରିବେ।ସୂଚନା ଯୋଗ୍ୟ ଯେ ଗୁରୁବାର ୫୫ଟି ତହସିଲ ଅଫିସକୁ ରେଜିଷ୍ଟ୍ରି ଅଫିସରେ ରୂପାନ୍ତରିତ କରାଯିବ। ଏହା ସହ ହ୍ୱାଟସ ଆପ୍ ସେବାକୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିବେ।

# ଖୋଲିବ ଆଉ ୪ ମେଡିକାଲ୍ କଲେଜ: ମୁଖ୍ୟମନ୍ତ୍ରୀ

❑ ଶିମିଳିପାଳ ଜୈବବିବିଧତା ଉନ୍ନତି ପାଇଁ ସରକାର ଯତ୍ନବାନ
❑ ଆରୋଗ୍ୟ ମନ୍ଦିରଗୁଡ଼ିକରେ ମିଳିବ ଦିନରାତି ସ୍ୱାସ୍ଥ୍ୟସେବା



ରାଇରଙ୍ଗପୁର(ମୟୂରଭଞ୍ଜ),୪।୨: ମୟୂରଭଞ୍ଜ ଜିଲ୍ଲାର ପ୍ରାଣକେନ୍ଦ୍ର ରାଇରଙ୍ଗପୁର ତଥା ଭାରତର ମହାମହିମ ରାଷ୍ଟ୍ରପତିଙ୍କ ଜନ୍ମମାଟି ଓ ପ୍ରଥମ କର୍ମଭୂମି।ତାଙ୍କର ଉପସ୍ଥିତି ଏହି ଅବସରକୁ ଐତିହାସିକ କରିଛି ଏବଂ ଏହି ଅଞ୍ଚଳର ଲୋକଙ୍କ ପାଇଁ ପ୍ରେରଣାଦାୟକ ସାଜିଛି। ଏଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସ୍ୱାଗତ କରିବା ଅବସରରେ କହିଛନ୍ତି। ଆଜି ମୟୂରଭଞ୍ଜ ପାଇଁ ଏକ ଐତିହାସିକ ଦିନ। ଏଠାରେ ବହୁବିଧ ଉନ୍ନୟନ ପ୍ରକଳ୍ପର ଉଦ୍‌ଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ ହେଉଛି । ଆମର ବିକାଶ ଦୃଷ୍ଟିକୋଣର କେନ୍ଦ୍ରରେ ରହିଛି ଶିକ୍ଷା। ଆୟୁଷ ହସ୍ପିଟାଲ୍ ଓ ଆୟୁର୍ବେଦିକ୍ କଲେଜ୍, ଓଡ଼ିଶା କୃଷି ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟର କ୍ୟାମ୍ପସ, ଏମଏସସିବି ବିଶ୍ୱବିଦ୍ୟାଳୟରେ ସୂଚନା ପ୍ରଯୁକ୍ତିବିଦ୍ୟା କ୍ୟାମ୍ପସ, ଧନୁର୍ବିଦ୍ୟା ଏକାଡେମୀ ଗୁଡ଼ିକର ପ୍ରତିଷ୍ଠା ଉତ୍ତର ଓଡ଼ିଶାର ଦୃଶ୍ୟପଟକୁ ପରିବର୍ତ୍ତନ କରିବ। ସରକାରୀ ଆୟୁର୍ବେଦିକ କଲେଜର ଭିତ୍ତିପ୍ରସ୍ତର ଏହି ଅଞ୍ଚଳରେ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ମଜଭୁତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏମଏସସିବି ବିଶ୍ୱବିଦ୍ୟାଳୟରେ ଆଜି ଇନଫର୍ମେସନ ଟେକନୋଲୋଜି କ୍ୟାମ୍ପସ ପ୍ରତିଷ୍ଠା ହୋଇଛି। ଚାରୋଟି କର୍ପୋରେଟ୍ ସୋସିଆଲ ରେସପନସିବିଲିଟି ପ୍ରକଳ୍ପ ମାଧ୍ୟମରେ ପ୍ରାୟ ୪୪ କୋଟି ଟଙ୍କାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଉଛି। ଯାହା ରାଇରଙ୍ଗପୁର ଅଞ୍ଚଳ ପାଇଁ ଏକ ଆଶୀର୍ବାଦ ଭାବେ କାର୍ଯ୍ୟ କରିବ। ନିକଟରେ ରାଉରକେଲାରେ ଏଣ୍ଟରପ୍ରାଇଜ୍ ଓଡିଶା କାର୍ଯ୍ୟକ୍ରମରେ ରାଞ୍ଚି-ରାଉରକେଲା-ରାୟପୁର କରିଡର ବିକାଶ ଉପରେ ଗୁରୁତ୍ୱାରୋପ କରାଯାଇଛି। ଏଥି ସହିତ ଶିମିଳିପାଳ ଜୈବବିବିଧତାର ଉନ୍ନତି ଓ ସୁରକ୍ଷା ପ୍ରତି ଆମ ସରକାର ଯତ୍ନବାନ ଅଛନ୍ତି, ଏଥିପାଇଁ ବଜେଟ୍‌ରେ ୫୦ କୋଟି ଟଙ୍କା ପ୍ରାବଧାନ କରାଯାଇଛି। ମା କୀଚକେଶ୍ୱରୀ ମନ୍ଦିରର ବିକାଶ ଓ ସୌନ୍ଦର୍ଯ୍ୟ କରଣ ପାଇଁ ୧୦୦ କୋଟି ଟଙ୍କାର ଡିପିଆର୍ ପ୍ରସ୍ତୁତ ହୋଇଛି। ମୟୂରଭଞ୍ଜର ସାମଗ୍ରିକ ବିକାଶ ପାଇଁ ଆମ ସରକାର ପ୍ରତିଶ୍ରୁତିବଦ୍ଧ, ଏଥିପାଇଁ ଅର୍ଥର ଅଭାବ ରହିବ ନାହିଁ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ରାଜ୍ୟରେ ଆଉ ୪ଟି ମେଡିକାଲ୍ କଲେଜ ଖୋଲାଯିବ। ଆରୋଗ୍ୟ ମନ୍ଦିରଗୁଡିକ ଆହୁରି ସୁଦୃଢ ହେବ। ଏହା ମାଧ୍ୟମରେ ଗ୍ରାମାଞ୍ଚଳବାସୀ ୨୪ଘଣ୍ଟିଆ ସ୍ୱାସ୍ଥ୍ୟସେବା ସୁବିଧା ପାଇବେ।

## ଆଜିଠୁ 'ବ୍ଲାକ୍ ସ୍ୱାନ୍ ସମ୍ମିଳନୀ'

ଭୁବନେଶ୍ୱର, ୪।୨(ନିପ୍ର): ପ୍ରଥମ ଥର ପାଇଁ ଭାରତରେ ଆୟୋଜିତ ହେବାକୁ ଯାଉଛି ବ୍ଲାକ୍ ସ୍ୱାନ୍ ସମ୍ମିଳନୀ। ଆସନ୍ତା ୫-୬ ଫେବୃଆରୀ ଦୁଇ ଦିନ ଧରି ରାଜ୍ୟ ଭୁବନେଶ୍ୱରରେ ଆୟୋଜିତ ହେଉଥିବା ଏହି ସମ୍ମିଳନୀରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗ ଦେବେ । ରାଜ୍ୟ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ସଚିବ ବିଶାଳ କୁମାର ଦେବ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ପ୍ରଥମ ବ୍ଲାକ୍ ସ୍ୱାନ୍ ସମ୍ମିଳନୀ ଭାରତର ଡିଜିଟାଲ୍ ଏବଂ ଅର୍ଥନୈତିକ ଭବିଷ୍ୟତ ଗଠନ ପାଇଁ ଓଡ଼ିଶାର ପ୍ରତିବଦ୍ଧତାକୁ ଦୃଢ କରିବ। ସିଙ୍ଗାପୁରସ୍ଥିତ ଗ୍ଲୋବାଲ୍ ଫାଇନାନ୍ସ ଆଣ୍ଡ୍ ଟେକ୍ନୋଲୋଜି ନେଟୱାର୍କ ସହ ସହଭାଗୀତାରେ ଭାରତ ନେତ୍ର ପଦକ୍ଷେପ ଅଧୀନରେ ଓଡ଼ିଶା ସରକାରଙ୍କ ଦ୍ୱାରା ଆୟୋଜିତ ଏହି ସମ୍ମିଳନୀ ଭାରତର ଡିଜିଟାଲ୍-ନେତୃତ୍ୱାଧୀନ ଅଭିବୃଦ୍ଧିର ପରବର୍ତ୍ତୀ ପର୍ଯ୍ୟାୟ ପାଇଁ ଓଡ଼ିଶାକୁ ଏକ ରାଷ୍ଟ୍ର-ନିର୍ମାଣ ପ୍ଲାଟଫର୍ମ ଭାବରେ ସ୍ଥାନିତ କରିବ। ସମ୍ମିଳନୀରେ ୨୪ଟି ଦେଶର ୧୭୦୦ ରୁ ଅଧିକ ପ୍ରତିନିଧି ଏବଂ ୫ଟି ମହାଦେଶ ଯେମିତିକି ଉତ୍ତର ଆମେରିକା, ଦକ୍ଷିଣ ଆମେରିକା, ୟୁରୋପ, ଏସିଆ ଏବଂ ଆଫ୍ରିକାରୁ ପ୍ରାୟ ୧୦୦ ଜଣ ବକ୍ତା ଅଂଶଗ୍ରହଣ କରିବେ। ବ୍ଲାକ୍ ସ୍ୱାନ୍ ଶିଖର ସମ୍ମିଳନୀ ଭାରତ ବିଶ୍ୱ ଏବଂ ଜାତୀୟ ନୀତି ନିର୍ଦ୍ଧାରକମାନଙ୍କୁ ଆର୍ଥିକ ପ୍ରତିଷ୍ଠାନ, ପ୍ରଯୁକ୍ତିବିଦ୍ୟା, ଷ୍ଟାର୍ଟଅପ୍, ନିବେଶକ ଏବଂ ଶିକ୍ଷାବିତ୍‌ମାନଙ୍କ ମଧ୍ୟରେ କାର୍ଯ୍ୟାନ୍ୱୟନମୁଖୀ ଆଲୋଚନା ପାଇଁ ସୁଯୋଗ ସୃଷ୍ଟି କରିବ।

## ମଣିପୁରରୁ ହଟିଲା ରାଷ୍ଟ୍ରପତି ଶାସନ

ଇମ୍ଫାଲ,୪।୨: ପ୍ରାୟ ଏକ ବର୍ଷ ପରେ ମଣିପୁରରେ ରାଷ୍ଟ୍ରପତି ଶାସନ ବୁଧବାର ପ୍ରତ୍ୟାହାର କରାଯାଇଛି । ଏନେଇ ଗୃହ ମନ୍ତ୍ରଣାଳୟ ଦ୍ୱାରା ଏକ ସରକାରୀ ବିଜ୍ଞପ୍ତି ଜରି କରାଯାଇଛି। ଜାରି କରାଯାଇଥିବା ନୋଟିସରେ ଲେଖାଯାଇଛି ଯେ, 'ମୁଁ ଦ୍ରୌପଦୀ ମୁର୍ମୁ, ଭାରତର ରାଷ୍ଟ୍ରପତି, ସମ୍ବିଧାନର ଧାରା ୩୫୬ର ଧାରା (୨) ଦ୍ୱାରା ପ୍ରଦତ୍ତ କ୍ଷମତା ବ୍ୟବହାର କରି, ଫେବୃଆରୀ ୧୩ ୨୦୨୫ରେ ମୋ ଦ୍ୱାରା ଜାରି କରାଯାଇଥିବା ଘୋଷଣାକୁ ପ୍ରତ୍ୟାହାର କରୁଛି, ଯାହା ୪ ଫେବୃଆରୀ ୨୦୨୬ରୁ ମଣିପୁର ରାଜ୍ୟରେ କାର୍ଯ୍ୟକ୍ଷମ ହେବ ।'

# ବନାଗ୍ନି ରୋକିବାକୁ ଏଆଇ କ୍ୟାମେରା ଓ ଡ୍ରୋନ୍

● ବିଭାଗ ପକ୍ଷରୁ ପ୍ରାକ୍ ପ୍ରସ୍ତୁତି ଆରମ୍ଭ
● ନିଆଁ ଲାଗିଲେ ୧୮୦୦-୩୪୫-୭୧୫୮ରେ ଦିଅନ୍ତୁ ସୂଚନା
● ୩୩୬ ଗ୍ରାମରେ ସଚେତନତା ସୃଷ୍ଟି କରାଯାଉଛି
● ଜନତାଙ୍କ ସକ୍ରିୟ ସହଭାଗିତାରେ ପ୍ରାକୃତିକ ସମ୍ପଦର ସୁରକ୍ଷା ହେବ ସମ୍ଭବ

ଭୁବନେଶ୍ୱର,୪।୨(ନିପ୍ର): ଗ୍ରୀଷ୍ମ ଋତୁ ଆସିବା ପୂର୍ବରୁ ଜଙ୍ଗଲ ନିଆଁ ନିୟନ୍ତ୍ରଣ ଓ ରୋକିବା ପାଇଁ ରାଜ୍ୟ ବନ ବିଭାଗ ପକ୍ଷରୁ ପ୍ରାକ୍ ପ୍ରସ୍ତୁତି ଆରମ୍ଭ କରାଯାଇଛି। ଆବଶ୍ୟକ ସ୍ଥଳରେ ଜଙ୍ଗଲ ନିଆଁ ଉପରେ ନଜର ରଖିବା ପାଇଁ ମିନି ଡ୍ରୋନ ବ୍ୟବହାର କରାଯାଉଛି । ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ପିସିସିଏଫ୍) କେ ମୁରୁଗେସନ ବୁଧବାର ଏହି ସୂଚନା ଦେଇଛନ୍ତି। ଜଙ୍ଗଲରେ ନିଆଁ ଲାଗିଲେ ତୁରନ୍ତ ୧୮୦୦-୩୪୫-୭୧୫୮ ଟୋଲ୍-ଫ୍ରି ନମ୍ବରରେ ସୂଚନା ଦେବାକୁ ପିସିସିଏଫ୍ ସାଧାରଣ ଲୋକଙ୍କୁ ଅନୁରୋଧ କରିଛନ୍ତି। ସେହିପରି, ଜାଣିଶୁଣି ଜଙ୍ଗଲରେ ନିଆଁ ଲଗାଇଲେ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପିସିସିଏଫ୍ ଚେତାବନୀ ଦେଇଛନ୍ତି। ରାଜ୍ୟରେ ଆସନ୍ତା ବନାଗ୍ନି ଋତୁକୁ ସଫଳତାର ସହ ମୁକାବିଲା କରିବା ପାଇଁ ବନ ବିଭାଗ ପକ୍ଷରୁ ପ୍ରସ୍ତୁତି ନେଇ ଭୁବନେଶ୍ୱରସ୍ଥିତ 'ଅରଣ୍ୟ ଭବନ'ଠାରେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଓ ବନ ବାହିନୀ ମୁଖ୍ୟ ଡ କେ. ମୁରୁଗେସନଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ସମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କାର୍ତିକ ଭି., ସି.ଏଫ୍, ପି ଏଣ୍ଡ ଏସ୍ ଏମ୍ ଉପସ୍ଥିତ ରହି ବନାଗ୍ନିର ପ୍ରଭାବ ଏବଂ ଏହାର ପ୍ରତିକାର ପାଇଁ ବିଭାଗ ଗ୍ରହଣ କରିଥିବା ବୈଷୟିକ ଓ କ୍ଷେତ୍ରସ୍ତରୀୟ ପଦକ୍ଷେପ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି। ବନାଗ୍ନି କେବଳ ଜଙ୍ଗଲ ନୁହେଁ, ବରଂ ବନ୍ୟପ୍ରାଣୀ ଏବଂ ଜଙ୍ଗଲ ଉପରେ ନିର୍ଭର କରୁଥିବା ଲୋକଙ୍କ ଜୀବିକା ପାଇଁ ଏକ ବଡ଼ ସଂକଟ ବୋଲି ବୈଠକରେ ମତପ୍ରକାଶ ପାଇଛି। ଜଙ୍ଗଲ ମଧ୍ୟରେ ନିଆଁର ବ୍ୟାପ୍ତିକୁ ରୋକିବା ପାଇଁ ପ୍ରାୟ ୨୦,୪୬୧ କିଲୋମିଟର ଦୈର୍ଘ୍ୟର ଅଗ୍ନିରୋଧକ ରେଖା ସୃଷ୍ଟି କରାଯାଇଛି।ବନାଗ୍ନି ମୁକାବିଲା ପାଇଁ ଏହି ବର୍ଷ ବୈଷୟିକ କୌଶଳ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ପ୍ରାରମ୍ଭିକ ସ୍ତରରେ ନିଆଁକୁ ଚିହ୍ନଟ କରିବା ପାଇଁ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ସଂଚାଳିତ କ୍ୟାମେରା ଏବଂ ଡ୍ରୋନ୍ ବ୍ୟବହାର କରାଯାଉଛି। ଏଥିସହିତ ବିଭିନ୍ନ ରେଞ୍ଜ ଏବଂ ବିଟ୍ ସ୍ତରରେ ୩୩୪ଟି ସ୍ୱତନ୍ତ୍ର ସୁରକ୍ଷା ଦଳ ମୁତୟନ ହୋଇଛନ୍ତି, ଯେଉଁମାନଙ୍କୁ ୫,୦୦୦ରୁ ଅଧିକ ଲିଫ୍ ବ୍ଲୋଅର୍ ଓ ଅନ୍ୟାନ୍ୟ ଅଗ୍ନି ନିର୍ବାପକ ସାମଗ୍ରୀ ଯୋଗାଇ ଦିଆଯାଇଛି। ବନ ସୁରକ୍ଷା ସମିତି ଏବଂ ଇକୋ-ଡିଭେଲପମେଣ୍ଟ କମିଟି ମାଧ୍ୟମରେ ପ୍ରାୟ ୩୩୬ଟି ଗ୍ରାମରେ ସଚେତନତା ସୃଷ୍ଟି କରାଯାଉଛି। ଜଙ୍ଗଲରେ ଅସାବଧାନତା ବଶତଃ ନିଆଁ ନ ଲଗାଇବାକୁ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି, କାରଣ ସାଧାରଣ ଜନତାଙ୍କ ସକ୍ରିୟ ସହଭାଗିତା ବିନା ଏହି ପ୍ରାକୃତିକ ସମ୍ପଦର ସୁରକ୍ଷା ସମ୍ଭବ ନୁହେଁ।



## ସୁନା ପୁଣି ମହଙ୍ଗା

ଭୁବନେଶ୍ୱର,୪।୨: ବୁଧବାର ରାଜଧାନୀ ଭୁବନେଶ୍ୱର ସମେତ ବିଭିନ୍ନ ସହରରେ ସୁନା ଦରରେ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିଛି। ଫେବୃଆରୀ ୪ରେ ସୁନା ଦର ପାଖାପାଖି ୩.୧୪ପ୍ରତିଶତ ବୃଦ୍ଧି ପାଇଛି। ୨୪ କ୍ୟାରେଟ୍ (ଶୁଦ୍ଧ ସୁନା): ୧୦ ଗ୍ରାମ ପିଛା ଏହାର ମୂଲ୍ୟ ୧,୬୦,୫୩୦ ଟଙ୍କାରେ ପହଞ୍ଚିଛି। ଗତକାଲି ତୁଳନାରେ ଏହା ପ୍ରାୟ ୬,୬୦୦ ଟଙ୍କା ଅଧିକ।୨୨ କ୍ୟାରେଟ୍ (ଅଳଙ୍କାର ସୁନା) ୧୦ ଗ୍ରାମ ପିଛା ଏହାର ମୂଲ୍ୟ ୧,୪୭,୧୫୦ ଟଙ୍କା ରହିଛି। ଗତକାଲି ଅପେକ୍ଷା ଆଜି ଏଥିରେ ପ୍ରାୟ ୬,୦୫୦ ଟଙ୍କାର ବୃଦ୍ଧି ଘଟିଛି। ବଜେଟ୍ ପରବର୍ତ୍ତୀ ସମୟରେ ବଜାରରେ କିଛି ଦିନ ହ୍ରାସ ପରେ ଆଜି ପୁଣି ବିଶ୍ୱ ବଜାରରେ ସୁନା ଦର ବୃଦ୍ଧି ପାଇଛି। ବିଶେଷଜ୍ଞଙ୍କ ମତରେ, ବିଶ୍ୱ ଅର୍ଥନୀତିରେ ପରିବର୍ତ୍ତନ ଏବଂ ଆଗାମୀ ବିବାହ ଋତୁ ଯୋଗୁଁ ଚାହିଦା ବଢ଼ିବା ଫଳରେ ଏହି ଦର ବୃଦ୍ଧି ପରିଲକ୍ଷିତ ହେଉଥିବା ବିଶେଷଜ୍ଞମାନେ କହିଛନ୍ତି।

ନବପ୍ରଭାତ



## ଦେବୀ ଦୁର୍ଗାଙ୍କ କ୍ରୋଧିତ ରୂପ

# ହରଚଣ୍ଡୀ



ପ୍ରଭୁ ଜଗନ୍ନାଥଙ୍କ ବାସସ୍ଥାନ ପୁରୀ, ଯାହାକୁ ଏକ ବୈଷ୍ଣବ କେନ୍ଦ୍ର ଭାବରେ ପାଳନ କରାଯାଏ, ଏହା ଏହାର ଶାକ୍ତ ମନ୍ଦିର ପାଇଁ ମଧ୍ୟ ପ୍ରସିଦ୍ଧ। ପ୍ରସିଦ୍ଧ ଜଗନ୍ନାଥ ମନ୍ଦିର ପରିସରରେ ଏବଂ ବାହାରେ ରାମଚଣ୍ଡୀ, ଲକ୍ଷ୍ମୀ, ବାରାହୀ, ହରଚଣ୍ଡୀ, ଦକ୍ଷିଣା କାଳୀ, ଶ୍ୟାମାକାଳୀ ଇତ୍ୟାଦି ଶାକ୍ତ ଦେବତାଙ୍କ ପାଇଁ ଉତ୍ସର୍ଗୀକୃତ ଅନେକ ମନ୍ଦିର ଅଛି ଯାହା ପୁରୀରେ ଶାକ୍ତ ଧର୍ମର ଲୋକପ୍ରିୟତାକୁ ସୂଚିତ କରେ। ପୁରୀରୁ ବ୍ରହ୍ମଗିରି ଏବଂ ଶତପାଦ ଆଡକୁ ଯାଉଥିବା ଜାତୀୟ ରାଜପଥ ୨୦୩ ରେ ପୁରୀର ୨୭ କିଲୋମିଟର ଦକ୍ଷିଣ ପଶ୍ଚିମରେ ଦେବୀ ହରଚଣ୍ଡୀଙ୍କୁ ଉତ୍ସର୍ଗୀକୃତ ଏକ ମନ୍ଦିର ଅଛି। ଏହି ରାସ୍ତାରେ କାଠୁଆରୀ ଚୌକ ନାମରେ ଏକ ସ୍ଥାନ ଅଛି, ଏହି ଚୌକରୁ ବାମ ମୋଡ଼ ନିଅ ଏବଂ ୫ କିଲୋମିଟର ପରେ ଆପଣ ପଲଙ୍କା ଗ୍ରାମକୁ ଯିବେ, ଏହି ମନ୍ଦିର ପଲଙ୍କା ଗ୍ରାମରୁ ୧ କିଲୋମିଟର ଦୂରରେ ଅବସ୍ଥିତ। ଓଡ଼ିଆ ଭାଷାରେ 'ବାଲି' ଅର୍ଥ ବାଲି ଏବଂ 'ହରଚଣ୍ଡୀ' ଅର୍ଥ ଦେବୀ ଦୁର୍ଗାଙ୍କ କ୍ରୋଧିତ ରୂପ। ଏହି ମନ୍ଦିର ଦେବୀ ଦୁର୍ଗାଙ୍କୁ ଉତ୍ସର୍ଗୀକୃତ ଏବଂ ସମୁଦ୍ର ନିକଟରେ ଏକ ବାଲୁକାମୟ ପାହାଡ ଉପରେ ଅବସ୍ଥିତ। ମନ୍ଦିର ନିକଟରେ ବେଳାଭୂମି ଅଛି ଯାହା ଏହି ସ୍ଥାନର ଆଉ ଏକ ପ୍ରମୁଖ ଆକର୍ଷଣ।

ମନ୍ଦିରଟି ପୂର୍ବ ଦିଗକୁ ମୁହାଁଇ ରହିଛି ଏବଂ ଏହାର ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି ଅଷ୍ଟ-ଭୁଜା (ଆଠ ହାତ ବିଶିଷ୍ଟ) ମହିଷାମର୍ଦ୍ଦିନୀ ଦୁର୍ଗା, ଯାହାଙ୍କୁ ବାଲିହରଚଣ୍ଡୀ ଭାବରେ ପୂଜା କରାଯାଏ। ବାଲିହରଚଣ୍ଡୀଙ୍କୁ ଜଳ ଏବଂ ନୌବାହନର ଦେବୀ ଭାବରେ ମଧ୍ୟ ବିବେଚନା କରାଯାଏ, ଯିଏ ସମୁଦ୍ରରେ ବିପଦର ସମ୍ମୁଖୀନ ହେଲେ ଡଙ୍ଗା ଚାଳକ ଏବଂ ମତ୍ସ୍ୟଜୀବୀଙ୍କୁ ସୁରକ୍ଷା ଦିଅନ୍ତି। ଆଶ୍ୱିନ ମାସର ମହାନବମୀ ଦିନ ଏକ ପୂଜା ପାଳନ ସହିତ ଏହି ମନ୍ଦିରର ଶ୍ରୀ ଜଗନ୍ନାଥ ମନ୍ଦିର ସହିତ ସମ୍ପର୍କ ରହିଛି। ନବରାତ୍ରି, ଦୁର୍ଗାପୂଜା, ଚୈତ୍ର ମଙ୍ଗଳା ବର, ରାମନବମୀ ଇତ୍ୟାଦି ପର୍ବ ଏହି ମନ୍ଦିରରେ ଅତ୍ୟନ୍ତ ଭକ୍ତିର ସହିତ ପାଳନ କରାଯାଏ। ପୁରୀ ନିକଟସ୍ଥ ବାଲିହରଚଣ୍ଡୀ ମନ୍ଦିରର ପଛ ରାହାପଗା ତଳେ ଦେବୀ କାଳୀଙ୍କ ଏକ ପ୍ରତିମା ଦେଖିବାକୁ ମିଳେ। ଏଠାରେ କାଳୀ ଏକ ସର୍ପ ଧରିଛନ୍ତି। ସେ ତାଙ୍କ ବାମ ହାତରେ ଏକ କପାଳ ଏବଂ ଏକ କଟା ମୁଣ୍ଡ ଧରିଛନ୍ତି। ବାଲିହରଚଣ୍ଡୀ ମନ୍ଦିର ହେଉଛି ଓଡ଼ିଶା ରାଜ୍ୟ ପ୍ରତ୍ନତତ୍ତ୍ୱର ଏକ ସଂରକ୍ଷିତ ସ୍ମାରକୀ ଏବଂ ଓଡ଼ିଶା ସରକାରଙ୍କ ଦେବୋତ୍ତର ବିଭାଗ ଅଧୀନରେ।

ଭାର୍ଗବୀ ନଦୀର ଆରମ୍ଭରେ ଅବସ୍ଥିତ ବାଲିହରାଚଣ୍ଡୀ ମନ୍ଦିର କେବଳ ଏକ ତୀର୍ଥସ୍ଥଳ ନୁହେଁ ବରଂ ଏକ ଦର୍ଶନୀୟ ସ୍ଥାନ ମଧ୍ୟ। ଏହି ସ୍ଥାନ ବାଲିଆ ବେଳାଭୂମି ଏବଂ ଭାର୍ଗବୀ ନଦୀର ସମୁଦ୍ର ସହିତ ମିଳନ ସ୍ଥାନ ପାଇଁ ମଧ୍ୟ ପ୍ରସିଦ୍ଧ। ଏହା ପ୍ରାକୃତିକ ବେଳାଭୂମିର ଉପଭୋଗ କରିବା ଏବଂ ଦିବ୍ୟ ଆଶୀର୍ବାଦ ଏବଂ ଅନନ୍ତ ଖୁସି ପାଇବା ପାଇଁ ଅନେକ ପର୍ଯ୍ୟଟକଙ୍କୁ ଆକର୍ଷିତ କରେ। ବେଳାଭୂମିର ସୂର୍ଯ୍ୟୋଦୟ ଏବଂ ସୂର୍ଯ୍ୟାସ୍ତ ଦୃଶ୍ୟ ପର୍ଯ୍ୟଟକଙ୍କ ପାଇଁ ଆଶ୍ଚର୍ଯ୍ୟଜନକ। ପର୍ଯ୍ୟଟକମାନେ ବାଲିହରାଚଣ୍ଡୀର ଶାନ୍ତ ଏବଂ ଶାନ୍ତ ସମୁଦ୍ର ବେଳାଭୂମିରେ ସୂର୍ଯ୍ୟସ୍ନାନର ମଧ୍ୟ ଆନନ୍ଦ ନେଇପାରିବେ। ଏହି ସ୍ଥାନର ପ୍ରାକୃତିକ ସୌନ୍ଦର୍ଯ୍ୟ ଗୋଷ୍ଠୀ ପିକନିକ୍ ପାଇଁ ଉପଯୁକ୍ତ। ଓଡ଼ିଶାର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳ ବାଲିହରାଚଣ୍ଡୀ ପରିଦର୍ଶନ କରିବା ଯୋଗ୍ୟ।



# ସାକ୍ଷୀଗୋପାଳ



ମନ୍ଦିର ଯାହା ସତ୍ୟବାଦୀ ଗୋପୀନାଥ ମନ୍ଦିର ନାମରେ ଔପଚାରିକ ଭାବରେ ଜଣାଶୁଣା, ଏହା ଓଡ଼ିଶାର ପୁରୀ ଭୁବନେଶ୍ୱର ରାଜପଥର ସାକ୍ଷୀଗୋପାଳରେ ଅବସ୍ଥିତ ଭଗବାନ ଗୋପୀନାଥଙ୍କୁ ସମର୍ପିତ ଏକ ମଧ୍ୟଯୁଗୀୟ ମନ୍ଦିର। ମନ୍ଦିରଟି କଳିଙ୍ଗ ସ୍ଥାପତ୍ୟ ଶୈଳୀରେ ନିର୍ମିତ।

## ଉତ୍ପତ୍ତି:-

ସତ୍ୟବାଦୀ ଗୋପୀନାଥଙ୍କ ବାର୍ଷିକ ଚନ୍ଦନ ଯାତ୍ରା ଉତ୍ସବ ନେଇ କୁହାଯାଏ ଯେ ଗ୍ରାମର ଜଣେ ଗରିବ ଯୁବକ, ଯାହା ପରେ ସାକ୍ଷୀଗୋପାଳ ନାମରେ ନାମିତ ହୋଇଥିଲା, ସେ ଗ୍ରାମ ମୁଖିଆଙ୍କ ଝିଅକୁ ପ୍ରେମ କରି ପଡିଥିଲେ। କିନ୍ତୁ, ଉଚ୍ଚ ଆର୍ଥିକ ସ୍ଥିତିର ହୋଇଥିବାରୁ, ମୁଖିଆ ଏହି ଯୁବକ ଏବଂ ତାଙ୍କ ଝିଅ ମଧ୍ୟରେ ବିବାହକୁ ବିରୋଧ କରିଥିଲେ। ମୁଖିଆ ଏବଂ ଯୁବକଙ୍କ ସମେତ ଗ୍ରାମବାସୀମାନେ ବୃନ୍ଦାବନ ତୀର୍ଥଯାତ୍ରାରେ ଯାଇଥିଲେ। ଗ୍ରାମର ମୁଖିଆ ଅସୁସ୍ଥ ହୋଇ ପଡ଼ିଥିଲେ ଏବଂ ତାଙ୍କ ସହକର୍ମୀମାନେ ତାଙ୍କୁ ପରିତ୍ୟକ୍ତ କରିଥିଲେ। ଯୁବକ ଜଣକ ତାଙ୍କର ଏତେ ଭଲ ସେବା କରିଥିଲେ ଯେ ସେ ଶୀଘ୍ର ସୁସ୍ଥ ହୋଇଗଲେ, ଏବଂ କୃତଜ୍ଞତା ଜଣାଇ ତାଙ୍କ ଝିଅକୁ ଯୁବକଙ୍କ ସହିତ ବିବାହ ଦେବାକୁ ପ୍ରତିଶ୍ରୁତି ଦେଲେ। ସେମାନେ ଗାଁକୁ ଫେରିବା ମାତ୍ରେ, ମୁଖିଆ ତାଙ୍କ ପ୍ରତିଶ୍ରୁତିରୁ ଓହରିଗଲେ, ଯୁବକଙ୍କୁ ତାଙ୍କ ଦାବିର ସମର୍ଥନରେ ଜଣେ ସାକ୍ଷୀ ଉପସ୍ଥାପନ କରିବାକୁ କହିଲେ। ଯୁବକଙ୍କ ଭକ୍ତିରେ ପ୍ରଭାବିତ ହୋଇ ଭଗବାନ ଗୋପାଳ ପ୍ରତିଶ୍ରୁତିର ସାକ୍ଷ୍ୟ ଦେବାକୁ ରାଜି ହେଲେ ଏବଂ ଗୋଟିଏ ସର୍ତ୍ତରେ କହିଲେ: ଯୁବକ ଜଣକ ପଥ ଦେଖାଇବେ, ଏବଂ ସେ ଅନୁସରଣ କରିବେ। କିନ୍ତୁ ଯୁବକଙ୍କୁ କେବେ ପଛକୁ ଚାହିଁବେ ନାହିଁ। ସେ ବାଲିର ଏକ ଢିପ ଦେଇ ଗାଁକୁ ପଥ ଦେଖାଇଲେ। ସେମାନେ ପାର ହେବା ସମୟରେ, ବ୍ୟକ୍ତି ଜଣକ ପ୍ରଭୁଙ୍କ ପାଦ ଶବ୍ଦ ଶୁଣିପାରିଲେ ନାହିଁ ଏବଂ ପଛକୁ ଫେରିଗଲେ। ତୁରନ୍ତ ପ୍ରଭୁ ସେହି ସ୍ଥାନରେ ମୂକ ପଥର ପ୍ରତିମାରେ ପରିଣତ ହେଲେ। ଗ୍ରାମବାସୀମାନେ ଏପର୍ଯ୍ୟନ୍ତ ଏତେ ପ୍ରଭାବିତ ହୋଇଥିଲେ ଯେ ସ୍ୱୟଂ ଭଗବାନ ଯୁବକଙ୍କ ଦାବିକୁ ସମର୍ଥନ କରିବାକୁ ଆସିଲେ ଯେ ଯୁବକମାନଙ୍କ ବିବାହ କରାଯାଇଥିଲା; ପରେ ସେମାନଙ୍କୁ ଭଗବାନ ଗୋପାଳଙ୍କ ସମ୍ମାନରେ ନିର୍ମିତ ମନ୍ଦିରର ପ୍ରଥମ ପୂଜାରୀ ଭାବରେ ନିଯୁକ୍ତ କରାଯାଇଥିଲା ଯିଏ ସାକ୍ଷ୍ୟ ଦେବାକୁ ଆସିଥିଲେ (ସଂସ୍କୃତରେ ସାକ୍ଷୀ ଭାବରେ ଜଣାଶୁଣା)।

## ବଜ୍ରନାଭ (କୃଷ୍ଣଙ୍କ ପ୍ରପୌତ୍ର)ଙ୍କ ଦ୍ୱାରା ନିର୍ମିତ ଦେବତା

ରାଜା ବଜ୍ରନାଭ (କୃଷ୍ଣଙ୍କ ପ୍ରପୌତ୍ର) କୃଷ୍ଣଙ୍କ ୧୬ ଦେବତା ଏବଂ ବ୍ରଜ ନାମକ ଏକ ବିରଳ, ଅବିନାଶୀ ପଥରରୁ ଖୋଦେଇ କରିଥିଲେ ଏବଂ ମଥୁରା ଏବଂ ଏହାର ଚାରିପାଖରେ ଏହି ଦେବତାମାନଙ୍କୁ ରଖିବା ପାଇଁ ମନ୍ଦିର ନିର୍ମାଣ କରିଥିଲେ ଯାହା ଦ୍ୱାରା ଭଗବାନ କୃଷ୍ଣଙ୍କ ଉପସ୍ଥିତି ଅନୁଭବ କରିପାରିବେ। ବ୍ରଜ ମଣ୍ଡଳର ଚାରି ଅଧିଷ୍ଠାତ୍ରୀ ଦେବତା ହେଉଛନ୍ତି ଗୋବର୍ଦ୍ଧନର ଶ୍ରୀ ହରିଦେବ, ମଥୁରାର ଶ୍ରୀ କେଶବ ଦେବ, ବଳଦେବର ଶ୍ରୀ ବଳଦେବ ଏବଂ ବୃନ୍ଦାବନର ଗୋବିନ୍ଦଜୀ। ଦୁଇ ଜଣ ନାଥ ଅଛନ୍ତି - ଶ୍ରୀ ନାଥଜୀ, ଯିଏ ମୂଳତଃ ଗୋବର୍ଦ୍ଧନରେ ଥିଲେ ଏବଂ ବର୍ତ୍ତମାନ ରାଜସ୍ଥାନର ନାଥଦ୍ୱାରରେ ଅଛନ୍ତି, ଏବଂ ଶ୍ରୀ ଗୋପୀନାଥ, ଯିଏ ବର୍ତ୍ତମାନ ଜୟପୁରରେ ଅଛନ୍ତି। ଦୁଇ ଗୋପାଳ ହେଉଛନ୍ତି ଶ୍ରୀ ମଦନ ମୋହନ, ଯିଏ ବର୍ତ୍ତମାନ କରୋଲି ରାଜସ୍ଥାନରେ ଅବସ୍ଥିତ, ଏବଂ ସାକ୍ଷୀଗୋପାଳ, ଯିଏ ବର୍ତ୍ତମାନ ପୁରୀ ନିକଟସ୍ଥ ଓଡ଼ିଶାର ସାକ୍ଷୀଗୋପାଳ ସହରରେ ସ୍ଥାନାନ୍ତରିତ। ସାକ୍ଷୀଗୋପାଳ ମନ୍ଦିରରେ ଖାଦ୍ୟ ନୈବେଦ୍ୟ ଚାଉଳ ପରିବର୍ତ୍ତେ ଗହମରୁ ପ୍ରସ୍ତୁତ ହୋଇଥାଏ। ଏହା ସାରା ବିଶ୍ୱରେ ଥିବା ବିଷ୍ଣୁ ମନ୍ଦିରର ପୂଜା ପ୍ରକ୍ରିୟା ମଧ୍ୟରେ ଏକ ଅସାଧାରଣ ନୈବେଦ୍ୟ, ଯାହାକୁ ପ୍ରସାଦ କୁହାଯାଏ।





ବ୍ରଜ ମଣ୍ଡଳର ଚାରି ଅଧିଷ୍ଠାତ୍ରୀ ଦେବତା ହେଉଛନ୍ତି ଗୋବର୍ଦ୍ଧନର ଶ୍ରୀ ହରିଦେବ, ମଥୁରାର ଶ୍ରୀ କେଶବ ଦେବ, ବଳଦେବର ଶ୍ରୀ ବଳଦେବ ଏବଂ ବୃନ୍ଦାବନର ଗୋବିନ୍ଦଜୀ। ଦୁଇ ଜଣ ନାଥ ଅଛନ୍ତି - ଶ୍ରୀ ନାଥଜୀ, ଯିଏ ମୂଳତଃ ଗୋବର୍ଦ୍ଧନରେ ଥିଲେ ଏବଂ ବର୍ତ୍ତମାନ ରାଜସ୍ଥାନର ନାଥଦ୍ୱାରରେ ଅଛନ୍ତି, ଏବଂ ଶ୍ରୀ ଗୋପୀନାଥ, ଯିଏ ବର୍ତ୍ତମାନ ଜୟପୁରରେ ଅଛନ୍ତି।

# ଭଗବାନଙ୍କ ପଥ

'ମୋର ପଥ' କହି କରି ଗୀତାରେ ଭଗବାନ ଶ୍ରୀକୃଷ୍ଣ ସେହି ଶ୍ରେଷ୍ଠ ପଥକୁ ସଚେତନ କରିଥାନ୍ତି, ଯାହାକୁ ଅନୁସରଣ କରି ସାଧାରଣ ମାନବ ମଧ୍ୟ ଶ୍ରେଷ୍ଠତାକୁ ପ୍ରାପ୍ତ କରିପାରିବ । ଏହି ପଥ ସଦାଚାରର ପଥ ଅଟେ ଆଉ ଭଗବାନଙ୍କ ପଥ ଅଟେ । ଶ୍ରୀକୃଷ୍ଣ ଏହି ଉପଦେଶ ଅର୍ଜୁନଙ୍କୁ ଦେଇ କେବଳ ଅଧ୍ୟାତ୍ମ ସତ୍ୟକୁ ପ୍ରକଟ କରୁନାହାନ୍ତି ତଥା ସମଗ୍ର ମାନବ ସମାଜକୁ ଏମିତି ଜୀବନ-ଦୃଷ୍ଟି ଦେଇଛନ୍ତି, ଯାହା ଯୁଗାତୀତ ଆଉ ସର୍ବଜୀବ ହିତ ପାଇଁ ଅଟେ । ସେ ପୂର୍ବରୁ ମଧ୍ୟ କହିଛନ୍ତି ଯେ ଶ୍ରେଷ୍ଠ ପୁରୁଷ ଯେମିତି ଆଚରଣ କରିଥାଏ,ଅନ୍ୟ ଲୋକ ମଧ୍ୟ ତାହାକୁ ଆଚରଣ କରିଥାନ୍ତି । ଏଠାରେ 'ଶ୍ରେଷ୍ଠ' ଶବ୍ଦ କେବଳ ପଦ, ପ୍ରତିଷ୍ଠା କିମ୍ବା ଶକ୍ତିରେ ନୁହେଁ ଏହା ଆଚରଣ, ମୂଲ୍ୟ ଆଉ ଦୃଷ୍ଟିକୋଣର ଉଚ୍ଚରୁ ଜଡ଼ିତ ଥାଏ । ଯେତିକି ବେଳେ କୌଣସି ବ୍ୟକ୍ତି ନିଜର ଜୀବନରେ ନୈତିକତା, ନିଷ୍ଠା ଆଉ ସେବାକୁ ଅଗ୍ରାଧିକାର ଦେଇଥାଏ,ତାହା କେବଳ ନିଜ ପାଇଁ ରହିଯାଏ ନାହିଁ, ତାହା ଅଜାଣତରେ ଗୋଟିଏ ଦିଶା,ଆଦର୍ଶ,ମାର୍ଗ ପ୍ରସ୍ତୁତ କରି ଚାଲିଥାଏ । ଯାହାକୁ ଦେଖିକରି ଆଗାମୀ ପିଢ଼ି ପ୍ରେରଣା ନେଇ ପାରିବେ । ମହାତ୍ମାଗାନ୍ଧୀ ସତ୍ୟ ଆଉ ଅହିଂସାକୁ ଜୀବନର ମୂଳ ବନେଇ ଥିଲେ ଆଉ କୋଟି-କୋଟି ଲୋକ ତାଙ୍କ ପାଖରେ ସେନା ହୋଇଗଲେ । କିନ୍ତୁ ତାଙ୍କର ପଥର ସତ୍ୟତା ଆଉ ନୈତିକତା ଜନ ସମାଜକୁ ଏମିତି ସ୍ପର୍ଶ କଲା ଯେ ଗୋଟିଏ ସମଗ୍ର ସଭ୍ୟତାର ଦିଶା ବଦଳି ଗଲା । ସେ ଚରକ ଚଳେଇଲେ,ଖଦି ବସ୍ତ୍ର ପିନ୍ଧିଲେ ଆଉ ପୂରା ଦେଶ ତାଙ୍କର ଅନୁସରଣ କଲେ । ଭଗବାନ ଶ୍ରୀରାମ ବନବାସ ସ୍ୱୀକାର କଲେ କାହିଁକି ଧର୍ମର ପାଳନ କରିବାକୁ ଚାହୁଁଥିଲେ । ରାଜା ହୋଇକରି ମଧ୍ୟ ତ୍ୟାଗ ଆଉ ମର୍ଯ୍ୟାଦାର ପଥ ଉପରେ ଚାଲି କରି ଆଜି ବହୁ ଯୁଗ ପରେ ମଧ୍ୟ ଲୋକେ ତାଙ୍କୁ 'ମର୍ଯ୍ୟାଦା ପୁରୁଷୋତ୍ତମ' ମାନିକରି ତାଙ୍କ ପଥ ଉପରେ ଚାଲିବାର ଗୌରବ ବୋଲି ମାନିଥାନ୍ତି । ସନ୍ଥଙ୍କ ଜୀବନରେ ମଧ୍ୟ ଏହି ସତ୍ୟ ବାରମ୍ବାର ପ୍ରକଟ ହୋଇଥାଏ । ସେଥିପାଇଁ ପ୍ରତ୍ୟେକ ମନୁଷ୍ୟକୁ ସ୍ମରଣ ରଖିବା ଦରକାର କି 'କଣ ମୋର ଜୀବନ ଏମିତି ଅଟେ, ଯାହାକୁ ଦେଖିକରି କିଏ ଶିଖି ପାରିବ' ? ମହନ୍ତ ସ୍ୱାମୀ ମହାରାଜ ଏହି କଥାର ମର୍ମ ବୁଝେଇଛନ୍ତି କି ଯେବେ ଆପଣ ସତ୍ୟ,ଧର୍ମ ଆଉ ସେବାର ପଥରେ ଚାଲିଥାନ୍ତି,ଆପଣ ଏକୁଟିଆ ଚାଲି ନାହାନ୍ତି! ଆପଣଙ୍କର ପଦ ଚିହ୍ନରେ ସମାଜର ଆଶା,ପିଲାଙ୍କ ଭବିଷ୍ୟ ଆଉ ଆସୁଥିବା ଯୁଗର ଦିଶା ଯୋଡି ହୋଇ ରହିଥାଏ । ସେଥିପାଇଁ ନିଜ ଜୀବନରେ ସର୍ବଦା.. ଉନ୍ନତ ସ୍ତରର ଜୀଇଁବାର ପ୍ରୟାସ କରିବା ଦରକାର ।

***ପ୍ରତ୍ୟେକ ମନୁଷ୍ୟକୁ ସ୍ମରଣ ରଖିବା ଦରକାର କି 'କଣ ମୋର ଜୀବନ ଏମିତି ଅଟେ, ଯାହାକୁ ଦେଖିକରି କିଏ ଶିଖି ପାରିବ' ? ମହନ୍ତ ସ୍ୱାମୀ ମହାରାଜ ଏହି କଥାର ମର୍ମ ବୁଝେଇଛନ୍ତି କି ଯେବେ ଆପଣ ସତ୍ୟ,ଧର୍ମ ଆଉ ସେବାର ପଥରେ ଚାଲିଥାନ୍ତି,ଆପଣ ଏକୁଟିଆ ଚାଲି ନାହାନ୍ତି! ଆପଣଙ୍କର ପଦ ଚିହ୍ନରେ ସମାଜର ଆଶା,ପିଲାଙ୍କ ଭବିଷ୍ୟ ଆଉ ଆସୁଥିବା ଯୁଗର ଦିଶା ଯୋଡି ହୋଇ ରହିଥାଏ ।***





# ଦ୍ୱାରକାଧୀଶ ମନ୍ଦିର



ଦ୍ୱାରକାଧୀଶ ମନ୍ଦିର, ଯାହାକୁ ଜଗତ ମନ୍ଦିର ଭାବରେ ମଧ ଜଣାଶୁଣା ଏବଂ କେତେକ ସମୟରେ ଦ୍ୱାରକାଧୀଶ ବୋଲି ଲେଖାଯାଏ, ଏହା କୃଷ୍ଣଙ୍କୁ ସମର୍ପିତ ଏକ ହିନ୍ଦୁ ମନ୍ଦିର, ଯାହାଙ୍କୁ ମନ୍ଦିରରେ ଦ୍ୱାରକାଧୀଶ କିମ୍ବା 'ଦ୍ୱାରକାର ରାଜା' ନାମରେ ପୂଜା କରାଯାଏ। ଏହି ମନ୍ଦିର ଭାରତର ଗୁଜରାଟର ଦ୍ୱାରକା ସହରରେ ଅବସ୍ଥିତ, ଯାହା ଚାରିଧାମ, ଏକ ହିନ୍ଦୁ ତୀର୍ଥ ପରିକ୍ରମାର ଗନ୍ତବ୍ୟସ୍ଥଳ ମଧ୍ୟରୁ ଗୋଟିଏ। ୭୨ ଟି ସ୍ତମ୍ଭ ଦ୍ୱାରା ସମର୍ଥନ କରାଯାଇଥିବା ପାଞ୍ଚ ମହଲା ବିଶିଷ୍ଟ କୋଠାର ମୁଖ୍ୟ ମନ୍ଦିରକୁ ଜଗତ ମନ୍ଦିର କିମ୍ବା ନିଜ ମନ୍ଦିର ଭାବରେ ଜଣାଶୁଣା। ହିନ୍ଦୁ କିମ୍ବଦନ୍ତୀ ଅନୁସାରେ, ଦ୍ୱାରକା କୃଷ୍ଣଙ୍କ ଦ୍ୱାରା ସମୁଦ୍ରରୁ ଉଦ୍ଧାର କରାଯାଇଥିବା ଏକ ଭୂମିରେ ନିର୍ମିତ ହୋଇଥିଲା। ମହାଭାରତ ଅନୁସାରେ, ଋଷି ଦୁର୍ବାସା ଥରେ କୃଷ୍ଣ ଏବଂ ତାଙ୍କ ପତ୍ନୀ ରୁକ୍ମିଣୀଙ୍କୁ ଭେଟିଥିଲେ। ଋଷି ଇଚ୍ଛା କରିଥିଲେ ଯେ ଏହି ଯୋଡି ତାଙ୍କୁ ସେମାନଙ୍କ ପ୍ରାସାଦକୁ ନେଇଯାଆନ୍ତୁ, ସେମାନେ ତାଙ୍କ ରଥକୁ ଘୋଡା ପରି ଟାଣିବାକୁ ଦାବି କରି। ଏହି ଯୋଡି ରାଜି ହୋଇଗଲେ ଏବଂ ଋଷିଙ୍କୁ ବହନ କରିବାକୁ ଆରମ୍ଭ କଲେ, ଯେତେବେଳେ ରୁକ୍ମିଣୀ ପଡ଼ିଗଲେ ସେତେବେଳେ ସେ ଆଘାତ କଲେ। କିଛି ଦୂର ପରେ, ସ୍ଥାନୀୟ ପରମ୍ପରା ଅନୁସାରେ, ରୁକ୍ମିଣୀ କ୍ଳାନ୍ତ ହୋଇଗଲେ ଏବଂ ସେ କୃଷ୍ଣଙ୍କଠାରୁ କିଛି ପାଣି ମାଗିଲେ। କୃଷ୍ଣ ତାଙ୍କ ଶକ୍ତି ସାହାଯ୍ୟରେ ଗଙ୍ଗା ନଦୀକୁ ସେହି ସ୍ଥାନରେ ପ୍ରବେଶ କରାଇ ଏକ ଗାତ ଖୋଳିଲେ। ଦୁର୍ବାସା କ୍ରୋଧିତ ହୋଇ ରୁକ୍ମିଣୀଙ୍କୁ ସେହି ସ୍ଥାନରେ ରହିବାକୁ ଅଭିଶାପ ଦେଲେ। ଯେଉଁ ମନ୍ଦିରରେ ରୁକ୍ମିଣୀଙ୍କ ମନ୍ଦିର ଅବସ୍ଥିତ, ସେହି ମନ୍ଦିରକୁ ସେ ଠିଆ ହୋଇଥିବାର ବିଶ୍ୱାସ କରାଯାଏ। ମହାକାବ୍ୟରେ, ଦିବ୍ୟ ଦମ୍ପତିଙ୍କ କୌଣସି ଦୋଷ ନ ପାଇ, ଦୁର୍ବାସା କୃଷ୍ଣଙ୍କୁ ତାଙ୍କ ପାଦତଳ ବ୍ୟତୀତ ଅନ୍ୟ ସବୁଠାରେ ଅପରାଜିତା ହେବାର ଆଶୀର୍ବାଦ ଦେଇଥିଲେ, ଏବଂ ଘୋଷଣା କରିଥିଲେ ଯେ ରୁକ୍ମିଣୀ ଦେବତାଙ୍କ ପତିମାନଙ୍କ ମଧ୍ୟରୁ ସର୍ବୋଚ୍ଚ ହେବେ ଏବଂ ପରବର୍ତ୍ତୀ ଲୋକରେ ମଧ ତାଙ୍କର ଚିରସହଚରୀ ହେବେ।



# ଜଗନ୍ନାଥଙ୍କର ଉତ୍ପତ୍ତି

ଐତିହାସିକ ପରମ୍ପରା ଅନୁଯାୟୀ, ଜଗନ୍ନାଥଙ୍କର ଉତ୍ପତ୍ତି ଏକ ଆଦିବାସୀ ଦେବତା ଭାବରେ ହୋଇଛି ବୋଲି ବିଶ୍ୱାସ କରାଯାଏ ଯାହାଙ୍କୁ ଭିଲ ଏବଂ ଶବର ସମ୍ପ୍ରଦାୟ ନାରାୟଣଙ୍କ ଏକ ରୂପ ଭାବରେ ପୂଜା କରନ୍ତି। ଅନ୍ୟ ଏକ କିମ୍ବଦନ୍ତୀ ତାଙ୍କୁ ନୀଳମାଧବ ଭାବରେ ଚିହ୍ନିତ କରେ, ନାରାୟଣଙ୍କ ଏକ ନୀଳ ପଥର ପ୍ରତିମା ଯାହା ଏହି ଆଦିବାସୀ ଗୋଷ୍ଠୀ ଦ୍ୱାରା ପୂଜା କରାଯାଉଥିଲା। ତାଙ୍କୁ ନୀଳଗିରି, ନୀଳ ପର୍ବତ, କିମ୍ବା ନୀଳାଚଳକୁ ଅଣାଯାଇଥିଲା ଏବଂ ସେଠାରେ ବଳଭଦ୍ର ଏବଂ ସୁଭଦ୍ରାଙ୍କ ସହିତ ଜଗନ୍ନାଥ ଭାବରେ ସ୍ଥାପନ କରାଯାଇଥିଲା। ଜଗନ୍ନାଥ ମନ୍ଦିରରେ କାଠ ପ୍ରତିମା ପୂଜାର ବନବାସୀ କିମ୍ବା ବନବାସୀମାନଙ୍କ ସହିତ ଏକ ଦୂର ସମ୍ପର୍କ ଥିବା ଦାବି କରାଯାଏ, ଯେଉଁମାନେ ପାରମ୍ପରିକ ଭାବରେ କାଠ ଖମ୍ବ ପୂଜା କରନ୍ତି। କିଛି ମନ୍ଦିର ରୀତିନୀତି ପାଳନ ପାଇଁ ଦାୟୀ ଦଇତାପତିମାନଙ୍କୁ ଓଡ଼ିଶାର ପାହାଡିଆ ଜନଜାତିର ବଂଶଧର ବୋଲି ଦାବି କରାଯାଏ ଏବଂ ସେମାନେ ଜଗନ୍ନାଥଙ୍କ ସହିତ ଘନିଷ୍ଠ ଭାବରେ ଜଡିତ ବୋଲି ମଧ ବିଶ୍ୱାସ କରାଯାଏ। ଓଡ଼ିଶାର ସାଂସ୍କୃତିକ ରାଜଧାନୀ ଭାବରେ ବିବେଚିତ ଶ୍ରୀକ୍ଷେତ୍ରର ସାଂସ୍କୃତିକ ଇତିହାସ ହିନ୍ଦୁ ଜନଜାତିର ପରମ୍ପରାରୁ ଜଣାପଡ଼େ। ଏହି ତିନି ଦେବତାଙ୍କୁ ସମ୍ୟକ୍ ଦର୍ଶନ, ସମ୍ୟକ୍ ଜ୍ଞାନ ଏବଂ ସମ୍ୟକ୍ ଚରିତର ପ୍ରତୀକ ଭାବରେ ବିବେଚନା କରାଯାଇଥିଲା, ଯାହାକୁ ମିଳିତ ଭାବରେ ରତ୍ନତ୍ରୟ କୁହାଯାଏ, ଏହା ଜୈନ ସଂସ୍କୃତିର ତ୍ରିମଣି, ଯାହାଙ୍କ ସମନ୍ୱୟ ସର୍ବଜ୍ଞତା ଏବଂ ମୋକ୍ଷ ଆଡ଼କୁ ନେଇଯାଏ ବୋଲି ବିଶ୍ୱାସ କରାଯାଏ।



## ସ୍ୱାସ୍ଥ୍ୟକର୍ମୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

କୃଷ୍ଣପ୍ରସାଦ,(ନି ପ୍ର): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ତିତିପ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଦୀର୍ଘ ତିନି ଦଶନ୍ଧି ଧରି କାର୍ଯ୍ୟ କରୁଥିବା ମହିଳା ସ୍ୱାସ୍ଥ୍ୟ କର୍ମୀ ପ୍ରଭାତନଳିନୀ ଦୀକ୍ଷିତଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ତିତିପ ସ୍ୱାସ୍ଥ୍ୟ କେନ୍ଦ୍ର ଚିକିତ୍ସା ଅଧିକାରୀ ଡା. ଗଗନ ବିଶ୍ୱାଳଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଚିଲିକା ନୂଆପଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପ୍ରାକ୍ତନ ଚିକିତ୍ସା ଅଧିକାରୀ ଡା ସନ୍ତୋଷ କୁମାର ବେହେରା ଯୋଗଦେଇଥିଲେ । ବିଦାୟୀ ସ୍ୱାସ୍ଥ୍ୟ କର୍ମୀଙ୍କୁ ଉପଢୌକନ ପୁଷ୍ପଗୁଚ୍ଛ ପ୍ରଦାନ କରାଯିବା ସହ ତାଙ୍କର କାର୍ଯ୍ୟ ଦକ୍ଷତା, ସମୟାନୁବର୍ତ୍ତିତା, ନିଷ୍ଠାପରତା ଓ ସମସ୍ତଙ୍କ ପ୍ରତି ସ୍ନେହ ଶ୍ରଦ୍ଧା ଉପରେ ଆଲୋଚନା କରିବା ସହିତ ଅବଶିଷ୍ଟ ଜୀବନ ଖୁସିରେ ଅତିବାହିତ ହେବାକୁ ପ୍ରାର୍ଥନା କରିଥିଲେ । ଏହି କାର୍ଯ୍ୟକ୍ରମରେ ତିତିପ ଏବଂ ଗୋମୁଣ୍ଡିଆ ପଞ୍ଚାୟତ ଅଧିନ ସମସ୍ତ ଅଙ୍ଗନବାଡି, ଆଶା କର୍ମୀ ସମେତ ଫାର୍ମାସିଷ୍ଟ ତପନ କୁମାର ତରେଇ, ବିଭୁତି ଭୂଷଣ ବିଶ୍ୱାଳ, ଜିତେନ୍ଦ୍ର କୁମାର ସେଠୀ, ଦେବାଶିଷ ବାରିକୀ, ପିଙ୍କି ଜେନା, ସତ୍ୟଭାମା ଘଡେଇ ପ୍ରମୁଖ ସ୍ୱାସ୍ଥ୍ୟ କେନ୍ଦ୍ର କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

## ଉଚ୍ଚ ବିଦ୍ୟାଳୟରେ ଚକ୍ଷୁ ଚିକିତ୍ସା ଶିବିର

ମାର୍ଶାଘାଇ,(ନି.ପ୍ର): ବଜ୍ର ମହାକାଳୀ ଉଚ୍ଚ ବିଦ୍ୟାଳୟ, ବଡକୁଳ ଠାରେ ସୁରେନ୍ଦ୍ରସାଏ ଦିବ୍ୟ ଦୃଷ୍ଟି ଯୋଜନାରେ ଏକଦିବସୀୟ ମଣ୍ଡଳସ୍ତରୀୟ ଚକ୍ଷୁ ଚିକିତ୍ସା ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଗୋଷ୍ଠୀ ସମ୍ବଳ ଶିକ୍ଷକ ଶ୍ରୀଧର ଭୋଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଚେତନତା ସଭାରେ ବଡକୁଳ ପଞ୍ଚାୟତର ସରପଞ୍ଚ ପ୍ରଜ୍ଞା ପାରମିତା କର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବାବେଳେ ସିଆରସିସି ନମିତା ରଥ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅନାଦି ପ୍ରସାଦ ରାଉତ, ସାମ୍ବାଦିକ ପ୍ରମୋଦ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ । ପ୍ରଧାନଶିକ୍ଷକ ଚକ୍ରଧର ପରିଡ଼ାଙ୍କ ସଂଯୋଜନାରେ ଅନୁଷ୍ଠିତ ଚକ୍ଷୁ ପରୀକ୍ଷା କାର୍ଯ୍ୟକ୍ରମରେ ଚକ୍ଷୁ ବିଶେଷଜ୍ଞ ମନୋରଞ୍ଜନ ବେହେରା, ପ୍ରତାପ କୁମାର ମହାପାତ୍ର ଓ ଶର୍ମିଷ୍ଠା ଯାଦବ ଯୋଗ ଦେଇ ୨୧୧ ଜଣ ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା କରିଥିଲେ । ସେଥିମଧ୍ୟରୁ ୫୨ ଜଣ ଛାତ୍ରଛାତ୍ରୀଙ୍କର ଚଷମା ଆବଶ୍ୟକ ହୋଇଥିବା ବେଳେ ୪ ଜଣ ଶିକ୍ଷାର୍ଥୀଙ୍କୁ ଚକ୍ଷୁର ଉଚ୍ଚ ଚିକିତ୍ସା ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ରେଫର କରାଯାଇଛି । ଏହି ଶିବିରରେ ବଡକୁଳ, କରଞ୍ଜ ଓ ଜୟଚନ୍ଦ୍ରପୁର ପଞ୍ଚାୟତ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟ ଗୁଡ଼ିକରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିଲା ।

## ସ୍କାଉଟ ଗାଇଡ୍ ରାଜ୍ୟପାଳ ପୁରସ୍କାର ପରୀକ୍ଷା



ଆସିକା(ନିପ୍ର): ଭାରତ ସ୍କାଉଟ ଗାଇଡ୍ ରାଜ୍ୟ ମୁଖ୍ୟ କମିଶନର ଡ଼ କାଳୀ ପ୍ରସାଦ ମିଶ୍ରଙ୍କ ନିର୍ଦ୍ଦେଶ ଗଞ୍ଜାମ ଜିଲ୍ଲା ସ୍କାଉଟ ଗାଇଡ୍ ଜିଲ୍ଲା ସମ୍ପାଦକ ଭାଗିରଥି ସ୍ୱାଇଁଙ୍କ ପ୍ରତ୍ୟେକ୍ଷ୍ୟ ତତ୍ତ୍ୱାବଧାନ ସ୍କାଉଟ ମାଷ୍ଟର କମଳେନ୍ଦୁ ହୋତାଙ୍କ ସଂଯୋଜନାରେ ଜିଲ୍ଲାସ୍ତରୀୟ ରାଜ୍ୟପାଳ ପୁରସ୍କାର ପ୍ରାକ୍ଟିକାଲ ପରୀକ୍ଷା ଆସିକା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ପର୍ଯ୍ୟାୟରେ ସ୍କାଉଟ ଗାଇଡ୍ ମାନଙ୍କ ଦ୍ୱାରା ସ୍କାଉଟ ପତାକା ଉତ୍ତୋଳନ କରାଯାଇଥିଲା ଏହା ପରେ ସ୍କାଉଟ ଗାଇଡ୍ ରାଜ୍ୟ କାର୍ଯ୍ୟାଳୟ ଭୁବନେଶ୍ୱରରୁ ପରୀକ୍ଷକ ଭାବେ ଆସିଥିବା ରାଜ୍ୟ ସହକାରୀ ତାଲିମ କମିଶନର ସୌମ୍ୟା ପାଇକରାୟ,ଫକୀର ମୋହନ ଜେନା, ଅବିନାଶ ଗଡ଼ନାୟକ ସ୍କାଉଟ ଓ ଗାଇଡ୍ ମାନଙ୍କ ଲଗ ବୁକ, ରେକର୍ଡ ବୁକ, ଟେଷ୍ଟ କାର୍ଡ, ସି ଡି ପ୍ରୋଜେକଟ ଆଦି ନିରୀକ୍ଷଣ କରିଥିଲା ବେଳେ ଜିଲ୍ଲା ତାଲିମ କମିଶନର ସ୍କାଉଟ ବିକ୍ରମ କୁମାର ମହାରଣା, ଜିଲ୍ଲା ସହକାରୀ ତାଲିମ କମିଶନର ଗାଇଡ୍ କାଦମ୍ବିନୀ ହୋତା, ଜିଲ୍ଲା ପ୍ରତିନିଧି ସ୍କାଉଟ ଭାସ୍କର ରଣା, ରାଜେଶ କୁମାର ପାତ୍ର, ଏମ. ଶ୍ରୀନୁ ପାତ୍ର ପ୍ରମୁଖ ସହଯୋଗ କରିଥିଲେ ।

## ପଶ୍ଚିମେଶ୍ୱର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବୋଲଗଡ଼,(ନିପ୍ର): ବୋଲଗଡ ଶିକ୍ଷା ବ୍ଲକ ସ୍ଥିତ ତାଳତୁମ୍ବ ପଶ୍ଚିମେଶ୍ୱର ଦେବ ସରକାରୀ ଉଚ୍ଚ ବିଦ୍ୟାଳୟ ଆନୁକୂଲ୍ୟରେ ଓ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ପ୍ରଣତିସିଂଙ୍କ ଆବାହକତ୍ୱରେ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ମଙ୍ଗବାର ଦିନ ଅନୁଷ୍ଠିତ ହୋଇଯାଇଛି । ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଉଦଘାଟନୀ ଉତ୍ସବରେ ପ୍ରଧାନ ଶିକ୍ଷୟିତ୍ରୀ ପ୍ରଣତି ସିଂଙ୍କ ସଭାପତିତ୍ୱରେ ମୁଖ୍ୟଅତିଥିଭାବେ ବୋଲଗଡ ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ମୁଖ୍ୟବକ୍ତାଭାବେ ବୋଲଗଡ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ସ୍ୱାଇଁ. ସମ୍ମାନିତ ଅତିଥି ଭାବେ ଗୋପାଳପୁର ସରପଞ୍ଚ ପ୍ରଦୀପ କୁମାର ବାରିକ, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ହରିବନ୍ଧୁ ତ୍ରିପାଠ. ପୁରୁଷୋତ୍ତମ ବେହେରା ପ୍ରମୁଖ ଯୋଗଦେଇଥିଲେ ।

# ଫଟେଗଡ- ଖଣ୍ଡପଡ଼ା ରାସ୍ତା ହେବ ସଂପ୍ରସାରଣ: ଜବରଦଖଲ ଉଚ୍ଛେଦ ଅଭିଯାନ ଆରମ୍ଭ



ଖଣ୍ଡପଡ଼ା,(ନି.ପ୍ର): ଗତ ୨ ବର୍ଷ ତଳୁ ଖଣ୍ଡପଡ଼ା ସହରର ତ୍ରିନାଥ ଛକରୁ ଭାପୁର ବଜାର ଦେଇ ଫତେଗଡ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାର ସଂପ୍ରସାରଣ କାର୍ଯ୍ୟ ପୂର୍ତ୍ତବିଭାଗ ପକ୍ଷରୁ ଆରମ୍ଭ ହୋଇଛି । ତେବେ ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱସ୍ଥ ଜାଗା ବର୍ଷ ବର୍ଷ ଧରି ଜବରଦଖଲକାରୀଙ୍କ କବଜାରେ ରହିଥିବାରୁ ରାସ୍ତା ସଂପ୍ରସାରଣରେ ସମସ୍ୟା ସୃଷ୍ଟି ହେବା ପରେ ସରକାରୀ ଜାଗାରୁ ଜବରଦଖଲ ଉଚ୍ଛେଦ ନିମନ୍ତେ ଖଣ୍ଡପଡ଼ା ତହସିଲ ପ୍ରଶାସନ ପକ୍ଷରୁ ସମସ୍ତଙ୍କୁ ନୋଟିସ ପଠାଯାଇଥିଲା । ମାତ୍ର ଜବରଦଖଲକାରୀମାନେ ନିର୍ଦ୍ଧାରିତ ସମୟରେ ରାସ୍ତା ପାର୍ଶ୍ୱସ୍ଥିତ ସରକାରୀ ଜାଗାରୁ ନ ହଟିବା ପରେ ପୋଲିସ ଓ ପ୍ରଶାସନିକ ଅଧିକାରୀମାନଙ୍କ ଉପସ୍ଥିତିରେ ୨ ଟି ଜେସିବି ମେସିନ ଲଗାଇ ରାସ୍ତା ପାର୍ଶ୍ୱରୁ ବୁଧବାର ଜବରଦଖଲ ଉଚ୍ଛେଦ ଅଭିଯାନ ଆରମ୍ଭ ହୋଇଥିବା ପ୍ରଶାସନ ସୂତ୍ରରୁ ଜଣାପଡିଛି । ଖଣ୍ଡପଡ଼ା ତହସିଲଦାର ବିଶ୍ୱବିଶ୍ରୁତ ତ୍ରିପାଠୀଙ୍କ ଉପସ୍ଥିତରେ ବ୍ଲକ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଳାଷ,ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ମିଶ୍ର, ଖଣ୍ଡପଡ଼ା ପୂର୍ତ୍ତବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀ ରାଧେଶ୍ୟାମ କାଲୋ,ବରିଷ୍ଠ ଯନ୍ତ୍ରୀ ପ୍ରାଣକୃଷ୍ଣ ମହାପାତ୍ର,ଖଣ୍ଡପଡ଼ା ସଦର ରାଜସ୍ୱ ନିରୀକ୍ଷକ ବିଷ୍ଣୁପ୍ରିୟା ବେହେରାଙ୍କ ସମେତ ଜନସ୍ୱାସ୍ଥ୍ୟ ବିଭାଗ ଓ ତହସିଲ କର୍ମଚାରୀମାନେ ଉପସ୍ଥିତ ଥିଲେ । ପ୍ରଥମ ଦିବସରେ ୭ ରୁ ଉର୍ଦ୍ଧ୍ୱ ବାସଗୃହର ସମ୍ମୁଖ ଅଂଶ ଭଙ୍ଗା ଯାଇଥିବା ଜଣାପଡିଛି ।ଖଣ୍ଡପଡ଼ା ଥାନାଧିକାରୀ କୃତିବାସ ହରିଚନ୍ଦନ ସଦଳବଳେ ଘଟଣାସ୍ଥଳରେ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା ଦାୟୀତ୍ୱ ତୁଲାଇଥିଲେ ।ଆସନ୍ତାକାଲି ଗୁରୁବାର ବି ଜବରଦଖଲ ଉଚ୍ଛେଦ ଅଭିଯାନ ଜାରି ରହିବ ବୋଲି ପ୍ରଶାସନ ସୂତ୍ରରୁ ଜଣାପଡିଛି ।

## 'କାଡା'ନାଳ ନିର୍ମାଣ କାର୍ଯ୍ୟ ଆରମ୍ଭ ଚାଷୀ ଆଶ୍ୱସ୍ତ

କାକଟପୁର (ନିପ୍ର): ଚାଷୀମାନଙ୍କୁ ସଂଗଠିତ କରିବା ସହ ପାଣି ପଞ୍ଚାୟତ ମାଧ୍ୟମରେ ଚାଷୀ ଯେଭଳି ଜଳସେଚନ ସୁବିଧା ପାଇଁ ସ୍ୱାବଲମ୍ବୀ ହୋଇପାରିବେ ଏନେଇ ସରକାର କେନାଲ ଓ ଉଠା ଜଳସେଚନ ମାଧ୍ୟମରେ ଜଳସେଚନର ବ୍ୟବସ୍ଥା କରିଥିବା ବେଳେ ଢିପ ଜମିକୁ ଶସ୍ୟଶ୍ୟାମଳା କରିବା ପାଇଁ କଡାନାଳ ନିର୍ମାଣ ପାଇଁ ସରକାରୀ ଅନୁଦାନ ଯୋଗାଇ ଦେଉଛନ୍ତି । କାକଟପୁର ଜଳସେଚନ ବିଭାଗ ଅଧିନରେ ମୋଟ ୧୯ ଟି ପାଣି ପଞ୍ଚାୟତ ଥିବାବେଳେ ସେହି ପାଣିପାଞ୍ଚାୟତ ଗୁଡିକ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ୩ ଗୋଟି ପାଣିପଞ୍ଚାୟତର ସ୍ଥାନୀୟ ଅଞ୍ଚଳ ଚାଷୀଙ୍କୁ ନେଇ ବୈଠକ କରାଯିବା ପରେ ଚାଷୀଙ୍କ ମତାମତ ଓ ଦାବୀ ଅନୁଯାଇ କେତେକ ସ୍ଥାନରେ ନୂତନ କଡାନାଳ ନିର୍ମାଣ ସାଙ୍ଗକୁ ଭାଙ୍ଗିରୁଜି ଯାଇଥିବା ପୁରୁଣା କଡାନାଳ ମରାମତି କାର୍ଯ୍ୟ ଆରମ୍ଭ ହୋଇଛି । ଏହି ନିର୍ମାଣ ଓ ମରାମତି କାର୍ଯ୍ୟ ପାଣିପଞ୍ଚାୟତ କର୍ମକର୍ତ୍ତାଙ୍କ ସହ ସ୍ଥାନୀୟ ଅଞ୍ଚଳ ଚାଷୀଙ୍କ ପ୍ରତ୍ୟେକ୍ଷ (ତତ୍ତ୍ୱାବଧାନରେ) କାର୍ଯ୍ୟ ଚାଲିଥିବା ବେଳେ ଏଷ୍ଟିମେଣ୍ଟ ଅନୁଯାଇ କାର୍ଯ୍ୟର ମାନ, ପରିମାଣ, ଉଚ୍ଚତା ଠିକ ଥିବା ସହ କଡାନାଳ ନିର୍ମାଣ ଓ ମରାମତି କାର୍ଯ୍ୟରେ ବ୍ୟବହୃତ ବାଲି, ଗୋଡି, ରଡ଼, ସିମେଣ୍ଟର ଗୁଣବତ୍ତାବି ବଜାୟ ରହିଛି । ଏପରି ସ୍ଥଳେ କାର୍ଯ୍ୟକୁ ଭଣ୍ଡୁର କରିବାକୁ କେତେକ ନ୍ୟସ୍ତ (ସ୍ୱାର୍ଥ) ଗୋଷ୍ଠୀର ବ୍ୟକ୍ତି ଉକ୍ତ ନିର୍ମାଣ କାର୍ଯ୍ୟରେ ବାଧା ଉପୁଜାଇବା ସହ ନିର୍ମାଣ କାର୍ଯ୍ୟରେ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଉଛି ବୋଲି ବିଭିନ୍ନ ଅପପ୍ରଚାର ଚଳାଇଥିବାରୁ ଏନେଇ ଚାଷୀ ମହଲରେ ତ୍ରୀବ୍ର ଅସନ୍ତୋଷ



ପ୍ରକାଶ ପାଇଛି । ଏଠାରେ ସୂଚନାଯୋଗ୍ୟକି କଡାନାଳ ନିର୍ମାଣ ହେଉଥିବା ସ୍ଥାନ ଗୁଡିକରେ ବହୁ ଧାନ ଚାଷୀ ବର୍ଷା ଜଳ ଉପରେ ନିର୍ଭରଶୀଳ ଥିବାରୁ ସେଠାକାର ଚାଷୀ କାଡାନାଳ ନିର୍ମାଣ ପାଇଁ ଦୀର୍ଘ ଦିନ ଧରି ଦାବୀ କରି ଆସୁଥିଲେ ।

## ହିଙ୍ଗୁଳା ନୋଡ଼ାଲ ହାଇସ୍କୁଲର ଦ୍ୱାଦଶତମ ବାର୍ଷିକ ଉତ୍ସବ
## କଠିନ ପରିଶ୍ରମ ହିଁ ସଫଳତାର ଚାବିକାଠି

ତାଳଚେର(ନିପ୍ର): ତାଳଚେର ବ୍ଲକସ୍ଥିତ ହିଙ୍ଗୁଳା ନୋଡ଼ାଲ ହାଇସ୍କୁଲର ଦ୍ୱାଦଶତମ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ଗିରୀଶ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ତାଳଚେର ବ୍ଲକ ଶିକ୍ଷା ଅଧିକାରୀ ଖଗେଶ୍ୱର ବେହେରା, ମୁଖ୍ୟ ବକ୍ତା ଭାବରେ ହିଙ୍ଗୁଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ପ୍ରସନ୍ନ କୁମାର ବିଶ୍ୱାଳ, ସମ୍ମାନୀତ ଅତିଥି ଭାବରେ କଳମଛୁଇଁ ପଞ୍ଚାୟତର ସରପଞ୍ଚ ଅନୀଲ କୁମାର ପ୍ରଧାନ, ତାଳଚେର ବ୍ଲକ ଉପାଧକ୍ଷ ଆଞ୍ଚଲ ପ୍ରଧାନ, ସ୍ୱେଚ୍ଛାସେବୀ ଅନୁଷ୍ଠାନ "ମା ହିଙ୍ଗୁଳା ପାଠାଗାର"ର ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ, ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଶୁଶାନ୍ତ କୁମାର ଗୋଛାୟତ, ପଞ୍ଚସଖା ଶିକ୍ଷାସେତୁର ସଭାପତି ସମାଜସେବୀ ମୂରଲୀଧର ସାହୁ ପ୍ରମୁଖ ଯୋଗଦାନ କରିଥିଲେ । ଅନ୍ୟତମ ଅତିଥି ଭାବରେ କଳମଛୁଇଁ କ୍ଲଷ୍ଟର ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜିକା ପ୍ରତିମା ତରାଇ, ଗୋବରା କ୍ଲଷ୍ଟରର ସଂଯୋଜକ ଅମୀୟ ଶଙ୍କର ଦାଶ ପ୍ରମୁଖ ମଞ୍ଚାସୀନ ହୋଇଥିଲେ । ଏହି ଅବସରରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ତ୍ରିଲୋଚନ ପ୍ରଧାନ ଅତିଥି ପରିଚୟ କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ । ମୁଖ୍ୟ ଅତିଥି ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀ ବେହେରା ନିଜ ଅଭିଭାଷଣରେ ଜାତୀୟ ଶିକ୍ଷାନୀତି ୨୦୨୦ ସମ୍ବନ୍ଧରେ ଆଲୋକପାତ କରିବା ସହ କଠିନ ପରିଶ୍ରମ, ପ୍ରଚଣ୍ଡ ନିଷ୍ଠା ଓ ଗଭୀର ଅଧ୍ୟବ୍ୟସାୟ ବଳରେ ଛାତ୍ରଛାତ୍ରୀମାନେ ସଫଳତା ହାସଲ କରିପାରିବେ ବୋଲି କହିଥିଲେ ।

## କସ୍ମିକ୍ ଫାଉଣ୍ଡେସନ୍ ସହିତଏନଟିପିସିର ଚୁକ୍ତିନାମା ସ୍ୱାକ୍ଷରିତ




ଭୁବନେଶ୍ୱର(ନିପ୍ର)ନବୀକରଣୀୟ ଶକ୍ତି-ଆଧାରିତ ସମାଧାନକୁ ପ୍ରୋତ୍ସାହିତ କରିବା ସହିତ ନିରାପଦ ପାନୀୟ ଜଳର ଉପଲବ୍ଧତାକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଏନଟିପିସି ଲିମିଟେଡ୍ - ବୋଙ୍ଗାଇଗାଓଁ ଆସାମରେ ଏନଟିପିସି ରଣନୈତିକ କର୍ପୋରେଟ୍ ସାମାଜିକ ଦାୟିତ୍ୱ ପଦକ୍ଷେପର ଅଂଶ ଭାବରେ, ୨ ଫେବୃଆରୀ ୨୦୨୬ ରେ ଉତ୍ତର ପ୍ରଦେଶର ପ୍ରୟାଗରାଜର କସ୍ମିକ୍ ଫାଉଣ୍ଡେସନ୍ ସହିତ ଏକ ଚୁକ୍ତିନାମା ସ୍ୱାକ୍ଷର କରିଛି ।ଏନଟିପିସି ଲିମିଟେଡ୍‌ର ଆଞ୍ଚଳିକ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ପୂର୍ବ କ୍ଷେତ୍ର -୨ ଏବଂ ଦକ୍ଷିଣ କ୍ଷେତ୍ର) ଅରିନ୍ଦମ ସିହ୍ନା ଏବଂ ଏନଟିପିସି ବୋଙ୍ଗାଇଗାଓଁର ପ୍ରକଳ୍ପ ମୁଖ୍ୟ ଅର୍ଣ୍ଣବ ମୈତ୍ର ଏବଂ ଏନଟିପିସି ବୋଙ୍ଗାଇଗାଓଁର ଜିଏମ (ଓ ଆଣ୍ଡ ଏମ୍) ଅନୁରାଗ ଗୁପ୍ତାଙ୍କ ଉପସ୍ଥିତିରେ ଏହି ଚୁକ୍ତିପତ୍ର ସାକ୍ଷରିତ ହୋଇଥିଲା । ଏନଟିପିସି ବୋଙ୍ଗାଇଗାଓଁ ପକ୍ଷରୁ ଅମିତ କୁମାର ଆସ୍ଥାନା, ଚୁକ୍ତିପତ୍ରରେ ସ୍ୱାକ୍ଷର କରିଥିଲେ, ଯେତେବେଳେ କସ୍ମିକ୍ ଫାଉଣ୍ଡେସନର ସଭାପତି ଅବନୀଶ ତ୍ରିପାଠି ଫାଉଣ୍ଡେସନ୍ ପକ୍ଷରୁ ସ୍ୱାକ୍ଷର କରିଥିଲେ ।ଏମଓଏ ଅଧୀନରେ, ଗୌହାଟି ସଂସଦୀୟ କ୍ଷେତ୍ରର ଚିହ୍ନଟ ହୋଇଥିବା ସାର୍ବଜନୀନ ସ୍ଥାନରେ ୪୩ ଲକ୍ଷ ପ୍ରକଳ୍ପ ମୂଲ୍ୟରେ ୧୦ ଟି ସୌର ଜଳ ବିପରୀତ ଅସମୋସିସ୍ ସିଷ୍ଟମ୍ ସ୍ଥାପନ ଏବଂ କାର୍ଯ୍ୟକ୍ଷମ କରାଯିବ ।

## ମା ବ୍ରାହ୍ମଣ ଦେବୀ ପୀଠରେ ୧୯୯୦ ମସିହା ବ୍ୟାଚ୍ ଛାତ୍ରଙ୍କ ଭବ୍ୟ ବନ୍ଧୁମିଳନ



ବେଲଗୁଣ୍ଠା(ନିପ୍ର): ବେଲଗୁଣ୍ଠାର ପ୍ରସିଦ୍ଧ ଶକ୍ତିପୀଠ ମା ବ୍ରାହ୍ମଣ ଦେବୀଙ୍କ ପ୍ରାଙ୍ଗଣରେ ୧୯୯୦ ମସିହା ଦଶମ ଶ୍ରେଣୀ ବ୍ୟାଚ୍‌ର ଛାତ୍ରମାନଙ୍କୁ ନେଇ ଏକ ବର୍ଣ୍ଣାଢ୍ୟ ବନ୍ଧୁ ମିଳନ ସମାରୋହ ଅନୁଷ୍ଠିତ ହୋଇଯାଇଛି । କିଛି ବର୍ଷର ବ୍ୟବଧାନ ପରେ ପୁରୁଣା ସହପାଠୀମାନେ ପରସ୍ପରକୁ ଭେଟିବା ପରେ ସେଠାରେ ଏକ ଭାବପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇଥିଲା । ଏହି ସମ୍ମିଳନୀରେ ସମସ୍ତେ ନିଜର ପିଲାଦିନର ସ୍ମୃତି ସାଉଁଟିବା ସହ ହସଖୁସିରେ କିଛି ସମୟ ଅତିବାହିତ କରିଥିଲେ । ପ୍ରବାସୀ ଓଡ଼ିଆ ଡଃ ଦାମୋଦର ସାହୁ ଏହି କାର୍ଯ୍ୟକ୍ରମର ମୁଖ୍ୟ ଆବାହକ ଭାବେ ଦାୟିତ୍ୱ ତୁଲାଇଥିଲେ । ତାଙ୍କ ନେତୃତ୍ୱରେ ଆୟୋଜିତ ଏହି ମିଳନ ପର୍ବରେ ଛାତ୍ରମାନେ ନିଜ ନିଜର ବ୍ୟକ୍ତିଗତ ଓ ବୃତ୍ତିଗତ ଜୀବନର ସୁବିଧା ଅସୁବିଧା ସମ୍ପର୍କରେ ଆଲୋଚନା କରିବା ସହ ଆଗାମୀ ଦିନରେ କିପରି ପରସ୍ପର ସହ ଯୋଡ଼ି ହୋଇ ରହିବେ, ସେ ନେଇ ସଙ୍କଳ୍ପ କରିଥିଲେ ।ଏହି ଅବସରରେ ଶିକ୍ଷାଦାନ କରିଥିବା ପୂଜ୍ୟ ଗୁରୁ ଅବସରପ୍ରାପ୍ତ ପଣ୍ଡିତ ଶ୍ୟାମସୁନ୍ଦର ପଣ୍ଡାଙ୍କୁ ସାକ୍ଷାତ କରି ପାଦସ୍ପର୍ଶ ପୂର୍ବକ ଆଶୀର୍ବାଦ ଭିକ୍ଷା କରିଥିଲେ । ଶ୍ରୀ ପଣ୍ଡା ମଧ୍ୟ ନିଜର ପୁରାତନ ଶିଷ୍ୟମାନଙ୍କୁ ଦେଖି ଅତ୍ୟନ୍ତ ଆନନ୍ଦିତ ହେବା ସହ ସମସ୍ତଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ଆଶୀର୍ବାଦ ଅଜାଡ଼ି ଦେଇଥିଲେ ।ଏହି କାର୍ଯ୍ୟକ୍ରମରେ ଲକ୍ଷ୍ମୀ ନାରାୟଣ ପାତ୍ର,ଅଶୋକ କୁମାର ବେହେରା, ସୁନୀଲ କୁମାର ପାତ୍ର, ସନ୍ତୋଷ ପାତ୍ର, ସୁରଜ୍ ଆଚାରୀ, ସ୍ୱର୍ଣ୍ଣରାମ ପାତ୍ର, ଆଦିତ୍ୟ ପଣ୍ଡା, ଅରୁଣ (କୋକୋଲୁଣ୍ଡା),ପି. ଉପେନ୍ଦ୍ର ଆଚାରୀ, ଟି. ଶଙ୍କର ପାତ୍ର, ଦିଲୀପ ପାଳ,ଦିଲୀପ ରେଡ୍ଡୀ, ଦ୍ୱାରିକା ପାତ୍ର, ପ୍ରଭାତ କୁମାର ସାହୁ, ହିମାଂଶୁ ସାହୁ, ବିଶ୍ୱନାଥ ଡାକୁଆ, ଏମ୍. ମନୋଜ ପାତ୍ର, ମଧୁସୂଦନ ଗୌଡ଼, ମନୋଜ ପଣ୍ଡା, ପ୍ରମୋଦ ପଣ୍ଡା, ଶଶାଙ୍କ ଶତପଥୀ, ସତ୍ୟ ନାରାୟଣ ବେହେରା, ଟି. ତ୍ରିପତୀ ପାତ୍ର, ବୃନ୍ଦାବନ ରାଉତ, ଚନ୍ଦ୍ର ଶେଖର ପଣ୍ଡା, ବାଲ୍ୟବନ୍ତ ପ୍ରଧାନ, ସୁଦାମ ବନ୍ଧୁ ଭଞ୍ଜମିଶ୍ର, ତାରା ପ୍ରସାଦ, ଭଗବାନ ସାହୁ, ସତ୍ୟ ନାରାୟଣ ବେହେରା ଏବଂ କୃଷ୍ଣ ଚନ୍ଦ୍ର ଭୂୟାଁଙ୍କ ସମେତ ଅନେକ ସହପାଠୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

## ଅଷ୍ଟଶମ୍ଭୁ କ୍ଷେତ୍ରର ଭିତ୍ତିପ୍ରସ୍ତର ସ୍ଥାପନ କଲେ ଉପମୁଖ୍ୟମନ୍ତ୍ରୀ



ନିଆଳି,(ନିପ୍ର) ପୁଣ୍ୟତୋୟା ପ୍ରାଚୀ ନଦୀ ପାର୍ଶ୍ୱ ଅଷ୍ଟଶମ୍ଭୁ ପର୍ଯ୍ୟଟନ କ୍ଷେତ୍ରର ଭିତ୍ତି ପ୍ରସ୍ତର ଆଜି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଦ୍ୱାରା ସ୍ଥାପିତ ହୋଇଛି । ଏଥିପାଇଁ ୨୪ କୋଟି ଟଙ୍କା ଖର୍ଚ୍ଚ କରାଯାଇ ୧୮ ମାସ ମଧ୍ୟରେ ପ୍ରସ୍ତାବିତ କାର୍ଯ୍ୟ ଶେଷ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ସୂଚନା ଦେଇଥିଲେ । ପରବର୍ତ୍ତୀ କାଳରେ ପ୍ରାଚୀ ନଦୀର ପୁନଃଉଦ୍ଧାର ଓ ଏହାର ପାର୍ଶ୍ୱରେ ଥିବା ଦ୍ୱାଦଶ ଶମ୍ଭୁ,ଦ୍ୱାଦଶ ମାଧବ ,ଦ୍ୱାଦଶ ଶକ୍ତି ପୀଠର ବିକାଶ କରାଯାଇ ସମଗ୍ର ପ୍ରାଚୀ କ୍ଷେତ୍ରକୁ ଏକ ପର୍ଯ୍ୟଟନ କରିଡରରେ ପରିଣତ କରାଯିବ ବୋଲି କହିବା ସହିତ ପ୍ରାଚୀ ନଦୀର ଗାରିମାମୟ ଇତିହାସ ସଂପର୍କରେ ବିସ୍ତୃତ ସୂଚନା ଦେଇଥିଲେ । ଏହି ଅବସରରେ ନିଆଳି ଅଚିହ୍ନା ପଡିଆରେ ଆୟୋଜିତ ଏକ ବିଶାଳ ସାଧାରଣ ସଭାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ସମେତ ନିଆଳି ବିଧାୟକ ଛବି ମଲ୍ଲିକ, କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ,କଟକ ଗ୍ରାମାଞ୍ଚଳ ଆରକ୍ଷୀ ଅଧୀକ୍ଷକ ଭନିତ୍ ଅଗ୍ରୱାଲ୍, ପର୍ଯ୍ୟଟନ ବିଭାଗ ଅତିରିକ୍ତ ସଚିବ ସରୋଜ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ଉପମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ଅଷ୍ଟଶମ୍ଭୁ ପର୍ଯ୍ୟଟନ କ୍ଷେତ୍ରର କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ଶେଷ କରାଯାଇ ଏହାକୁ ରାଜ୍ୟର ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀରେ ପରିଣତ କରାଯିବ ବୋଲି ଅଭିଭାଷଣରେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଇପ୍ସିତା ମହାପାତ୍ର,ନିଆଳି ବିଡିଓ ,କଣ୍ଟାପଡା ବିଡିଓ, ସ୍ଥାନୀୟ ତହସିଲଦାର ତାରେଣୀ ରଂଜନ ରାୟ ଆଦି ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ସହିତ ରାଜ୍ୟ ବିଜେପି ପ୍ରବକ୍ତା ରାଜେନ୍ଦ୍ର ପଣ୍ଡା,ବିଜେପି ନେତା ଆଲୋକ ଲେଙ୍କା ଯୋଗଦେଇ ନିଆଳି ମାଟିର ଝିଅ ତଥା ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡାଙ୍କ ଏଭଳି ଘୋଷଣାକୁ ସ୍ୱାଗତ କରିଥିଲେ ।

## କଟକ ସଦର କଂଗ୍ରେସରେ କମ୍ପନ

# ୪୦୦ରୁ ଉର୍ଦ୍ଧ୍ୱ କର୍ମକର୍ତ୍ତା ଓ ପଦାଧିକାରୀଙ୍କ ସାମୂହିକ ଇସ୍ତଫା

କଟକ,(ନିପ୍ର): ସଂପ୍ରତି ଓଡ଼ିଶା ପ୍ରଦେଶ କଂଗ୍ରେସରେ ବଡ଼ ଧରଣର ବିଭ୍ରାଟ ଦେଖାଦେଇଛି । ଏହି ପରିପେକ୍ଷୀରେ କଟକ ସଦର ନିର୍ବାଚନ ମଣ୍ଡଳୀର ପ୍ରାୟ ୪୦୦ରୁ ଉର୍ଦ୍ଧ୍ୱ ସକ୍ରିୟ କଂଗ୍ରେସ କାର୍ଯ୍ୟକର୍ତ୍ତା ଓ ବହୁ ଗୁରୁତ୍ୱପୂର୍ଣ୍ଣ ପଦାଧିକାରୀ ଆଜି ଦଳର ପ୍ରାଥମିକ ସଦସ୍ୟ ପଦରୁ ସାମୂହିକ ଇସ୍ତଫା କରିଛନ୍ତି । ଏହି ନିଷ୍ପତ୍ତି କଟକ ଜିଲ୍ଲା ରାଜନୀତିରେ ଏକ ପ୍ରକାର କମ୍ପନ ସୃଷ୍ଟି କରିଥିବାବେଳେ ପ୍ରଦେଶ କଂଗ୍ରେସ କମିଟିର ସଭାପତିଙ୍କ ନିକଟକୁ ଏହି ଇସ୍ତଫାପତ୍ର ପଠାଯାଇଛି । ବୁଧବାର ସ୍ଥାନୀୟ ଧାକୁଲାଇଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆୟୋଜିତ କରାଯାଇ ଏହି ସମୂହ ଇସ୍ତଫା ପ୍ରଦାନ କରାଯାଇଥିଲା । ଏହି ଅବସରରେ ବରିଷ୍ଠ ନେତା ତଥା ପୂର୍ବତନ ବିଧାୟକ ମହମ୍ମଦ ମୋକିମ ଯୋଗଦେଇ କର୍ମୀମାନଙ୍କୁ ଉତ୍ସାହିତ କରିବା ସହ ନୂତନ ଆଶା ଓ ବିଚାରର ସମନ୍ୱୟରେ ଆଗାମୀ ଦିନରେ କାମ କରିବେ ବୋଲି କହିଥିଲେ । ଇସ୍ତଫା ଦେଇଥିବା ସମସ୍ତ କର୍ମକର୍ତ୍ତା ଶ୍ରୀ ମୋକିମଙ୍କ ନୂତନ ସଂଗଠନରେ ଯୋଗଦାନ ପାଇଁ ସହମତି ଜଣାଇଛନ୍ତି । ଇସ୍ତଫା




ଦେଇଥିବା ନେତୃବୃନ୍ଦଙ୍କ ମଧ୍ୟରେ କଟକ ଜିଲ୍ଲା କଂଗ୍ରେସର ପୂର୍ବତନ ଉପସଭାପତି ଦୀପକ ପରିଡ଼ା, କଳପଡ଼ା ପଞ୍ଚାୟତ ପୂର୍ବତନ ସରପଞ୍ଚ ଅସ୍ମିତା ସାହୁ, ବରିଷ୍ଠ ନେତା ସିଦ୍ଧେଶ୍ୱର ପଟି, ଉମେଶ ମଲ୍ଲିକ, କୁନା ସାମନ୍ତରାୟ, ସରବର ଅଲ୍ଲି, ତପନ ବାରିକ, ଆସଲମ ରଗବୀ, ରାଜେଶ ହାତୀ, ପ୍ରଭାତ ବେହେରା ଓ ସଂଜୟ ପରିଡ଼ାଙ୍କ ଭଳି ପ୍ରଭାବଶାଳୀ ନେତା ସାମିଲ ଅଛନ୍ତି । ସେମାନଙ୍କ ଅଭିଯୋଗ ଅନୁଯାୟୀ, ଦୀର୍ଘ ୩୦ ବର୍ଷ ହେଲା କଟକ ସଦର ନିର୍ବାଚନ ମଣ୍ଡଳୀରେ ଦଳର ସାଂଗଠନିକ ସ୍ଥିତି ଅତ୍ୟନ୍ତ ଦୟନୀୟ ହୋଇପଡ଼ିଛି । ନିର୍ବାଚନ ସମୟରେ ତୃଣମୂଳ ସ୍ତରର କର୍ମୀ ଓ ସ୍ଥାନୀୟ ନେତୃବୃନ୍ଦଙ୍କ ମତାମତକୁ ସଂପୂର୍ଣ୍ଣରୂପେ ଅଣଦେଖା କରାଯାଉଛି । ଭୁଲ ପ୍ରାର୍ଥୀ ଚୟନ ଯୋଗୁ ନିର୍ବାଚନମଣ୍ଡଳୀରେ କଂଗ୍ରେସର ଭୋଟ ସଂଖ୍ୟା ହ୍ରାସ ପାଇଛି । ବିଶେଷକରି ବର୍ତ୍ତମାନର ପିସିସି ସଭାପତି ଭକ୍ତଚରଣ ଦାସ କର୍ମୀଙ୍କ ସହ କୌଣସିପ୍ରକାର ଆଲୋଚନା କରୁନାହାନ୍ତି, ଯାହାକୁ ନେଇ କର୍ମୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ବର୍ତ୍ତମାନର ସାଂଗଠନିକ ପରିଚାଳନା ଶୈଳୀରେ ପୁରୁଣା ଓ ନିଷ୍ଠାପର କର୍ମୀଙ୍କୁ ଉଚିତ ସମ୍ମାନ ମିଳୁନାହିଁ । ଦଳରେ ଏଭଳି ଦିଗହୀନ କାର୍ଯ୍ୟଶୈଳୀ ଓ ନେତୃତ୍ୱର ଅବହେଳାରେ ଅତିଷ୍ଠ ହୋଇ ସେମାନେ ଏହି କଠୋର ନିଷ୍ପତ୍ତି ନେବାକୁ ବାଧ ହୋଇଥିବା ପତ୍ରରେ ଉଲ୍ଲେଖ କରାଯାଇଛି ।

ତିଥି :(ଚତୁର୍ଥୀ): (ଉତ୍ତରାଫା କନ୍ୟା)
ଅମୃତ ବେଳା:ରାତ୍ରୀ ଘ ୧୨।୪୭ ଗତେ ଘ ୩।୧୧ ମଧ୍ୟେ

## ଆଜିର ଅନୁଚିନ୍ତନ

ପଣ୍ଡିତେ ଜାଣନ୍ତି ଏ ତତ୍ତ୍ୱ, ଜ୍ଞାନରେ ଶୁଦ୍ଧ ହୁଏ ସତ୍ତ୍ୱ
ବ୍ୟାପିଛି ଆତ୍ମା ସବୁଠାରେ, ବିନାଶ କେ କରିବ ତାରେ ।।
- ଶ୍ରୀମଦ୍ ଭଗବଦ୍ ଗୀତା

# ସୁଫଳ ବ୍ୟାପକ ହେଉ

ଝିଅମାନେ ଭଗବାନଙ୍କ ଆଶୀର୍ବାଦ। ଗଂଜାମ ଜିଲ୍ଲାସ୍ଥିତ ପ୍ରସିଦ୍ଧ ମା'ତାରାତାରିଣୀଙ୍କ ପୀଠରୁ 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା' ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯେଉଁ ମତ ପ୍ରକାଶ କରିଛନ୍ତି ଏବଂ ୨୦୧ ବରକନ୍ୟାଙ୍କ ସମୂହ ବିବାହ ସଂପନ୍ନ କରାଇଛନ୍ତି, ତାହା ସ୍ୱାଗତଯୋଗ୍ୟ।ଝିଅମାନେ ପରିବାର ତିଆରି କରନ୍ତି। ତେବେ ଲିଙ୍ଗଭିତ୍ତିକ ସାମାଜିକ ବୈଷମ୍ୟ ଏବେ ବି ବିଦ୍ୟମାନ ଥିବା ବେଳେ ଗରିବ ଝିଅ ବା କନ୍ୟାଙ୍କୁ ବିବାହ ଭଳି ପବିତ୍ର ବନ୍ଧନ ନିମିତ୍ତ ପ୍ରସ୍ତୁତ କରାଇବା ତଥା ସାକାର କରିବା ବିଶେଷ କରି ରାଜ୍ୟର ଆର୍ଥିକ ଦୁର୍ବଳ ଶ୍ରେଣୀର ମୂଳ ପରିବାରକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ହିଁ ଦେଉଛନ୍ତି,ଏହା ବହୁ ଆଶ୍ୱସ୍ତିର ବିଷୟ। ବିବାହ କାଳରେ କନ୍ୟା ପାଇଁ ୪୫ ହଜାର ଟଙ୍କା ବ୍ୟାଙ୍କ ଆକାଉଣ୍ଟକୁ ପଠାଇବା ନବଦମ୍ପତିଙ୍କ ଆଗାମୀ ପାରିବାରିକ ଜୀବନକୁ ଏକ ଆର୍ଥିକ ସୁରକ୍ଷା ଦେବା ବର୍ତ୍ତମାନର ଯୌତୁକପ୍ରିୟ ସମାଜ ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ବହନ କରେ। ଆମ ରାଜ୍ୟରେ ଆର୍ଥିକ ଦୁର୍ବଳ ବର୍ଗର ପରିବାର ସଂଖ୍ୟା ଅପେକ୍ଷାକୃତ ଅଧିକ ଏବଂ ଏହି ବର୍ଗ ଅଧିକ ସମ୍ବେଦନତା ତଥା ସରକାରଙ୍କ କଲ୍ୟାଣମୂଳକ ଯୋଜନାର ସୁବିଧା ପାଇବା ଯୋଗ୍ୟତାର ପ୍ରାଥମିକତା ରଖେ। କାରଣ ଯାବତୀୟ ଗରିବକଲ୍ୟାଣ ଆଧାରିତ ଯୋଜନା ସତ୍ତ୍ୱେ ସର୍ଦ୍ଦାରଠୁ ବହିନା ନେଇ ହେଉ କି ସର୍ଦ୍ଦାରର ଲୋଭନୀୟ ପ୍ରତିଶ୍ରୁତିର ଜାଲରେ ପଡ଼ି ବିଭିନ୍ନ ରେଳଷ୍ଟେସନରୁ ପେଟପାଟଣା ପାଇଁ ଦାଦନ ଖଟିବାକୁ ଯାଉଛନ୍ତି ଆର୍ଥିକ ଦୁର୍ବଳ ବର୍ଗର ଏକ ସମ୍ବେଦନଶୀଳ ଗୋଷ୍ଠୀ। ଏମିତି ବି ଅଛନ୍ତି ପରିବାର ସହ ଅନ୍ୟ ରାଜ୍ୟକୁ ରୋଜଗାର ଆଶାରେ ଭିଟାମାଟିର ଅଭାବୀ ଘର କବାଟରେ ତାଲାଟିଏ ଝୁଲାଇଦେଇ ଯାଉଛନ୍ତି। କେବେ ଫେରିବେ ,କେତେ ରୋଜଗାର ତାହା ଉପରେ କୌଣସି ବି ଭରସା ନ ଥାଏ। କାହିଁକି କେଜାଣି ଏଯାଏଁ ରାଜ୍ୟ ସରକାର ସେମାନଙ୍କ ସମସ୍ୟା ପ୍ରତି ଯଥୋଚିତ ଦୃଷ୍ଟିଦେଇଛନ୍ତି ଏହା କହିବାକୁ ସଂକୋଚନ ବୋଧ ହୁଏ। ଦାଦନ ବ୍ୟତୀତ ଅନ୍ୟ ଆର୍ଥିକ ଦୁର୍ବଳ ବର୍ଗରେ କିଭଳି ସୁଧାର ଆସିବ,ଅର୍ଥନୈତିକ ଉନ୍ନତି ଘଟିବ ସେ ବାବଦରେ ଶୀତତାପନିୟନ୍ତ୍ରିତ ଅଫିସ କୋଠରିରେ କାର୍ଯ୍ୟ କରୁଥିବା ବାବୁମାନଙ୍କ ପାଦ ସେହି ତୃଣମୂଳସ୍ତରରେ ଠିକ୍ ଭାବରେ ପଡୁଛି ଏହା ବି କହିହେବ ନାହିଁ।

ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାର ଆକର୍ଷଣୀୟ ଦିଗଟି ହେଉଛି ୧୫ ହଜାର ଟଙ୍କାରେ ବିବାହ ସଂପନ୍ନ କରାଇବା। ଏକଥା ସତ ଯେ ଏକ ସୁଖୀ ଦାମ୍ପତ୍ୟ ଜୀବନ ଯାପନ ପାଇଁ ସଂପର୍କରେ ଭଲ ବୁଝାମଣା ତଥା ସନ୍ତୁଳିତ ଜୀବନଚର୍ଯ୍ୟା ଆବଶ୍ୟକ,ଦେଖାଣିଆ ଖର୍ଚ୍ଚବହୁଳ ବିବାହ ଉତ୍ସବ ବରଂ ଏକ ସାମାଜିକ ସମତୁଲତାର ଅଭାବ ଦିଗକୁ କେବଳ ନୁହେଁ ଅହଂକୁ ମଧ୍ୟ ପ୍ରଦର୍ଶିତ କରିଥାଏ। ଖର୍ଚ୍ଚବହୁଳ ବିବାହର ଶୋଭାଯାତ୍ରା ହେଉ କି ରୋଶଣି ଅବା ନାନା ଅନାବଶ୍ୟକ ବ୍ୟଞ୍ଜନ ବହୁଳତା ଥିବା ବଫେ ଭୋଜି,ଏସବୁରେ ଯଦି ଟିକସ ପଚାଶ ଲକ୍ଷ ଅବା କୋଟିଏ ଲାଗନ୍ତା, ତେବେ ଏ ବାବଦକୁ ମିଳୁଥିବା ଅର୍ଥରାଶି ୫ ବର୍ଷର ଅବଧି ପର୍ଯ୍ୟନ୍ତ ଥିବା କନ୍ୟାବିବାହ ଯୋଜନାକୁ ବଳ ଯୋଗାଇପାରନ୍ତା ତଥା ଏପରି ବିବାହ ଉତ୍ସବକୁ ନିରୁତ୍ସାହିତ କରୁଥାଆନ୍ତା ଯାହା ବାୟୁ,ଧ୍ୱନି ପ୍ରଦୂଷଣ ତଥା ଟ୍ରାଫିକ ଜାମ୍‌କୁ ଅହେତୁକ ଭାବରେ ବୃଦ୍ଧି କରିଥାଏ।

ତା'ଛଡ଼ା ଆଲୋଚ୍ୟ ଯୋଜନାର ବ୍ୟାପକ ସଫଳତା ନିମନ୍ତେ ହେଲ୍‌ପଲାଇନ ନଂ. ଜାରି କରାଯିବା ଆବଶ୍ୟକ,ଯାହା ଦ୍ୱାରା ଜିଲ୍ଲା ବା ବ୍ଲକସ୍ତରୀୟ ଅଫିସର ଯାଇ ଅନୁସନ୍ଧାନ ପୂର୍ବକ ଯୋଜନା ଉପଯୋଗୀ ହିତାଧିକାରୀ ଚିହ୍ନଟ କରିପାରନ୍ତେ। ସଚେତନ ନାଗରିକ ମହଲରୁ ଯୋଜନା ନିମିତ୍ତ ଉଚିତ ପ୍ରସ୍ତାବ,ପରାମର୍ଶ ତଥା ମତ ନିମନ୍ତେ ସରକାର ଏକ ହ୍ୱାଟସ୍‌ଅପ୍‌ର ବ୍ୟବସ୍ଥା କରିପାରନ୍ତେ, ଯାହା ଉପଯୋଗୀ ସାବ୍ୟସ୍ତ ହୋଇପାରନ୍ତା ତଥା ଯୋଜନାର ଫଳପ୍ରଦତାକୁ ଆଗକୁ ନେବାରେ ସାହାଯ୍ୟ କରିପାରନ୍ତା।

# ବାୟୁ ପ୍ରଦୂଷଣ : ଝାଡୁମରା ସଫେଇ ଅନ୍ୟତମ କାରଣ

ଯୁଧିଷ୍ଠିର ମହାରଣା

କୁହୁଡ଼ି ସହିତ ବାୟୁ ପ୍ରଦୂଷଣ ଦିନକୁ ଦିନ ଉଦବେଗଜନକ ଭାବେ ବଢୁଛି। ବିଶେଷକରି ଦ୍ୱୈତନଗରୀ କଟକ-ଭୁବନେଶ୍ୱର ରାଜଧାନୀରେ ବାୟୁ ପ୍ରଦୂଷଣକୁ ରୋକିବା ପାଇଁ କର୍ତ୍ତୃପକ୍ଷ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଥିବାବେଳେ ସହର ସଫେଇରୁ ଉଡୁଥିବା ଧୂଳିକଣା ଏବେ ବାୟୁ ପ୍ରଦୂଷଣର ଅନ୍ୟତମ କାରଣ ହୋଇଛି। ସହରର ପ୍ରମୁଖ ରାସ୍ତା ଠାରୁ ଆରମ୍ଭ କରି ଗଳି କନ୍ଦି ପର୍ଯ୍ୟନ୍ତ ରାତି ପାହିଲେ ଝାଡୁମରା ହେଉଥିବାରୁ ଏହା ପରିବେଶକୁ ଅଧିକ ବିଗାଡ଼ିବାରେ ଲାଗିଛି। ସହରର କେତେକ ପ୍ରମୁଖ ରାସ୍ତାରେ ସିଏମସି ଓ ବିଏମସି ପକ୍ଷରୁ ଯାନ୍ତ୍ରିକ ସଫେଇ ହେଉଥିବାବେଳେ ଅନ୍ୟ ସମସ୍ତ ସ୍ଥାନରେ ସଫେଇ କର୍ମଚାରୀମାନେ ଝାଡୁ ମାରି ରାସ୍ତାଘାଟ ସଫା କରୁଛନ୍ତି। ରାତି ପାହିଲେ ଏମାନେ ହାତରେ ଝାଡୁଧରି ରାସ୍ତା ସଫା କରିବା ସମୟରେ ବ୍ୟାପକ ଧୂଳି ଉଡୁଛି। ଯଦିଓ କେତେକ ସ୍ଥାନରେ ରାତି ବେଳା ଝାଡୁ ମରାଯାଉଛି ତାହା କିନ୍ତୁ କିଛି ହାଟ ବଜାରରେ ସୀମିତ ରହୁଛି। ଶୀତ ଦିନେ ରାସ୍ତାରେ ଝାଡୁ ମରାଯିବା ସମୟରେ ସମ୍ପୃକ୍ତ ଅଞ୍ଚଳ ଧୂଳିମୟ ହୋଇ ଯାଉଛି। ଏପରିକି ସେହି ରାସ୍ତା ଦେଇ ଲୋକେ ଯିବାକୁ ଭୟ କରୁଛନ୍ତି। ଏହାଛଡ଼ା ସକାଳୁ ଗହଳି ହେଉଥିବା ବ୍ୟବସାୟ ପ୍ରତିଷ୍ଠାନ, ମଲ ଆଦି ସମ୍ମୁଖରେ ଝାଡୁ ମରାଯିବା ଫଳରେ ସେହି ସବୁ ଅଞ୍ଚଳରେ କେବଳ ଲୋକେ ଧୂଳିମୟ ହେଉ ନାହାନ୍ତି ଗଛର ପତ୍ର ସବୁ ମଧ୍ୟ ଧୂଳିରେ ନିଜର ସବୁଜିମା ହରାଇଲେଣି। ଯେଉଁସବୁ ସ୍ଥାନରେ ସମ୍ଭବ ସେଠାରେ ଝାଡୁ ମାରିବା ପୂର୍ବରୁ ଯଦି ଜଳ ସିଞ୍ଚନ କରାଯାଇ ପାରନ୍ତା ତେବେ ଏଭଳି ଅବସ୍ଥା ସୃଷ୍ଟି ହୁଅନ୍ତା ନାହିଁ। ଏଥିରେ ବ୍ୟବସାୟିକ ପ୍ରତିଷ୍ଠାନ, ମଲ ଗୁଡ଼ିକ ସାମିଲ କରି ସେମାନଙ୍କ ଦ୍ୱାରା ଜଳ ସିଞ୍ଚନ କରାଯାଇ ପାରିଲେ ସହରର ବାୟୁ ପ୍ରଦୂଷଣକୁ କିଛି ମାତ୍ରାରେ ରୋକାଯାଇ ପାରନ୍ତା ବୋଲି ମତପ୍ରକାଶ ପାଉଛି।

ସେହିଭଳି ଶୀତଦିନ ହୋଇଥିବାରୁ ଓ ଚଳିତବର୍ଷ ରାଧାନୀରେ ଶୀତର ପ୍ରକୋପ ରେକର୍ଡ଼ ଅତିକ୍ରମ କରିଥିବାରୁ ଲୋକେ ରାସ୍ତାଘାଟ, ଗଳିକନ୍ଦିରେ ପଡ଼ିଥିବା ଅଳିଆରେ ନିଆଁ ଲଗାଇ ସେଠାରେ ନିଆଁ ପୁଇଁବାରେ ଲାଗୁଛନ୍ତି। ଏମାନଙ୍କୁ ସଚେତନ କରିବା ସହିତ ଶୁଖିଲା ପତ୍ର, କାଠି ଆଦିକୁ ଉଠାଇ ନିଆଗଲେ ବାୟୁ ପ୍ରଦୂଷଣକୁ କିଛି ମାତ୍ରାରେ ରୋକାଯାଇ ପାରନ୍ତା। ସେହିଭଳି ସହରର ଯେଉଁସବୁ ସ୍ଥାନରେ ରାସ୍ତା ଉପରେ ନିର୍ମାଣ କାର୍ଯ୍ୟ ଜାରି ରହିଛି ସେଠାରେ ଦିନରେ ଅତି କମ୍‌ରେ ଦୁଇ ତିନିଥର ଜଳ ସିଞ୍ଚନ କରାଗଲେ ବାୟୁ ମଣ୍ଡଳରେ ଧୂଳିକଣା ମିଶିବାକୁ ରୋକାଯାଇ ପାରନ୍ତା ବୋଲି ମତପ୍ରକାଶ ପାଉଛି। ଅନ୍ୟ ପକ୍ଷରେ ସଫେଇ କାର୍ଯ୍ୟରେ ନିୟୋଜିତ କର୍ମଚାରୀମାନେ ବାୟୁ ପ୍ରଦୂଷଣରେ ସର୍ବାଧିକ କ୍ଷତିଗ୍ରସ୍ତ ହେଉଥିବାରୁ ସେମାନଙ୍କୁ ନିୟୋଜିତ କରୁଥିବା ସଂସ୍ଥାମାନେ ମାସ୍କ ଯୋଗାଇ ଦେବାକୁ ଦାବି ହେଉଛି। ଠିକା ସଂସ୍ଥାମାନେ ଏ ଦିଗରେ ଦୃଷ୍ଟି ନଦେଲେ ବହୁ ସଫେଇ କର୍ମଚାରୀ ବାୟୁ ପ୍ରଦୂଷଣରେ ଖୁବଶୀଘ୍ର ଆକ୍ରାନ୍ତ ହୋଇଯିବେ ବୋଲି ମତ ଦେଉଛନ୍ତି।

ସହରରେ ଏବେ ବାୟୁ ପ୍ରଦୂଷଣର ଅନ୍ୟତମ କାରଣ ଗାଡ଼ିମଟର ଧୂଆଁ ହୋଇଥିବାବେଳେ ସରକାର ପ୍ରଦୂଷଣ ପ୍ରମାଣ ପତ୍ର ଯାଞ୍ଚ କଡ଼ାକଡ଼ି କରିଛନ୍ତି। ଏହା ସତ୍ତ୍ୱେ ବି କିଛି ଯାନବାହନ ରାସ୍ତାରେ କଳାଧୂଆଁ ଛାଡ଼ି ଯା' ଆସ କରୁଥିବାରୁ ସେମାନଙ୍କୁ ଧରିବା ପାଇଁ ସହରର ବିଭିନ୍ନ ସ୍ଥାନରେ ମୋବାଇଲ ଯାଞ୍ଚ କରାଯିବା ସପକ୍ଷରେ ସାଧାରଣ ଲୋକେ ମତ ପ୍ରକାଶ କରୁଛନ୍ତି। କାରଣ ପ୍ରଦୂଷଣ ଯାଞ୍ଚ କେନ୍ଦ୍ରରେ ପ୍ରାୟତଃ ସବୁ ଯାନ ପାଶ କରିଯାଉଥିବାରୁ ଓ କିଛି ଯାନବାହନ ଜାଲ ସାର୍ଟିଫିକେଟ ହାସଲ କରୁଥିବାରୁ ସେମାନଙ୍କୁ ଜବତ କରାଯାଇ ପାରିଲେ ବାୟୁ ପ୍ରଦୂଷଣ ସମସ୍ୟାର କିଛିଟା ସମାଧାନ ହୋଇ ପାରନ୍ତା। ଉଲ୍ଲେଖନୀୟ ଯେ ରାଜଧାନୀର ବାୟୁ ପ୍ରଦୂଷଣ ଚଳିତ ମାସରେ ୩୮୦ ଏକ୍ୟୁଆଇ ଛୁଇଁଥିବାବେଳେ ସ୍ଥିତିରେ ସାମାନ୍ୟ ଉନ୍ନତି ଆସିଛି। ତଥାପି ଏବେ ବି ବାୟୁର ମାନ କ୍ଷତିକାରକ ସ୍ଥିତିରେ ରହିଥିବାନେଇ ଲୋକଙ୍କୁ ସତର୍କ କରାଯାଉଛି। ତେଣୁ ଅଳିଆ ଆବର୍ଜନା ସଫା କରିଦେବା ପଛରେ ବାୟୁ ପ୍ରଦୂଷଣର ଅନ୍ୟ ପ୍ରମୁଖ କାରଣକୁ ଗୁରୁତ୍ୱ ପ୍ରଦାନ କରାଯାଉ ନଚେତ ଗୋଦରା କୋଡେ ଯେତେ ମାଡେ ସେତେ ନ୍ୟାୟରେ ସଫା ଚାଲିଥିବା କିନ୍ତୁ ବାୟୁ ପ୍ରଦୂଷଣ ସମାନ ଗତିରେ ବଢ଼ି ଚାଲିଥିବ।

, ଦୂରଭାଷ : ୯୪୩୭୧୬୩୫୨୮

# ଭାରତ-ୟୁରୋପ ସଂପର୍କର ନୂଆ ସୋପାନ

ସୌମେନ୍ଦ୍ର ଜେନା

> "ଦେଖିବାକୁ ଗଲେ ଭାରତ ଓ ୟୁରୋପୀୟ ରାଷ୍ଟ୍ରଗୁଡିକ ସହ ରହିଥିବା ସଂପର୍କ ବହୁ ପୁରୁଣା । ୧୯୬୦ ଦଶକର ଆରମ୍ଭରେ୧୯୬୨ରୁ ଭାରତ-ୟୁରୋପୀୟ ଆର୍ଥିକ ଗୋଷ୍ଠୀ (ଇଇସି) ମଧ୍ୟରେ ସଂପର୍କ ସ୍ଥାପିତ ହୋଇଥିଲା ।୧୯୯୩ର ମିଳିତ ରାଜନୈତିକ ଘୋଷଣା ଏବଂ ୧୯୯୪ର ସହଯୋଗର ଘୋଷଣା ହିଁ ଦ୍ୱିପାକ୍ଷିକ ବୁଝାମଣାର ମୂଳଦୁଆ ପକାଇଥିଲା ।

ନିକଟରେ ଭାରତ ଓ ୟୁରୋପୀୟ ସଂଘ ମଧ୍ୟରେ ବାଣିଜ୍ୟିକ ବୁଝାମଣା ଖୁବ୍ ସହଜରେ ସଂପନ୍ନ ହୋଇଛି। କିନ୍ତୁ ଏହି ପ୍ରକ୍ରିୟା ପାଖାପାଖି ଦୁଇଦଶନ୍ଧିର ରହିଥିଲା। ଭାରତର ଦୁଇ ପଡୋଶୀ ରାଷ୍ଟ୍ର ବଙ୍ଗଳାଦେଶ ଓ ପାକିସ୍ତାନ ୟୁରୋପୀୟ ରାଷ୍ଟ୍ରମାନଙ୍କରେ ବାଣିଜ୍ୟିକ ସୁବିଧା ପାଇ ଆସୁଥିବାରୁ ଭାରତ ତୁଳନାରେ ଅଧିକ ବ୍ୟବସାୟ କିଛି କ୍ଷେତ୍ରରେ ଆଜିଯାଏଁ କରିଆସିଛନ୍ତି। ଅଧିକ ଟିକସ ହେବା ଯୋଗୁ ଭାରତର ବସ୍ତୁ ୟୁରୋପରେ ପାକ୍ ଓ ବଙ୍ଗଳାଦେଶଠାରୁ ଅଧିକ ହେବା ଯୋଗୁଁ ବିକ୍ରୀ ହୋଇପାରୁନଥିଲା। କିନ୍ତୁ ଏବେ ସେ ଅସୁବିଧା ଆଉ ରହିବ ନାହିଁ।

ଦେଖିବାକୁ ଗଲେ ଭାରତ ଓ ୟୁରୋପୀୟ ରାଷ୍ଟ୍ରଗୁଡିକ ସହ ରହିଥିବା ସଂପର୍କ ବହୁ ପୁରୁଣା। ୧୯୬୦ ଦଶକର ଆରମ୍ଭରେ୧୯୬୨ରୁ ଭାରତ-ୟୁରୋପୀୟ ଆର୍ଥିକ ଗୋଷ୍ଠୀ (ଇଇସି) ମଧ୍ୟରେ ସଂପର୍କ ସ୍ଥାପିତ ହୋଇଥିଲା।୧୯୯୩ର ମିଳିତ ରାଜନୈତିକ ଘୋଷଣା ଏବଂ ୧୯୯୪ର ସହଯୋଗର ଘୋଷଣା ହିଁ ଦ୍ୱିପାକ୍ଷିକ ବୁଝାମଣାର ମୂଳଦୁଆ ପକାଇଥିଲା। ପରେ ୨୦୦୪ରେ ଭାରତ ଓ ୟୁରୋପୀୟ ସଂଘ ରଣନୀତିକ ସହଯୋଗୀ ହୋଇଥିଲେ। ୨୦୦୭ରୁ ଉଭୟପକ୍ଷ ଏକ ମୁକ୍ତ ବାଣିଜ୍ୟ ବୁଝାମଣା ପାଇଁ ଉଦ୍ୟମ କରିଆସୁଥିଲେ। ସେଥିପାଇଁ ୨୦୦୫ରୁ ଏକ ମିଳିତ କାର୍ଯ୍ୟ ଯୋଜନା ପ୍ରସ୍ତୁତ ହୋଇଥିଲା, ଯାହା ୨୦୦୮ରେ ସଂଶୋଧିତ ରୂପ ନେଇଥିଲା। ୨୦୦୯ ଏବଂ ୨୦୧୨ରେ ଭାରତ ୟୁରୋପୀୟ ସଂଘ ମଧ୍ୟରେ ହୋଇଥିବା ଶିଖର ବୈଠକର ମିଳିତ ଘୋଷଣାନାମା ପ୍ରକାଶ ପାଇଥିଲା। ତେବେ ୨୦୦୦ରେ ଲିସବନଠାରେ ଅନୁଷ୍ଠିତ ଦ୍ୱିପାକ୍ଷିକ ଶିଖର ବୈଠକରେ ଏଥିପାଇଁ ଯେଉଁ ଉଦ୍ୟମ କରାଯାଇଥିଲା ତାର ଫଳସ୍ୱରୂପ ୨୦୦୪ରେ ହେଗ୍‌ଠାରେ ଅନୁଷ୍ଠିତ ୫ମ ଶିଖର ବୈଠକ କାଳରେ "ରଣନୀତିକ ସଂପର୍କ" ସୃଷ୍ଟି ହୋଇଥିଲା। ବସ୍ତୁ ସେବା ଓ ପୁଞ୍ଜିନିବେଶକୁ ଦୃଷ୍ଟିରେ ରଖି ୨୦୦୭ରେ ବିସ୍ତାର-ଆଧାରିତ ବାଣିଜ୍ୟ ଓ ନିବେଶ ବୁଝାମଣା (ବିଟିଆଇଏ) ପାଇଁ ଆଲୋଚନା ଆରମ୍ଭ ହେଲା। ୨୦୦୭ରୁ ୨୦୧୩ ପର୍ଯ୍ୟନ୍ତ ଉଭୟ ପକ୍ଷ ମଧ୍ୟରେ ଆଲୋଚନା ଜାରିଥିଲେ ମଧ୍ୟ ଅନେକ ପ୍ରତିବନ୍ଧକ ସୃଷ୍ଟି ହୋଇଥିଲା। ଫଳରେ ଆଲୋଚନାରେ ଗତି ଏବଂ ପ୍ରଗତି ପରିଲକ୍ଷିତ ହେଉନଥିଲା। ବୌଦ୍ଧିକ ସଂପଦ ଅଧିକାର (ଆଇପିଆର), ଡାଟା ସୁରକ୍ଷା, ସେବା ଯୋଗାଣ କ୍ଷେତ୍ରରେ ଭିନ୍ନମତ ସୃଷ୍ଟିହେବା ଯୋଗୁଁ ଏଥିରେ ଶିଥିଳତା ଦେଖାଦେଲା। ୨୦୧୩ରେ ୟୁରୋପୀୟ ସଂଘ ଅଟୋମୋବାଇଲ, ମଦ ଉପରୁ ଭାରତ ପ୍ରବେଶ ଶୁଳ୍କ ହ୍ରାସ କରିବା ଏବଂ ୟୁରୋପୀୟ ସଂଘ ଆଇଟି ସେବା କ୍ଷେତ୍ରରେ ଡାଟାର ସୁରକ୍ଷା କରୁବୋଲି ଭାରତ ଦାବି କରିବା ପରେ ଆଲୋଚନା ଏକପ୍ରକାର ବନ୍ଦ ହୋଇଯାଇଥିଲା। ତେଣୁ ୨୦୧୩ରୁ ୨୦୨୦ ପର୍ଯ୍ୟନ୍ତ ଏକପ୍ରକାର ଦ୍ୱିପାକ୍ଷିକ ଆଲୋଚନା ବନ୍ଦ ରହିଥିଲା। ୨୦୨୧ ମଇ ମାସରେ ଦୁଇପକ୍ଷ ପୁନର୍ବାର ବନ୍ଦ ହୋଇଯାଇଥିବା ଆଲୋଚନାକୁ ଆରମ୍ଭ କରିବା ପାଇଁ ରାଜି ହୋଇଥିଲେ। ଉଭୟପକ୍ଷ ସନ୍ତୁଳିତ, ଆକାଂକ୍ଷୀ, ବହୁପକ୍ଷୀୟ ଏବଂ ପରସ୍ପର ପାଇଁ ଲାଭଦାୟକ ହେବାପରି ବୁଝାମଣା କରିବାଲାଗି ପ୍ରୟାସ କଲେ। ଫଳରେ ଜୁନ ୨୦୨୨ରେ ବ୍ରୁସେଲସଠାରେ ପୁନର୍ବାର ମୁକ୍ତ ବାଣିଜ୍ୟ ବୁଝାମଣା ନିମନ୍ତେ ଆଲୋଚନା ଆରମ୍ଭ ହେଲା। ଯେଉଁଥିରେ ନିବେଶ ସୁରକ୍ଷା ବୁଝାମଣା ଓ ଭୌଗୋଳିକ ସୂଚକାଙ୍କ ସ୍ଥାନ ପାଇଥିଲା। କିନ୍ତୁ ୨୦୨୩ରୁ ୨୦୨୫ ମଧ୍ୟରେ ହୋଇଥିବା ଆଲୋଚନା କାଳରେ ଅନେକ ବିବାଦ ପୁନର୍ବାର ଦୃଷ୍ଟିକୁ ଆସିଥିଲା। ୧୧ଥର ଆଲୋଚନା ହେବା ପରେ ୟୁରୋପୀୟ ସଂଘର କାର୍ବନ ଆଡଜଷ୍ଟମେଣ୍ଟ ମେକାନିଜିମକୁ ପରିବେଶ ରକ୍ଷା ବଦଳରେ ବାଣିଜ୍ୟ ପାଇଁ ପ୍ରତିବନ୍ଧକ ବୋଲି ଭାରତ ପକ୍ଷରୁ ମତପ୍ରକାଶ ପାଇଲା। ଭାରତ ନିଜର କୃଷିକ୍ଷେତ୍ରକୁ ଆଲୋଚନାରୁ ବାହାରେ ରଖିବାକୁ ଚାହିଁଲା। କୃଷକଙ୍କ ପାଇଁ ଏହା କରିବା ଆବଶ୍ୟକ ଥିଲା। କାରଣ ଏହି ବିଷୟକୁ ନେଇ ଭାରତ-ଆମେରିକା ମଧ୍ୟରେ ଆଜିଯାଏଁ ମୁକ୍ତ ବାଣିଜ୍ୟ ବୁଝାମଣା ହୋଇପାରିନାହିଁ। ଏହାବାଦ ଭାରତ ନିଜର ପେଷାଦାର ଲୋକଙ୍କ ପାଇଁ ୟୁରୋପରେ ମୁକ୍ତ ଚଳାଚଳ ଚାହୁଁଥିବା ସ୍ଥଳେ ୟୁରୋପୀୟ ସଂଘ ଭାରତର ଆର୍ଥିକ ଆଇନ ଏବଂ ଆଇନଗତ ସେବା ବଜାରରେ ପ୍ରବେଶ କରିବାକୁ ଚାହିଁଲେ। ଫଳରେ ମତଭେଦ ଯୋଗୁ ଆଲୋଚନା ଆଗେଇ ପାରିଲା ନାହିଁ। କିନ୍ତୁ ଉର୍ସୁଲା ୨୦୧୯ରେ ଦାୟିତ୍ୱ ନେବାପରେ ଏହି ଆଲୋଚନା ଉପରେ ଜୋରଦେଲେ। ତେଣୁ ୨୦୨୨ରୁ ପୁନର୍ବାର ଆଲୋଚନା ଆରମ୍ଭ ହେଲା। ଫେବୃଆରୀ ୨୦୨୫ରେ ଉର୍ସୁଲାଙ୍କ ଭାରତଗସ୍ତ କାଳରେ ଗୋଟିଏ ବର୍ଷ ମଧ୍ୟରେ ବୁଝାମଣା ଶେଷ କରିବାକୁ ଲକ୍ଷ୍ୟ ନିର୍ଦ୍ଧାରିତ ହୋଇଥିଲା। ଯାହା ଫଳରେ ୨୭ ଜାନୁଆରୀ ୨୦୨୬ଦିନ ଦ୍ୱିପାକ୍ଷିକ ମୁକ୍ତ ବାଣିଜ୍ୟ ବୁଝାମଣା ଶେଷ ହେଲା। ଭାରତର ୯୯.୪୫ ପ୍ରତିଶତ ରପ୍ତାନୀ ହେଉଥିବା ବସ୍ତୁଗୁଡିକ ଉପରୁ ୟୁରୋପୀୟ ସଂଘ ପ୍ରବେଶ ଶୁଳ୍କ ଉଠାଇ ନେବାକୁ ରାଜି ହୋଇଥିଲାବେଳେ ଭାରତ ୟୁରୋପୀୟ କାର ଉପରୁ ୧୧୦ ପ୍ରତିଶତରୁ ୧୦ ପ୍ରତିଶତକୁ ଏବଂ ମଦ ଉପରୁ ପ୍ରବେଶ ଶୁଳ୍କ ହ୍ରାସ କରିବାକୁ ରାଜି ହୋଇଥିଲା। ତେବେ ଯାନବାହନ କ୍ଷେତ୍ରରେ ଭାରତ ଧୀରେ ଧୀରେ ୟୁରୋପର ୧୫୦୦୦ ଡଲାରରୁ ଅଧିକ ମୂଲ୍ୟର କାର୍ ଉପରୁ ଶୁଳ୍କ ହ୍ରାସ କରିବାକୁ ମତ ଦେଇଥିଲା। ଭାରତ ମଦ ଏବଂ ସ୍ପିରିଟ୍ ଉପରୁ ଶୁଳ୍କ ହ୍ରାସ କରିବାକୁ ରାଜି ହୋଇଥିଲେ ମଧ୍ୟ କୃଷି ଓ ଦୁଗ୍ଧଜାତ ଦ୍ରବ୍ୟ କ୍ଷେତ୍ର ଆଲୋଚନାର ବାହାରେ ରଖିଥିଲା। ବୁଦ୍ଧିମତ୍ତା ସୁରକ୍ଷା ପାଇଁ ଉଚ୍ଚସ୍ତରୀୟ ବ୍ୟବସ୍ଥା ଭାରତ କରିଥିଲା ବେଳେ ୟୁରୋପୀୟ ଦାବି ଏବଂ ଭାରତର ଆଇନ ମଧ୍ୟରେ ରହିଥିବା ଦୂରତାକୁ ହ୍ରାସ କରାଯିବାକୁ ସ୍ଥିର ହୋଇଥିଲା।



ଭାରତ-ୟୁରୋପୀୟ ସଂଘ ମଧ୍ୟରେ ବୁଝାମଣା ପାଇଁ ଦୀର୍ଘ ୨୨ ବର୍ଷ ଧରି ଆଲୋଚନା ହୋଇଆସୁଥିଲେ ମଧ୍ୟ ବିଳମ୍ବିତ ହେବାର ପ୍ରକୃତ କାରଣ କଣ ରହିଥିଲା ଏହା ଏକ ବଡ ପ୍ରଶ୍ନ। ବୁଝାମଣାକୁ ବିଳମ୍ବିତ କରିବାକୁ ଦୁଇପକ୍ଷଙ୍କ ମଧ୍ୟରେ ବିଶ୍ୱାସଗତ ଦୁର୍ବଳତାକୁ ସାଧାରଣତଃ ଦାୟୀ କରାଯାଇପାରେ। ହେଲେ ବିଶ୍ୱ ବାଣିଜ୍ୟିକ କ୍ଷେତ୍ରରେ ଅନେକ କାରଣ ଏହି ଆଲୋଚନାର ଗତିପଥରେ ପ୍ରତିବନ୍ଧକ ସୃଷ୍ଟି କରିଥିଲେ। ସିଧାସଳଖ କହିଲେ ଏହି ବୁଝାମଣା ଦୁଇପକ୍ଷ ଲାଭ ପାଇବାକୁ ଥିଲାବେଳେ ଅନେକ ବାହାର ପକ୍ଷଙ୍କ କ୍ଷତି ହେବା ନିଶ୍ଚିତ ଥିଲା। ଏହି ଦୁଇପକ୍ଷ ହେଲେ ଚୀନ ଏବଂ ଆମେରିକା। ଆମେ ଯଦି ଦେଖିବା ୟୁରୋପୀୟ ସଂଘର ଏହି ଦୁଇରାଷ୍ଟ୍ର ସବୁଠୁ ଅଧିକ ବାଣିଜ୍ୟ କରିଥାନ୍ତି। ଆମେରିକାର ପ୍ରଭାବ ୟୁରୋପୀୟ ରାଷ୍ଟ୍ରଗୁଡିକ ଉପରେ ଅଧିକ ଥିଲାବେଳେ ଚୀନ ଯୋଗାଣପାଇଁ ୟୁରୋପରେ ଭାରତକୁ ଅଟକାଇବାକୁ ଚାହୁଁଥିଲା। ଫଳରେ ଆମେ ଦେଖିବା ଯେ ୨୦୦୪ ପରଠାରୁ ଚୀନର ପ୍ରତିବର୍ଷର ବାଣିଜ୍ୟ ବୃଦ୍ଧି ପାଇ ଆସିଛି। ୟୁରୋପୀୟ ସଂଘ ସହ ଦ୍ୱିପାକ୍ଷିକ ବାଣିଜ୍ୟ କ୍ଷେତ୍ରରେ ପ୍ରଥମ ପାଞ୍ଚଟି ସ୍ଥାନରେ ଆମେରିକା, ବ୍ରିଟେନ, ଚୀନ, ସ୍ୱିଜରଲାଣ୍ଡ, ତୁର୍କୀ ରହିଛନ୍ତି। ୨୦୨୪ର ହିସାବରେ ଭାରତ ଏହି ତାଲିକାର ୮ମ ସ୍ଥାନରେ ରହିଥିଲା। ୟୁରୋପୀୟ ସଂଘ ସହ ବାଣିଜ୍ୟିକ ସହଯୋଗୀ ରାଷ୍ଟ୍ରଗୁଡିକର ଯୋଗାଯୋଗ ମାର୍ଗ ଭାରତ ତୁଳନାରେ ଅନ୍ୟମାନଙ୍କର ଭଲ ରହିଛି।

ମୁକ୍ତ ବାଣିଜ୍ୟ କ୍ଷେତ୍ରରେ ଆମେରିକା ଏବଂ ଚୀନ ଭାରତର ଆର୍ଥିକ କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱୀ ଥିବା ଯୋଗୁ ଚୀନ ଭାରତର ପଡୋଶୀ ରାଷ୍ଟ୍ରଗୁଡିକରେ ଭାରତର ବାଣିଜ୍ୟିକ ସଂପର୍କକୁ ସଂକୁଚିତ କରିବାକୁ ସକ୍ଷମ ଯେପରି ହୋଇଛି, ସେହିପରି ୟୁରୋପରେ ମଧ୍ୟ ଭାରତର ବାଣିଜ୍ୟିକ ମାର୍ଗକୁ ରୋକିବାକୁ ପ୍ରୟାସ କରିଆସିଛି। ତୁଳନାତ୍ମକ ଦୃଷ୍ଟିରୁ ଭାରତରେ ପ୍ରସ୍ତୁତ ଅନେକ ଦ୍ରବ୍ୟ ଚୀନ ତୁଳନାରେ ବଜାରରେ ସ୍ଥାୟୀ ହୋଇଥିଲେ ମଧ୍ୟ ଭାରତ ଆଜିଯାଏଁ ପ୍ରତିବନ୍ଧକକୁ ସାମ୍ନା କରୁଛି।

ଆଜି ପ୍ରତ୍ୟେକ ରାଷ୍ଟ୍ର ଅନ୍ୟରାଷ୍ଟ୍ର ଉପରେ କୌଣସି ନା କୌଣସି କାରଣ ଯୋଗୁ ନିର୍ଭରଶୀଳ। କିଏ ପ୍ରାକୃତିକ ସଂପଦ ଦୃଷ୍ଟିରୁ, କିଏ ଯୋଗାଣ ଦୃଷ୍ଟିରୁ କିମ୍ବା କିଏ ଉତ୍ପାଦନ ଦୃଷ୍ଟିରୁ ଅନ୍ୟରାଷ୍ଟ୍ର ଉପରେ ନିର୍ଭର କରୁଛନ୍ତି। ସେହିଦୃଷ୍ଟିରୁ ଦେଖିଲେ ଭାରତ-ୟୁରୋପୀୟ ସଂଘ ମଧ୍ୟରେ ଏହି ବାଣିଜ୍ୟିକ ମାର୍ଗ ମୁକ୍ତ ହେବା ଆବଶ୍ୟକ ଥିଲା। ଅତୀତରେ ୧୭୫୦ ପର୍ଯ୍ୟନ୍ତ ଭାରତର ବୈଦେଶିକ ବାଣିଜ୍ୟ ବିଶ୍ୱବ୍ୟାପି ଥିବା ସହ ମୋଟ ବିଶ୍ୱବାଣିଜ୍ୟର ଏକ-ତୃତୀୟାଂଶ ରହିଥିଲା। କିନ୍ତୁ ୟୁରୋପରେ ଶିଳ୍ପ ବିପ୍ଳବ, ୟୁରୋପୀୟ ରାଷ୍ଟ୍ରମାନଙ୍କର ଭାରତର ଭିନ୍ନ ଭିନ୍ନ ସ୍ଥାନରେ ଶାସନ ପାଇଁ ଯୁଦ୍ଧ ଏହି ବାଣିଜ୍ୟିକ ସଂପର୍କକୁ କ୍ଷତି ପହଞ୍ଚାଇଥିଲା। ଫଳରେ ଭାରତବାସୀ ନିଜେ ଲୁଣ ଉତ୍ପାଦନ କରୁଥିଲେ ମଧ୍ୟ ବିଦେଶୀ ଲୁଣ ଏବଂ ବିଦେଶୀ କପଡା କିଣିବାକୁ ବାଧ ହୋଇଥିଲେ। ସ୍ଥାନୀୟ କାରିଗରମାନେ, ସ୍ଥାନୀୟ ଉତ୍ପାଦକମାନେ ଶସ୍ତାରେ ଉତ୍ପାଦନ କରିବାକୁ ସକ୍ଷମ ଥିଲେ ମଧ୍ୟ ବିଦେଶୀଙ୍କ କଟକଣା ପାଇଁ କରିପାରୁନଥିଲେ। ଦୁଇଶହ ବର୍ଷର ଏହି ଅବ୍ୟବସ୍ଥା ଯୋଗୁ ଭାରତର ଘରୋଇ କୁଟୀର ଶିଳ୍ପଗୁଡିକ ନଷ୍ଟ ହୋଇଥିଲା। ସ୍ୱାଧୀନତା ପରେ ଉତ୍ପାଦନ ବୃଦ୍ଧି ଏବଂ ବିଶ୍ୱବାଣିଜ୍ୟ ପ୍ରତି ଦୃଷ୍ଟି ଦେବାରେ ବିଳମ୍ବ ହେଲା। କୂଟନୀତିକ ସଂପର୍କ ଦୁର୍ବଳ ହେବା ଯୋଗୁ ଭାରତର ପ୍ରଗତି ଚୀନ ତୁଳନାରେ ବହୁପଛରେ ପଡିଗଲା। ଗତ ତିରିଶବର୍ଷ ମଧ୍ୟରେ ବାଣିଜ୍ୟିକ କ୍ଷେତ୍ରରେ ଚୀନ ପ୍ରତିବର୍ଷ ପ୍ରଗତିକରି ଭାରତକୁ ବହୁତ ପଛରେ ପକାଇଦେଲା। ରାଜନୈତିକ ଅସ୍ଥିରତା, ଶାସନ କ୍ଷେତ୍ରରେ ମେଣ୍ଟ ସରକାରର ବାଧ୍ୟବାଧକତା ଏବଂ ଦୂରଦୃଷ୍ଟିସଂପନ୍ନ ନେତୃତ୍ୱର ଅଭାବ ହେତୁ ୧୯୭୫ରୁ ୧୯୧୪ ପର୍ଯ୍ୟନ୍ତ ଭାରତ ବିକାଶ ଦୌଡରେ ପଛରେ ପଡି ରହିଲା।

କିନ୍ତୁ ୨୦୧୪ରେ କେନ୍ଦ୍ରରେ ଏକ ସ୍ଥିର ଏବଂ ସଶକ୍ତ ନେତୃତ୍ୱଯୁକ୍ତ ସରକାର ଆସିବା ପରଠାରୁ ଭାରତ ଅନେକ କ୍ଷେତ୍ରରେ ନିଜସ୍ୱ ନିଷ୍ପତ୍ତି ନେଲା। ସେମିତି ୨୦୧୩ଠାରୁ ଶିଥିଳ ହୋଇ ପଡିଥିବା ୟୁରୋପୀୟ ସଂଘ ସହ ବାଣିଜ୍ୟିକ ଆଲୋଚନା ଆରମ୍ଭକଲା। ୟୁରୋପୀୟ ସଂଘ ପାଇଁ ଏହି ବୁଝାମଣା ମଧ୍ୟ ଆବଶ୍ୟକ ରହିଥିଲା। ୨୦୧୩ରେ ୟୁରୋପୀୟ ସଂଘ ୧୫ରାଉଣ୍ଡ ଆଲୋଚନା ପରେ ଭାରତର ଆଇନଗତ ବ୍ୟବସ୍ଥା ଏବଂ ସୁଯୋଗକୁ ପ୍ରତ୍ୟାଖ୍ୟାନ କରି ଆଲୋଚନାକୁ ବନ୍ଦ ରଖିଥିଲା। ୨୦୧୫ରେ ସାମୁଦ୍ରିକ ଘଟଣାବଳୀକୁ କେନ୍ଦ୍ରକରି ୟୁରୋପର ପାର୍ଲିଆମେଣ୍ଟ ପ୍ରସ୍ତାବ ଆଣିବା ପରେ କୂଟନୀତିକ ବିଶ୍ୱାସ ଦୁର୍ବଳ ହୋଇଥିଲା। ୨୦୧୬ରୁ ୨୦୧୯ ମଧ୍ୟରେ ଆଲୋଚନା ଆରମ୍ଭ କରାଯିବା ଲାଗି ପ୍ରୟାସ ହୋଇଥିଲା। କିନ୍ତୁ ଶ୍ରମିକ ଏବଂ ପରିବେଶକୁ କେନ୍ଦ୍ରକରି ୟୁରୋପୀୟ ସଂଘର ବିଚାରକୁ ଭାରତ ବିରୋଧ କଲା। କରୋନା କାଳରେ ୟୁରୋପରେ ଭୟାବହ ମୃତ୍ୟୁ, ଟୀକାଯୋଗାଣରେ ଅବ୍ୟବସ୍ଥା ଏବଂ ପରେ ୟୁକ୍ରେନ- ରୁଷିଆ ଯୁଦ୍ଧ ଏହି ଆଲୋଚନାକୁ ବିଳମ୍ବିତ କରିଥିଲେ ମଧ୍ୟ ବାସ୍ତବତା ଆଡକୁ ଟାଣି ଆଣିଥିଲା। ୟୁରୋପୀୟ ସଂଘରୁ ବ୍ରିଟେନ ଅଲଗା ହେବା ଘଟଣା ପରେ ୟୁରୋପୀୟ ସଂଘ ନିଜସ୍ୱ ବାଣିଜ୍ୟିକ ନୀତି ପ୍ରସ୍ତୁତି ପାଇଁ ଚିନ୍ତିତ ଥିଲା। ଉର୍ସୁଲା ୟରୋପୀୟ ସଂଘର ଦାୟିତ୍ୱ ଗ୍ରହଣ କରିବାପରେ ଅଧିକ ସକ୍ରୀୟତା ସହ କାର୍ଯ୍ୟକଲେ। ଜର୍ମାନୀର ରାଜନୀତିରେ ଜଣେ ଶକ୍ତିଶାଳୀ ମହିଳା, ତିନିତିନଥର ମନ୍ତ୍ରୀ ହୋଇଥିବା ଉର୍ସୁଲା ଗତ ୨୦ବର୍ଷ ଧରି ସକ୍ରିୟ ରହିଛନ୍ତି କ୍ଷମତାର ଭିନ୍ନ ଭିନ୍ନ ସ୍ତରରେ। ଆମେରିକାର ଉପକ୍ରମେ ରୁଷିଆଠାରୁ ତୈଳକ୍ରୟ ନକରିବା, ୟୁକ୍ରେନ ଯୁଦ୍ଧକୁ ସମର୍ଥନ କରି ଅସ୍ତ୍ର ଯୋଗାଣ ଜାରି ରଖିବା ଯୋଗୁ ୟୁରୋପୀୟ ରାଷ୍ଟ୍ରଗୁଡିକ ଆର୍ଥିକ ଦୃଷ୍ଟିରୁ ଅନେକ କ୍ଷତିଗ୍ରସ୍ତ ହୋଇଛନ୍ତି। ସେମାନେ ଆମେରିକାର ତାଳରେ ନାଚିବାକୁ ଯାଇ ଭାରତକୁ ସମାଲୋଚନା କରିଆସିଛନ୍ତି ସିନା କିନ୍ତୁ ନିଜେ ସୁବିଧା ଲାଭରୁ ବଞ୍ଚିତ ହୋଇଛନ୍ତି। ଫେବୃଆରୀ-ଜୁଲାଇ ୨୦୨୫ ମଧ୍ୟରେ ୨୪ଟି ପର୍ଯ୍ୟାୟରୁ ୨୦ଟି ପର୍ଯ୍ୟାୟ ଆଲୋଚନା ଶେଷ ହୋଇଥିଲା। ଏହି ସମୟରେ ଟ୍ରମ୍ପଙ୍କ ବିଶ୍ୱବ୍ୟାପି ଶୁଳ୍କ କଟକଣା ନୀତି ଘୋଷଣା ଯୋଗୁ ୟୁରୋପୀୟ ସଂଘ ଭାରତ ସହ ଆଲୋଚନାକୁ ଆଗେଇ ନେବା ପାଇଁ ବାଧ ହୋଇଥିଲା।

ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩

# ଡାକ୍ତରୀ ଶିକ୍ଷା ଓ 'ବିତର୍କରେ ବିଯୁକ୍ତ ୪୦'

ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଡାକ୍ତରୀ ପାଠପଢ଼ା ସବୁଠାରୁ କଷ୍ଟଦାୟକ ଓ ଏହି କଷ୍ଟଲବ୍ଧ ପାଠ ପାଇଁ ସମ୍ଭବତଃ ଡାକ୍ତରୀ ଶିକ୍ଷାକୁ ଏକ କଷ୍ଟଦାୟକ ଶିକ୍ଷା ଭାବରେ ସମସ୍ତେ ଜାଣନ୍ତି। ଅନେକ ଜାଣିଛନ୍ତି ଡାକ୍ତରୀ ପାଠ୍ୟକ୍ରମରେ ପିଜି ଡିଗ୍ରୀ ପାଇବା ନିମିନ୍ତ ଏମବିବିଏସ ଅର୍ଥାତ୍ ଡାକ୍ତରୀ ସ୍ନାତକମାନଙ୍କୁ ଆଉ ସମ୍ଭବତଃ ବେଶି ପରିଶ୍ରମ ବା ଅଧ୍ୟବସାୟ କରିବା ପାଇଁ ପଡ଼ିବ ନାହିଁ। ଆମ ଦେଶରେ ଡାକ୍ତରୀ ପାଠ୍ୟକ୍ରମ ବ୍ୟବସ୍ଥାରେ ଏପରି ଶିକ୍ଷା ଓ ତାଲିମର ବ୍ୟବସ୍ଥା ରହିଛି ଜଣେ ପରୀକ୍ଷାର୍ଥୀ ଏଥିପାଇଁ ଆବଶ୍ୟକ ହେଉଥିବା ପ୍ରବେଶିକା ପରୀକ୍ଷା ଯାହାକୁ ନିଟ-ପିଜି କୁହାଯାଉଛି ସେଥିପରେ ବିଯୁକ୍ତ ଚାଳିଶ ନମ୍ବର ରଖିଲେ ମଧ୍ୟ ନାମ ଲେଖାଇବା ପାଇଁ ଯୋଗ୍ୟତା ରଖିପାରୁଛି। ନିକଟରେ ଏଭଳି ଏକ ପ୍ରସଙ୍ଗ ଉଦାହରଣ ସୃଷ୍ଟି ହେବାପରେ ଏହା ଅନେକ ବିବାଦ, ବିତର୍କ ଓ ତର୍କ ଆଲୋଚନାର ଝଡ଼ ସୃଷ୍ଟି କରିଛି। କେବଳ ସେତିକି ନୁହେଁ ଭାରତ ପରି ଡାକ୍ତର ସମୃଦ୍ଧ ଦେଶରେ ଡାକ୍ତରୀ ଶିକ୍ଷା ଓ ଡିଗ୍ରୀଧାରୀ ଡାକ୍ତରମାନଙ୍କର ଗୁଣାତ୍ମକ ଦକ୍ଷତାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି।

ଡାକ୍ତରୀ ପାଠ୍ୟକ୍ରମରେ ନାମ ଲେଖାଇବା ବା ଡାକ୍ତରୀ ଡିଗ୍ରୀ ହାସଲ କରିବା ପାଇଁ ଛାତ୍ରଛାତ୍ରୀଙ୍କ ଯୋଗ୍ୟତା ନିର୍ଦ୍ଧାରଣ କରିବାକୁ ଆମ ଦେଶରେ ନିର୍ଦ୍ଦିଷ୍ଟ ପ୍ରବେଶିକା ପରୀକ୍ଷା ଏମବିବିଏସ ପାଇଁ ନିଟ ୟୁଜି ଏବଂ ସ୍ପେଶାଲିଷ୍ଟ ପାଇଁ ନିଟ ପିଜି ପ୍ରଚଳିତ ଅଛି। ଏହି ପ୍ରବେଶିକା ପରୀକ୍ଷାର ଫଳାଫଳ ଆଧାରରେ ମାନ୍ୟତାପ୍ରାପ୍ତ ମେଡ଼ିକାଲ କଲେଜରେ ନାମ ଲେଖାଇବାର ସୁଯୋଗ ମିଳୁଛି। ପ୍ରତି ଠିକ ଉତ୍ତର ପାଇଁ ୪ ନମ୍ବର ମିଳୁଥିବା ବେଳେ ପ୍ରତି ଭୁଲ ଉତ୍ତର ପାଇଁ ୧ ନମ୍ବର ବିଯୁକ୍ତ ହୋଇଯାଏ ଏବଂ ଆଦୌ ଉତ୍ତର ନଲେଖିଲେ ଶୂନ ମିଳେ। ମୋଟ ଠିକ ଉତ୍ତରର ଗୁଣନ ୪ର ଫଳାଫଳରୁ ମୋଟ ଭୁଲ ଉତ୍ତର ଗୁଣନ ୧ ଫଳାଫଳକୁ ବିଯୁକ୍ତ କଲେ ଯେଉଁ ସର୍ବଶେଷ ନମ୍ବର ରହେ ତାହା ଯୋଗ୍ୟତା ମାନଦଣ୍ଡ ବା ମେଧା ନିର୍ଦ୍ଧାରଣ କରେ। ସାମାନ୍ୟ ବା ଅତି ନଗଣ୍ୟ ପଏଣ୍ଟ ବ୍ୟବଧାନରେ ଭାଗ୍ୟ ନିର୍ଦ୍ଧାରଣ ହେଉଥିବାରୁ ଛାତ୍ରଛାତ୍ରୀମାନେ ଗଳଦଘର୍ମ ଉଦ୍ୟମ କରି ଆସୁଛନ୍ତି ଏବଂ ମେଡ଼ିକାଲ ଛାତ୍ରଛାତ୍ରୀ ଉତ୍ପାଦନକାରୀ ମେସିନ ରୂପେ ପରିଚିତ ରାଜସ୍ଥାନର କୋଟାରେ ଛାତ୍ରଛାତ୍ରୀମାନେ ଆକାଂକ୍ଷା, ପ୍ରତିଯୋଗିତା ଓ ମାତ୍ରାଧିକ ଚାପରେ ଆତ୍ମହତ୍ୟା କରୁଥିବା ଭଳି ଉଦାହରଣ ବଢ଼ିବାରେ ଲାଗିଛି। କିନ୍ତୁ ସଦ୍ୟତମ ନିଟ ପିଜିରେ ସୃଷ୍ଟି ହୋଇଥିବା ଏହି ବ୍ୟତିକ୍ରମ ଯେତିକି ଆଶ୍ଚର୍ଯ୍ୟଜନକ ତତୋଧିକ ଉଦ୍‌ବେଗଜନକ। ଏହି ପରୀକ୍ଷାରେ ଠିକ ଉତ୍ତର ଓ ଆଦୌ ଉତ୍ତର ଦେଇନଥିବା ପ୍ରଶ୍ନ ତୁଳନାରେ ଅଧିକ ଭୁଲ ଉତ୍ତର ଦେଇଥିବା ବା ବିଯୁକ୍ତାତ୍ମକ ୪୦ (-୪୦) ନମ୍ବର ରଖିଥା ଜଣେ ପରୀକ୍ଷାର୍ଥୀଙ୍କୁ ପିଜି ସ୍ପେଶାଲିଷ୍ଟ ପାଠ୍ୟକ୍ରମରେ ନାମ ଲେଖାଇବାର ସୁଯୋଗ ମିଳିଛି। ଏହି ଧାରା ପୂର୍ବବର୍ଷ ମାନଙ୍କରୁ ଜାରି ରହିଥିବା ବେଳେ ଚଳିତ ବର୍ଷ ବିଯୁକ୍ତ ୪୦ ପର୍ଯ୍ୟନ୍ତ ହ୍ରାସ ପାଇଛି।

ସବୁଠାରୁ ବଡ଼କଥା ହେଉଛି ଆମ ଦେଶର ସ୍ୱାସ୍ଥ୍ୟ କ୍ଷେତ୍ର ପ୍ରତି ଅନେକ ଆହ୍ୱାନ ଭିତରେ ଗୋଟିଏ ବଡ଼ ଆହ୍ୱାନ ହେଉଛି ଚଳିତ ବର୍ଷ ଦେଶର ବିଭିନ୍ନ ମେଡ଼ିକାଲ କଲେଜରେ ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ପିଜି ସିଟ ସଂଖ୍ୟା ଯୋଡ଼ା ଯାଇଥିଲେ ମଧ୍ୟ ସେଥିରେ ନାମ ଲେଖାଇବା ପାଇଁ ପରୀକ୍ଷାର୍ଥୀମାନେ ଆଶା ମୁତାବକ ନିର୍ଦ୍ଦିଷ୍ଟ ନମ୍ବର ରଖିବାରେ ବଞ୍ଚିତ ହୋଇଛନ୍ତି। ତେଣୁ ସମସ୍ତ ପିଜି ସିଟ ସଂଖ୍ୟା ପୂରଣ କରିବା ଉଦ୍ଦେଶ୍ୟରେ ଶତପ୍ରତିଶତ ନମ୍ବର ରଖିଥିବା ପ୍ରାର୍ଥୀଙ୍କ ସହିତ ଶୂନ ବା ତଳକୁ ଚାଳିଶ ପର୍ଯ୍ୟନ୍ତ ବିଯୁକ୍ତାତ୍ମକ ନମ୍ବର ରଖିଥିବା ପ୍ରାର୍ଥୀଙ୍କୁ ସୁଯୋଗ ଦେବା ପାଇଁ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି। ଏହାର ଫଳସ୍ୱରୂପ ଡାକ୍ତର ପିଜି ପାଠ୍ୟକ୍ରମରେ ନାମ ଲେଖାଇବା ନିମିତ୍ତ ଚଳିତ ବର୍ଷ କଟଅଫ୍ ମାର୍କ ବିଯୁକ୍ତ ୪୦କୁ ଖସି ଆସିଛି। ବିଶେଷଜ୍ଞ ହେବାକୁ ଯାଉଥିବା ବିଶେଷକରି ଜୀବନରକ୍ଷାକାରୀ ଏକ ସେବା ବ୍ୟବସ୍ଥାରେ ଯୋଡ଼ି ହେବାକୁ ଯାଉଥିବା ଡାକ୍ତରୀ ଛାତ୍ରଛାତ୍ରୀଙ୍କ ଯୋଗ୍ୟତା ଏଥିରୁ ସୁସ୍ପଷ୍ଟ। ଉଲ୍ଲେଖନୀୟ କଥା ହେଉଛି ସରକାରୀ ଭାବରେ ଏହି ଅପରିଣାମଦର୍ଶୀ ନୀତି, ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତିର ଫଳ ଆଗାମୀ ଦିନରେ ନିଶ୍ଚିତ ପଡ଼ିବ। ଏହା ବେଶ୍ ଭଲଭାବେ ଜଣାଯେ ଭାରତରେ ଯେତିକି ସଂଖ୍ୟାରେ ମେଡ଼ିକାଲ କଲେଜମାନ ନିର୍ମାଣ ହେଉଛି ତାହାକୁ ଦେଖି ସେଥି ନିମିତ୍ତ ଆବଶ୍ୟକ ପଡୁଥିବା ଭିତ୍ତିଭୂମି, ଆବଶ୍ୟକ ପାରା ମେଡ଼ିକାଲ ସୁବିଧା ଓ ସର୍ବୋପରି ଶିକ୍ଷକଙ୍କ ଘୋର ଅଭାବ ରହିଛି। ତେଣୁ ଡାକ୍ତରୀ ଶିକ୍ଷା ଓ ତାଲିମ ଭଳି ଏକ କ୍ଷେତ୍ର ଯାହା ଅଧିକରୁ ଅଧିକ ପ୍ରାକ୍ଟିକାଲ ହେବା କଥା ସେଥିରେ ଆମ ଡାକ୍ତରୀ ଛାତ୍ରଛାତ୍ରୀମାନେ କେବଳ ଥିଓରୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଡିଗ୍ରୀ ହାସଲ କରୁଛନ୍ତି। ସଂଖ୍ୟା ଦୃଷ୍ଟିରୁ ଦେଖିଲେ ସରକାର ଶ୍ରେୟ ନେବାକୁ ଯାଇ ଏହି ପ୍ରୟାସରେ ଭାରତରେ ପ୍ରତି ବର୍ଷ ଡିଗ୍ରୀଧାରୀ ଡାକ୍ତରଙ୍କ ସଂଖ୍ୟାତ ବଢୁଛି କିନ୍ତୁ ଗୁଣାତ୍ମକ କ୍ଷେତ୍ର ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି। ତେଣୁ ନିଟ-ପିଜିରେ ଯଦି ବିଯୁକ୍ତ ଚାଳିଶ ନମ୍ବର ରଖିଥିବା ଜଣେ ଛାତ୍ର ନାମ ଲେଖାଇବାର ସୁଯୋଗ ପାଇଲା ସେଥିରେ କେହି ଆଶ୍ଚର୍ଯ୍ୟ ହେବାର ନାହିଁ।



ଏଠାରେ ଏକ ସ୍ୱତଃ ପ୍ରଶ୍ନ ଉଠୁଛି ଭାରତ ପରି ଏକ ବିଶାଳ ଜନସଂଖ୍ୟାର ରାଷ୍ଟ୍ରରେ ଯଦି ଏହି ଧାରା ଜାରି ରହେ ତେବେ ଆସନ୍ତା ଦିନରେ ଡାକ୍ତରୀ ପାଠ୍ୟକ୍ରମର ଛାତ୍ରଛାତ୍ରୀମାନେ ନିଟ ପିଜିରେ କେବଳ ଶତପ୍ରତିଶତ ନିଶ୍ଚିତ ଥିବା ଦୁଇ ଚାରୋଟି ଉତ୍ତର ଲେଖି ଦେଇ କିମ୍ବା ଆଦୌ ଉତ୍ତର ନ ଲେଖି ଖାତା ଦେଇ ଚାଲିଆସିବାର ସମ୍ଭାବନାଯେ ସୃଷ୍ଟି ନ ହେବ ତାହା କିଏ କହିବ ? କାରଣ ଯେଉଁଠି କଟଅଫ ମାର୍କ ବିଯୁକ୍ତ ୪୦ ପର୍ଯ୍ୟନ୍ତ ଯାଉଛି ସେଠାରେ ୧୨/୧୬ ନମ୍ବର କିମ୍ବା ଶୂନ ରଖିଲେ ମଧ୍ୟ ନାମ ଲେଖା ପାଇଁ ସୁଯୋଗ ମିଳିପାରିବ। ହୁଏତ କର୍ତ୍ତୃପକ୍ଷ ବିଯୁକ୍ତ ୪୦ ବିତର୍କ ଓ ସମାଲୋଚନାରୁ ବର୍ତ୍ତିବା ପାଇଁ ଆଗାମୀ ବର୍ଷ ଠାରୁ ଅତି ସହଜ ପ୍ରଶ୍ନପତ୍ର ପ୍ରସ୍ତୁତ କରିବେ ଏବଂ କଟଅଫ୍ ମାର୍କ ବିଯୁକ୍ତାତ୍ମକ ନ ହୋଇପାରେ, କିନ୍ତୁ ଏହାଦ୍ୱାରା ବିନା ପ୍ରାକ୍ଟିକାଲ କିମ୍ବା ବିନା ଶିକ୍ଷକରେ ଉତ୍ତୀର୍ଣ୍ଣ ହୋଇଥିବା ଆମ ଏମବିବିଏସ ଡିଗ୍ରୀଧାରୀମାନଙ୍କର ମେଧାଶକ୍ତି ଯେ ବୃଦ୍ଧି ପାଇବ ତାହା ଭାବିବା ଭୁଲ। ପୁଣି ଏହି ପରମ୍ପରା ଯଦି ଏମବିବିଏସ ପାଠ୍ୟକ୍ରମ ବା ନିଟୟୁଜିକୁ ସଂକ୍ରମିତ ହୁଏ ଆଗାମୀ ଦିନରେ ଆମ ସ୍ୱାସ୍ଥ୍ୟସେବାକୁ ପ୍ରତିନିଧିତ୍ୱ କରିବାକୁ ଯାଉଥିବା ଭବିଷ୍ୟତର ଡାକ୍ତର ମାନଙ୍କର ରୋଗ ନିଦାନ ଦକ୍ଷତା, ଚିକିତ୍ସାଗତ ପାରଦର୍ଶିତା ଓ ସ୍ୱାସ୍ଥ୍ୟ ବିଜ୍ଞାନ ସମ୍ପର୍କିତ ଜ୍ଞାନ ଓ ଅଭିଜ୍ଞାତ କ'ଣ ହେବ ତାହା ଅନୁମେୟ। ଏକ ପକ୍ଷରେ ସରକାର ଅଧିକ ଡାକ୍ତର ସୃଷ୍ଟି କରିବାର ଶ୍ରେୟ ସାଉଁଟି ଚାଲିଥିବେ, ଅପରପକ୍ଷରେ ରୋଗୀମାନେ କେବଳ ଭାଗ୍ୟ ଓ ଭଗବାନଙ୍କୁ ଭରସା କରି ଡାକ୍ତରଖାନାକୁ ଯାଉଥିବେ କିମ୍ବା ସେଠାରୁ ଫେରୁଥିବେ।

ମୋ-୯୪୩୭୦୫୧୯୫୭

# କାର୍ ଓ ବାଇକ ମୁହାଁମୁହିଁ ଧକ୍କା

ପାରଳାଖେମୁଣ୍ଡି,୪।୨ (ନିପ୍ର); ଗଜପତି ଜିଲ୍ଲା ରାୟଗଡ଼ ଥାନା ଅନ୍ତର୍ଗତ କୃଷ୍ଣପୁର ଛକ ନିକଟରେ ଏକ କାର୍ ଓ ବାଇକ ମଧ୍ୟରେ ମୁଁହାମୁହିଁ ଧକ୍କା ହୋଇ ଦୁଇ ଜଣ ଗୁରୁତର ଥିବା ଦେଖିବାକୁ ମିଳିଛି। ଗୁରୁତର ଦୁଇ ସ୍ୱାମୀ ଓ ସ୍ତ୍ରୀ ପେଗଡ଼ା ଗ୍ରାମ ର ବନମାଳି ରାଉତ ୫୫ ବର୍ଷୀୟ ଅନ୍ୟ ଜଣଙ୍କ ହେଲେ ତାଙ୍କ ସ୍ତ୍ରୀ ଉର୍ମିଳା ରାଉତ ୪୫ ବର୍ଷୀୟା ବୋଲି ଜଣା ପଡିଛି । ସୂଚନା ପ୍ରକାରେ ବାଇକ୍‌ଟି ପେଗଡ଼ାରୁ ମୁହାଣ ଅଭିମୁଖେ ଯାଉଥିବା ବେଳେ କାର୍‌ଟି ବଡପଦାରୁ ଗଣ୍ଡାହାତି



ଯିବା ସମୟ ରେ ଏହି ଦୁର୍ଘଟଣାଟି ଘଟିଥିବା ସୂଚନା ରହିଛି। ଫଳରେ ବାଇକ୍‌ରେ ବସିଥିବା ସ୍ୱାମୀ ସ୍ତ୍ରୀ ଛିଟିକି ପଡ଼ିଥିଲେ । ଘଟଣା ସ୍ଥଳରେ ୧୦୮ ଆମ୍ବୁଲାନ୍ସ ପହଞ୍ଚି ଥିବା ବେଳେ ସ୍ଥାନୀୟ ଲୋକଙ୍କ ସାହାଯ୍ୟ ଦୁଇଜଣ ଗୁରୁତରଙ୍କୁ ଉଦ୍ଧାର କରି ପ୍ରଥମେ ରାୟଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଥିଲେ। ସେଠାରେ ଡ଼ା, ପ୍ରାଥମିକ ଚିକିତ୍ସା କରିଥିବା ବେଳେ ଦୁଇଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ଯତରାର ସାଂସ୍କୃତିକ ଶୋଭାଯାତ୍ରା ଆୟୋଜନ ନେଇ ପ୍ରସ୍ତୁତି

ସୁନ୍ଦରଗଡ଼,୪।୨ (ନିପ୍ର): ଚଳିତ ଫେବୃଆରୀ ୮ ରୁ ୧୨ ତାରିଖରେ ସ୍ଥାନୀୟ ଯତରା ପଡ଼ିଆ ଠାରେ ଅନୁଷ୍ଠିତ ହେବ ଜିଲ୍ଲା ମହୋତ୍ସବ 'ଯତରା -୨୦୨୬' । ଏହି ଅବସରରେ ପ୍ରତ୍ୟେକ ବର୍ଷ ଭଳି ଯତରାର ପ୍ରଥମ ଦିବସରେ ସହର ମଧ୍ୟରେ ଏକ ସାଂସ୍କୃତିକ ଶୋଭାଯାତ୍ରା ମଧ୍ୟରେ ମଶାଲ ଶୋଭାଯାତ୍ରା ଆୟୋଜିତ ହେବ। ଏହି ସାଂସ୍କୃତିକ ଶୋଭାଯାତ୍ରା ଆୟୋଜନ ନେଇ ସ୍ଥାନୀୟ ସଦଭାବନା ଭବନଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକର ନିଷ୍ପତ୍ତି ଅନୁସାରେ ଫେବୃଆରୀ ୮ ତାରିଖ ଦିନ ସକାଳ ୭ ଟା ସମୟରେ ସମଲେଇ ମନ୍ଦିର ଠାରେ ପୂଜାର୍ଚ୍ଚନା କରି ଏହି ବର୍ଣ୍ଣାଢ଼୍ୟ ଶୋଭାଯାତ୍ରା ଆରମ୍ଭ ହେବ। ଏହି ଶୋଭାଯାତ୍ରା ଟି ସମଲେଇ ମନ୍ଦିର ରୁ ବାହାରି ଜଗନ୍ନାଥ ମନ୍ଦିର ଛକ, ବି ଏସ ହାଇସ୍କୁଲ ଛକ, ପଞ୍ଚମୁଖି ହନୁମାନ ମନ୍ଦିର ଛକ, ରାଉରକେଲା ଛକ , ପୁରୁଣା ବସଷ୍ଟାଣ୍ଡ ଛକ, ଡି ଆର ଡି ଏ ଛକ , ଅଟଳ ଛକ, ଟାଉନ ଥାନା ଛକ , ରଙ୍ଗାଡ଼ିପା ଛକ ଦେଇ ଯତରା ପଡ଼ିଆ ରେ ପହଞ୍ଚିବ। ଏହି ସମସ୍ତ ଛକ ମାନଙ୍କରେ ସାଂସ୍କୃତିକ ଶୋଭାଯାତ୍ରା କୁ ବିଭିନ୍ନ ଅନୁଷ୍ଠାନ, ପୂଜା କାମଟି, ସଂଗଠନ ମାନଙ୍କ ଦ୍ୱାରା ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମରେ ସମସ୍ତ ବ୍ଲକ୍‌ରୁ ସାଂସ୍କୃତିକ ଦଳ ଏବଂ ଅନ୍ୟାନ୍ୟ ସାଂସ୍କୃତିକ ଦଳ ଗୁଡିକ ଯୋଗ ଦେବେ। ଏହି ଅବସରରେ ବହୁ ସଂଖ୍ୟାରେ ଯୋଗ ଦେବାକୁ ଏବଂ କାର୍ଯ୍ୟକ୍ରମକୁ ଶାନ୍ତିପୂର୍ଣ୍ଣ ଭାବେ ଆୟୋଜନ ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ କମିଟି, ସଂଗଠନ ତଥା ସମସ୍ତ ଜିଲ୍ଲାବାସୀ ମାନଙ୍କର ସହଯୋଗ କାମନା କରାଯାଇଥିଲା।

## ଆମ୍ବ ବିକ୍ରି ନେଇ ଆଶଙ୍କାରେ ଚାଷୀ

ରାୟଗଡା :୪/୦୨ (ନିପ୍ର): ଆମ୍ବ ବିକ୍ରି ନେଇ ଆଶଙ୍କାରେ ଚାଷୀ। ଆମ୍ବ ବିକ୍ରି ନେଇ ରାୟଗଡ଼ ଜିଲ୍ଲାର ଚାଷୀମାନେ ଅଡୁଆରେ ପଡିଛନ୍ତି । କାରଣ ଏନେଇ ସେମାନେ କେତେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏ କଥାକୁ କେନ୍ଦ୍ର ସରକାର ମାନିଛନ୍ତି ମଧ୍ୟ। କିନ୍ତୁ ଏ ଦିଗରେ କୌଣସି ସମାଧାନର ବାଟ ବାହାର କରିବା ପରିବର୍ତ୍ତେ ଏହାକୁ ଅଣଦେଖା କରି ଏଡାଇ ଯାଇଛନ୍ତି। ଏହାକୁ ନେଇ ଚାଷୀମାନେ ଆଶଙ୍କିତ। କୌଣସି ନିର୍ଣ୍ଣୟ ନେଇପାରୁ ନାହାନ୍ତି। ରାୟଗଡା ଜିଲ୍ଲା କାଶୀପୁର ବ୍ଲକର ଚାଷୀମାନେ ସାମ୍ନା କରୁଥିବା କେତେକ ସମସ୍ୟା ସମ୍ପର୍କରେ ପ୍ରଶ୍ନ ଉଠାଇଛନ୍ତି କୋରାପୁଟ ଲୋକସଭା ସାଂସଦ ସପ୍ତଗିରି ଶଙ୍କର ଉଲାକା। ତନ୍ମଧ୍ୟରୁ ମୁଖ୍ୟତଃ ଜିଲ୍ଲାରେ ଶୀତଳ ଭଣ୍ଡାରର ଅଭାବ, ସରକାରୀ ବିପଣନ ବ୍ୟବସ୍ଥା ନଥିବା, ସୁଲଭ କୃଷି ସାମଗ୍ରୀ ଏବଂ ପ୍ରକ୍ରିୟାକରଣ ସୁବିଧା ଅନୁପଲବ୍ଧତା, ଏହି ସବୁ କେତେକ କାରଣ ଯୋଗୁଁ ଜିଲ୍ଲାର ହଜାର ହଜାର ଚାଷୀ ନାନାବିଧ ଅସୁବିଧାର ସମ୍ମୁଖୀନ୍ନ ହେଉଥିବା ବିଷୟରେ ଦୃଷ୍ଟି ଆକର୍ଷଣ କରିଥିଲେ ସାଂସଦ ଶ୍ରୀ ଉଲାକା । ଏହାର ଜବାବ ଦେବାକୁ ଯାଇ କୃଷି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ଓଡିଶା ସରକାରଙ୍କ ତରଫରୁ ଆମ୍ବ ବିକ୍ରୀ ସକାଶେ ଚାଷୀମାନେ ସମ୍ମୁଖୀନ ହେଉଥିବା ସମସ୍ୟା ସମ୍ପର୍କରେ କିମ୍ବା ଅସୁବିଧା ସମ୍ପର୍କରେ କୌଣସି ବିଧିବଦ୍ଧ ଆନୁଷ୍ଠାନିକ ଭାବେ କୌଣସି ତଥ୍ୟ ଅବଗତ କରାଇନାହାନ୍ତି। ହେଲେ ମଧ୍ୟ ରାଜ୍ୟ ସରକାର କାଶୀପୁର ବ୍ଲକର ଆମ୍ବ ଚାଷୀମାନେ ସାମନା କରୁଥିବା ଋତୁକାଳୀନ ସମସ୍ୟା ବିଷୟରେ କେନ୍ଦ୍ରକୁ ଜଣାଇଛନ୍ତି। ଏହି ବକ୍ତବ୍ୟକୁ ଏକ ସ୍ଥାୟୀ ଶାସନ ଗତ ବ୍ୟବଧାନକୁ ଦର୍ଶାଉଛି ବୋଲି ମାନ୍ୟବର ବିଧାୟକ କହିଛନ୍ତି।

## ରୋମାନିଆ ଯିବେ କିସ୍‌ର ୧୦ ଛାତ୍ରୀଛାତ୍ରୀ

ଭୁବନେଶ୍ୱର,୪।୨ (ନିପ୍ର); ଓଡ଼ିଶାର ଜନଜାତି ଭାଷାରେ ପରିବେଷଣ ହେବ ପ୍ରଖ୍ୟାତ ନାଟ୍ୟକାର ସେକ୍‌ସପିଅରଙ୍କ ନାଟକ । ରୋମାନିଆରେ ଏହି ନାଟକ ପରିବେଷଣ କରିବେ କିସ୍‌ର ଛାତ୍ରଛାତ୍ରୀ । ଏଥିପାଇଁ ଚାଲିଛି ବ୍ୟାପକ ପ୍ରସ୍ତୁତି । ଏଥିରେ ସାମିଲ ହୋଇଛନ୍ତି କିସ୍‌ର ୧୦ଜଣ ପିଏଚ୍‌ଡି, ସ୍ନାତକ, ସ୍ନାତକୋତ୍ତର ଓ ବିବିଏ ପଢୁଥିବା ଛାତ୍ରଛାତ୍ରୀ । ଆସନ୍ତା ମେ ମାସରେ ରୋମାନିଆର କ୍ରାୟୋଭା ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା ବିଶ୍ୱ ସେକ୍‌ସପିଅର ମହୋତ୍ସବରେ ଏହି ଛାତ୍ରଛାତ୍ରୀମାନେ ଯୋଗଦେଇ ସେକ୍‌ସପିଅରଙ୍କ ନାଟକକୁ



ଜନଜାତି ଭାଷାରେ ପରିବେଷଣ କରିବେ । ବିଶ୍ୱ ରଙ୍ଗମଞ୍ଚରେ କିସ୍ ଛାତ୍ରଛାତ୍ରୀ ସେମାନଙ୍କ ନିଜସ୍ୱ ଭାଷାରେ ୩ଟି ସେକ୍‌ସପିଅର ନାଟକ ପରିବେଷଣ କରିବେ । ଏହା କିସ୍, ଜନଜାତି ସମାଜ ଓ ସମଗ୍ର ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି କୁହାଯାଉଛି । ଏବେ ଛାତ୍ରଛାତ୍ରୀମାନେ ନାଟକ ଅଭ୍ୟାସ ଆରମ୍ଭ କରିଛନ୍ତି । ଦୀର୍ଘ ଦୁଇମାସ ଧରି ସେମାନେ ରୋମାନିଆରେ ରହି ପୁନର୍ବାର ନାଟକ ଅଭ୍ୟାସ ଜାରି ରଖିବେ ଓ ପରିବେଷଣ କରିବେ । କୌଣସି ଶିକ୍ଷାନୁଷ୍ଠାନରୁ ଛାତ୍ରଛାତ୍ରୀ ସେକ୍‌ସପିଅରଙ୍କ ନାଟକ ଶିଖି ଅନ୍ତର୍ଜାତୀୟ ମଞ୍ଚରେ ଅଭିନୟ କରିବା ଭାରତରେ ପ୍ରଥମ ବୋଲି କୁହାଯାଉଛି । ଏଥିରେ ଖୁସିବ୍ୟକ୍ତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଶ୍ରୀ ସାମନ୍ତ କହିଛନ୍ତି, କିସ୍ ଛାତ୍ରଛାତ୍ରୀମାନେ ପୂର୍ବରୁ କ୍ରୀଡ଼ା ଓ ଶିକ୍ଷା ଆଦି କ୍ଷେତ୍ରରେ ଦେଶ ବିଦେଶ ଯାଇ ସୁନାମ ଆଣୁଥିଲେ । ଏବେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ଅନ୍ତର୍ଜାତୀୟସ୍ତରରେ ସୁନାମ ଆଣିବେ । ଏହା ସମସ୍ତଙ୍କ ପାଇଁ ଖୁସିର ବିଷୟ ।

## ରୁକ୍ମଣୀ ଦେବୀ ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷ

କୃଷ୍ଣପ୍ରସାଦ,୪।୨ (ନିପ୍ର): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଚିଲିକା ନୂଆପଡା ସ୍ଥିତ ରୁକ୍ମଣୀ ଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂତନ ଅଧ୍ୟକ୍ଷ ଭାବେ ପ୍ରଦୀପ୍ତ କୁମାର ବେହେରା ଯୋଗ ଦେଇଥିବା ଜଣାପଡିଛି । ଏହା ପୂର୍ବରୁ କାର୍ଯ୍ୟରତ ଥିବା ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ମିଶ୍ରଙ୍କ ଅବସର ପରେ ଶ୍ରୀ ବେହେରା ଦାୟିତ୍ୱ ଗ୍ରହଣ କରିଥିବା ଜଣାଯାଇଛି । ଶ୍ରୀ ବେହେରା ଉକ୍ତ ମହାବିଦ୍ୟାଳୟ ପ୍ରତିଷ୍ଠା ଦିନ ଠାରୁ ଓଡ଼ିଆ ବିଭାଗ ଅଧ୍ୟାପକ ଭାବେ କାର୍ଯ୍ୟ କରୁଥିଲେ । ମହାବିଦ୍ୟାଳୟର ଅଧ୍ୟାପକମାନଙ୍କ ମଧ୍ୟରେ ବରିଷ୍ଠତା ଦୃଷ୍ଟିରୁ ଶ୍ରୀ ବେହେରାଙ୍କୁ ଅଧ୍ୟକ୍ଷ ଭାବେ ଅବସ୍ଥାପିତ କରାଯାଇଥିବା ଜଣାପଡିଛି । ସେ ଜଣେ ମେଳାପୀ, ମିଷ୍ଟଭାଷୀ ଓ ଛାତ୍ର ବତ୍ସଳ ଅଧ୍ୟାପକ ଭାବେ ଶିକ୍ଷାର୍ଥୀଙ୍କ ଗହଣରେ ବେଶ ପରିଚିତ । ଅଧ୍ୟକ୍ଷ ଭାବରେ ଶ୍ରୀ ବେହେରା ଦାୟିତ୍ୱ ନେବା ପରେ ରୁକ୍ମଣୀ ଦେବୀ ଡିଗ୍ରୀ ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ଅକ୍ଷୟ କୁମାର ଜେନା, ଡିଗ୍ରୀ କଲେଜର ବରିଷ୍ଠ ଅଧ୍ୟାପକ ଦିଲ୍ଲୀପ କୁମାର ଜେନା, ଅଧ୍ୟାପକ ଉମାକାନ୍ତ ଜେନା, ତପନ କୁମାର ତରେଇ, ମନୋଜ କୁମାର ଜେନା ପ୍ରମୁଖ ତାଙ୍କୁ ଉତ୍ତରୀୟ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ ।

# ଭାପୁର ଅଞ୍ଚଳରେ ଅଭାବୀ କୋବି ବିକ୍ରି

## ଶୀତଳଭଣ୍ଡାର ନିର୍ମାଣ ନେତାଙ୍କ ଭାଷଣବାଜିରେ ସୀମିତ !

ଭାପୁର,୪।୧ (ନିପ୍ର): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକର ପରିବା ପେଣ୍ଠସ୍ଥଳୀ କୁହାଯାଉଥିବା ମହାନଦୀ କୁଳିଆ କରବର ପଞ୍ଚାୟତର କରବର, ଗୁଡୁପଡା, ମାଣିତ୍ରି ଗ୍ରାମର ଚାଷୀ ମାନେ ପରିବା ଚାଷକୁ ଆପଣେଇ ଜୀବିକା ନିର୍ବାହ କରୁଥିବାବେଳେ ବର୍ତ୍ତମାନ ଅଭାବୀ କୋବି ବିକ୍ରୀର ସମ୍ମୁଖୀନ ହୋଇ ଶାଗମାଛ ଦରରେ ବିକ୍ରି କରୁଛନ୍ତି। ଏହି ପଞ୍ଚାୟତ କୃଷି ପ୍ରଧାନ ଅଞ୍ଚଳ ହୋଇଥିବାରୁ ପ୍ରାୟ ଶତକଡା ୮୦ ଭାଗ ଲୋକେ ଚାଷ ଓ ଆନୁସଙ୍ଗିକ କ୍ଷେତ୍ରରେ ନିଜକୁ ନିୟୋଜିତ କରି ପରିବାର ପ୍ରତିପୋଷଣ କରିଥାନ୍ତି। ବିଜେଡି ୨୪ ବର୍ଷ ଶାସନ କାଳରେ ପ୍ରତି ୫ବର୍ଷରେ ଥରେ ବିଧାୟକ ପ୍ରାର୍ଥୀ ମାନେ ଶାନ୍ତ ଓ ନିଷ୍କପଟ କରବର ପଞ୍ଚାୟତ ଚାଷୀମାନଙ୍କୁ ଶୀତଳ ଭଣ୍ଡାରର ସ୍ୱପ୍ନ ଦେଖାଇ ନିର୍ବାଚନ ବୈତରଣୀ ପାର ହେଉଥିବାବେଳେ ଗତ ଦୁଇ ବର୍ଷ ହେଲା ଶାସନକୁ ଆସିଥିବା ଡବଲ ଇଞ୍ଜିନି ବିଜେପି ସରକାର ମଧ୍ୟ ଚାଷୀଙ୍କ ଭାବାବେଗ ଉପରେ କୁଠାରାଘାତ କରିଛି। ରାଜନେତା



ମାନେ ଭୋଟ ହାତେଇବା ପାଇଁ ଚାଷୀଙ୍କ ମୁଖ୍ୟ ସମସ୍ୟା ଅଭାବୀ ବିକ୍ରି ରୋକିବା ଦିଗରେ ଶୀତଳ ଭଣ୍ଡାର ନିର୍ମାଣ ପାଇଁ ସ୍ଲୋଗାନ ଦେଇ ନିର୍ବାଚିତ ହୋଇଥାନ୍ତି କିନ୍ତୁ, ନିର୍ବାଚନ ପରେ ତାହା ଭୁଲିଯାଇଥାନ୍ତି। ଚାଷୀର ଉତ୍ପାଦିତ କୋବି,ବିନ, ଝୁଡ଼ଙ୍ଗ, ଟମାଟୋ ଆଦି ପରିବା ଅଭାବୀ ବିକ୍ରି ନ ହେବା ପାଇଁ ଶୀତଳ ଭଣ୍ଡାର,ବଜାର ଦର ନିୟନ୍ତ୍ରଣ, ଚାଷ କାର୍ଯ୍ୟ ନିମନ୍ତେ ବିଶେଷ ସରକାରୀ ସୁବିଧା ଆଦି ରାଜନେତା ମାନେ ଅନେକ ପ୍ରତିଶ୍ରୁତି ଦେଇ ଚାଷୀଙ୍କୁ ଭଣ୍ଡାଇ ଶାସନଗାଦି ମାଡି ବସିଲା ପରେ ନିରୀହ ଚାଷୀମାନଙ୍କୁ ଭୁଲି ଯାଇଥାନ୍ତି। ଏହି ମହାନଦୀ କୁଳିଆ ଚାଷୀମାନେ ମୁଣ୍ଡ ଝାଳ ତୁଣ୍ଡରେ ମାରି ଦିନରାତି ଏକାକାର କରି ନାନାଦି ପରିବା ଫସଲ ଅର୍ଥାତ ବର୍ତ୍ତମାନ କୋବି ଫସଲ କରିଛନ୍ତି। ଚାଷୀମାନେ ନିକଟ ବିଜିପୁର, ଭାପୁର, ବାହାଡା, ଫତେଗଡ଼ ଆଦି ବଜାରରେ କୋବି ଗୋଟା ୧୦/୨୦ ଟଙ୍କାରେ ବିକ୍ରି କରୁଛନ୍ତି। ଭାପୁର ବ୍ଲକର କୃଷି ପଞ୍ଚାୟତ ରୂପେ ପରିଗଣିତ କରବର ପଞ୍ଚାୟତର ଚାଷୀ ମାନଙ୍କ ପ୍ରତି ସରକାରଙ୍କ ଉଦାସୀନତା ଓ ଚାଷୀମାରଣ ନୀତିକୁ ସେଠାକାର ଚାଷୀ ପରମାନନ୍ଦ ମଲ୍ଲିକ, ଶଶି ରାଉତ, ପ୍ରତାପ ପ୍ରଧାନ, ରମେଶ ନାୟକ, ବିପ୍ର ନାୟକ ଆଦି ସରକାରଙ୍କ ବିମୁଖତାକୁ ଦୃଢ଼ ବିରୋଧ କରିଛନ୍ତି। ସେମାନେ କହିବା ମୁତାବକ, ଆମ୍ଭେମାନେ ଶୀତ, ଖରା ଓ ବର୍ଷାକୁ ଖାତିର ନ କରି ବର୍ଷ ସାରା କ୍ଷେତରେ କାମ କରି ଲୋକମାନଙ୍କୁ ସବୁଜ ତଟକା ପରିବା ଯୋଗେଇ ଆସୁଥିଲେ ମଧ୍ୟ ସରକାର ତଥା ବିଧାୟକ ମାନେ ଆମ ଦୁଃଖ ବୁଝୁ ନ ଥିବାରୁ ଆମେ ଅଭାବୀ ବିକ୍ରି ର ସମ୍ମୁଖୀନ ହେଉଛୁ ବୋଲି ଅଭିଯୋଗ କରିଛନ୍ତି। ଭାପୁର ବ୍ଲକରେ ଶୀତଳ ଭଣ୍ଡାର ପ୍ରତିଷ୍ଠା ପାଇଁ ସୋମାନେ ଦୃଢ଼ ଦାବି କରିଛନ୍ତି।

## ବ୍ରାହ୍ମଣ ମହାସଭାର ୟୁଜିସି ବିଲ ସମ୍ପୂର୍ଣ୍ଣ ପ୍ରତ୍ୟାହାର ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର

ବଲାଙ୍ଗିର,୪।୨ (ନିପ୍ର): ସାରା ଦେଶରେ ୟୁଜିସି ବିଲକୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି । ସମାଜରୁ ଜାତିଭେଦ ଦୂରେଇଥିବା ବେଳେ ନିଜେ କେନ୍ଦ୍ର ସରକାର ଜାତିଭେଦ ପ୍ରଥାକୁ ପ୍ରୋତ୍ସାହିତ କରୁଛନ୍ତି। ବିଲରେ ଯେଉଁଭଳି ବ୍ୟବସ୍ଥା ରହିଛି କେବଳ ବ୍ରାହ୍ମଣମାନେ ଦୋଷୀ ବୋଲି ସିଧାସଳଖ ସରକାର ବିଚାର କରି କରିଛନ୍ତି ଯାହାକି ସମ୍ପୂର୍ଣ୍ଣ ମିଥ୍ୟା ଓ ତ୍ରୁଟି ପୂର୍ଣ୍ଣ ବୋଲି କହି ବଲାଙ୍ଗିର ଜିଲ୍ଲା ବ୍ରାହ୍ମଣ ମହାସଭା ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନକୁ ଦାବିପତ୍ର ପ୍ରଦାନ କରାଯାଇଛି। ବ୍ରାହ୍ମଣ ମହାସଭାରେ ଜିଲ୍ଲା ସଭାପତି ପ୍ରାଣବଲ୍ଲଭ ତ୍ରିପାଠି, ଉପସଭାପତି କିଶୋର କୁମାର ପୁରୋହିତ, ସୁଶ୍ରୀ ରାଜଶ୍ରୀ ତ୍ରିପାଠି, ନଗର ସଭାପତି ରାକେଶ ପଣ୍ଡା, ସଦସ୍ୟ କାହ୍ନୁ ଶତପଥି, ବରିଷ୍ଠ ସଦସ୍ୟ ଶିବ ଶଙ୍କର ଖୁଆସ, ଲୋକନାଥ ନେପାକ, ପର୍ଶୁରାମ ନାୟକ ଓ ସଂପାଦକ ନରେନ୍ଦ୍ର କୁମାର ଆଚାର୍ଯ୍ୟଙ୍କ ନେତୃତ୍ୱରେ ଶତାଧିକ ସଭ୍ୟସଭ୍ୟା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ୟୁଜିସି ବିଲକୁ କେନ୍ଦ୍ର ସରକାର ତୁରନ୍ତ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାହାର ଦାବିରେ ପ୍ରଧାନମନ୍ତ୍ରଙ୍କ ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନକୁ ଦାବିପତ୍ର ପ୍ରଦାନ କରିଛନ୍ତି । ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ୟୁଜିସି କେବଳ ଭୋଟବ୍ୟାଙ୍କ ସୃଷ୍ଟି ପାଇଁ କରାଯାଇଛି। ବିଲରେ ଜାତିଗତ ବିଦ୍ୱେଶ ସୃଷ୍ଟି କରାଯାଇ ଦେଶକୁ ଭୁଲ ରାସ୍ତାରେ ନେବାକୁ ଉଦ୍ୟମ ହେଉଛି।



ଆଜି ପର୍ଯ୍ୟନ୍ତ ଏସ୍‌ସି/ଏସ୍‌ଟି ଆଟ୍ରୋସିଟିର ବହୁଳ ମାତ୍ରାରେ ଅପବ୍ୟବହାର ହେଉଛି ଓ ଏହି ବିଲ ଆସିଲେ ବିଶ୍ୱ ବିଦ୍ୟାଳୟମାଙ୍କରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆହୁରି ବିଭେଦ ସୃଷ୍ଟି ହେବାକୁ ଯାଉଛି। ବିଲରେ ଏସ୍‌ସି/ଏସ୍‌ଟି, ଓବିସି ବର୍ଗର ସଭ୍ୟ ଇକ୍ୟୁଟି କମିଟିରେ ରଖାଯାଇଥିବା ବେଳେ ସାଧାରଣବର୍ଗର ସଭ୍ୟ ରଖିବାରେ ପ୍ରାବଧାନ ନାହିଁ । ସମ୍ବିଧାନରେ କୌଣସି ଜାତି, ବର୍ଣ୍ଣ ଓ ଧର୍ମକୁ ନେଇ ବିଭେଦ କରାଯାଇ ପାରିବ ନାହିଁ ବୋଲି ନିୟମ ରହିଥିବା ବେଳେ ଏହି ୟୁଜିସି ବିଲ ଏହି ନିୟମକୁ ବିରୁଦ୍ଧାଚରଣ କରୁଛି। ତେଣୁ ତୁରନ୍ତ ଏଭଳି ବିବାଦୀୟ ବିଲକୁ ପ୍ରତ୍ୟାହାର କରାଯାଉ ବୋଲି ବ୍ରାହ୍ମଣମହାସଭା ଦାବି କରିଛି। ନଚେତ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ ହେବ ବୋଲି ସରକାରଙ୍କ ପାଖେ ଦୃଷ୍ଟି ଆକର୍ଷଣ କରୁଥିବା କୁହାଯାଉଛି। ଏହି କାର୍ଯ୍ୟକ୍ରମରେ ବ୍ରାହ୍ମଣ ମହାସଭାର ଶତାଧିକ ସଭ୍ୟ ସଭ୍ୟା ଯୋଗ ଦେଇଥିଲେ।

## ଛାତ୍ରଛାତ୍ରୀଙ୍କ ପୋଷାକ କିଣା ଅର୍ଥ ହରିଲୁଟ ପାଇଁ ମସୁଧା

ଭାପୁର,୪।୧ (ନିପ୍ର): ରାଜ୍ୟର ବିଦ୍ୟାଳୟ ଗୁଡିକରେ ଶିଶୁ ବାଟିକାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଶତପ୍ରତିଶତ ଉପସ୍ଥାନ ପାଇଁ ସରକାର ବିଭିନ୍ନ ଯୋଜନା ହାତକୁ ନେଇଛନ୍ତି। ସେଗୁଡିକ ମଧ୍ୟରୁ ମାଗଣାରେ ପୁସ୍ତକ ଏବଂ ମଧ୍ୟାହ୍ନ ଭୋଜନ ପ୍ରମୁଖ ସ୍ଥାନ ନେଇଛି।୨୦୧୫ ମସିହାରୁ ୧ମ ଶ୍ରେଣୀ ରୁ ୮ମ ଶ୍ରେଣୀ ଏବଂ ପରବର୍ତ୍ତୀ ମୁହୂର୍ତ୍ତରେ ୨୦୨୨ ମସିହାରେ ୯ମ ଓ ୧୦ମ ଶ୍ରେଣୀକୁ ଏହି ଯୋଜନାରେ ଆନ୍ତର୍ଭୁକ୍ତ କରାଗଲା। ୧ମ ଶ୍ରେଣୀରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ କେନ୍ଦ୍ର ସରକାରଙ୍କ ସର୍ବଶିକ୍ଷା ଅଭିଯାନରୁ ୬୦୦ ଟଙ୍କା ଏବଂ ରାଜ୍ୟ ସରକାରଙ୍କ ଗଙ୍ଗାଧର ମେହେର ଯୋଜନାରେ ୪୦୦ ଟଙ୍କା ଏହିଭଳି ମୋଟ ୧୦୦୦ ଟଙ୍କା ପ୍ରତି ଛାତ୍ରଛାତ୍ରୀଙ୍କୁ ପୋଷାକ କିଣାରେ ଖର୍ଚ୍ଚ ହେଲା। ସେହିପରି ୯ମ ଓ ୧୦ମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପରିଧାନ ଯୋଜନାରେ ୧୦୦୦ ଟଙ୍କା ଲେଖାଏଁ ପୋଷାକ କିଣା ବାବଦରେ ୨୦୨୨/୨୩ ଶିକ୍ଷାବର୍ଷ ଠାରୁ ଖର୍ଚ୍ଚ ହେଉଛି। ଏହି ଟଙ୍କାରେ ୨ ହଳ ପୋଷାକ ସହିତ ଜୋତା, ମୋଜା ପ୍ରଦାନ କରାଯାଉଛି। ମାତ୍ର,ଚଳିତ ଶିକ୍ଷା ବର୍ଷ ଶେଷ ହେବାକୁ ବସିଥିବା ବେଳେ ରାଜ୍ୟ ସରକାର ଗତ ଡିସେମ୍ବର ମାସରେ ଛାତ୍ରଛାତ୍ରୀଙ୍କୁ ଜଣଙ୍କ ପିଛା ୭୬୪ ଟଙ୍କା ପ୍ରଦାନ କରିଥିବାବେଳେ ବାକି ୨୩୬ ଟଙ୍କା ମିଳିନାହିଁ ଫଳରେ, ଭାପୁର ବ୍ଲକର ୨୩ ଗୋଟି ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଧା ପୋଷାକ ପାଇଛନ୍ତି। ଆଉ ମାତ୍ର ୧୫ ଦିନ ପରେ ୧୦ମ ଶ୍ରେଣୀର ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇ ଘରେ ରହିବେ ତେବେ ସରକାର ଆଉ କାହାକୁ ପୋଷାକ ଦେବେ ବୋଲି ଶିକ୍ଷାବିତ୍‌ଙ୍କ ମଧ୍ୟରେ ପ୍ରଶ୍ନ ଉଠୁଛି ।ଯେଉଁ ସରକାର ଛାତ୍ରଛାତ୍ରୀଙ୍କ ଟଙ୍କାକୁ ହରିଲୁଟ କରିବା ପାଇଁ ମସୁଧା କରିଛନ୍ତି ସେ ସରକାର ଶିକ୍ଷାକୁ ଅଗ୍ରାଧିକାର ଦେଇ ଛାତ୍ରଛାତ୍ରୀଙ୍କ ଶତପ୍ରତିଶତ ଉପସ୍ଥାନ ଫମ୍ପା ଆୱାଜ ବୋଲି ଭାପୁର ଅଂଚଳର ବୁଦ୍ଧିଜୀବୀଙ୍କ ମଧ୍ୟରେ ଆଲୋଚନା ର କେନ୍ଦ୍ରବିନ୍ଦୁ ହୋଇଛି।

## ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି ଖିଲାପୀ ବିରୁଦ୍ଧରେ ପ୍ରତିବାଦ

ପାରଳାଖେମୁଣ୍ଡି,୪।୨ (ନିପ୍ର); ଗଜପତି ଜିଲ୍ଲା ସଦର ମହାକୁମା ପାରଳାଖେମୁଣ୍ଡି ଠାରେ ବିଜେଡିର ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ। ଶାସନ ଭାର ଏବେ ଅପାରଗ ବିଜେପି ସରକାର ହାତରେ। ଯାହାକୁ ନେଇ ପାରଳାଖେମୁଣ୍ଡି ବିଧାୟକ ଇଂ ରୂପେଶ ପାଣିଗ୍ରାହୀ ଓ ଜିଲ୍ଲା ବିଜେଡ଼ି ସଭାପତି ପ୍ରଦୀପ ନାୟକଙ୍କ ନେତୃତ୍ୱରେ ହଜାର ହଜାର ସଂଖ୍ୟାରେ ନେତା ଓ କର୍ମୀଙ୍କ ସମାବେଶରେ ବିକ୍ଷୋଭ ପ୍ରଦର୍ଶନ କରିଛି ଜିଲ୍ଲା ବିଜୁ ଜନତା ଦଳ। ଏଥି ପୁର୍ବରୁ ଶାନ୍ତ ଓ ବିକାଶ ଦିଗରେ ଆଗକୁ ବଢିଥିଲା ଓଡ଼ିଶା। ପୂର୍ବ ସରକାରଙ୍କ ସମୟରେ ନାରୀ ସୁରକ୍ଷିତ, ସଶକ୍ତିକରଣ ଓ ଜୀବିକାନିର୍ବାହ କ୍ଷେତ୍ରରେ ଯଥେଷ୍ଟ ସଫଳତା ପାଇଥିଲେ ମହିଳା। ଏବେ ସାରା ରାଜ୍ୟ ରେ



ବଢ଼ିଚାଲିଛି ନାରୀ ନିର୍ଯାତନା । ଏପରିକି ଅନ୍ତର୍ଦେଶୀୟ ସ୍ତରରେ ଚର୍ଚ୍ଚାରେ ରହିଛି ଓଡ଼ିଶା। ଯାହା ଓଡିଆ ଅସ୍ମିତାକୁ ନିନ୍ଦିତ ଓ ଅପମାନିତ କରିଛି।

ଯାହା ଓଡ଼ିଶା ପାଇଁ ଏକ ଲଜ୍ଜାର ବିଷୟ। ଆଇନ ଶୃଙ୍ଖଳା ପରିସ୍ଥିତି ଭୁଶୁଡ଼ି ପଡ଼ିଛି। ନିଜେ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ମଧ୍ୟ ନାରୀ ସୁରକ୍ଷିତ ନାହାନ୍ତି। ନାରୀ ନିର୍ଯାତନା ସଂଖ୍ୟା ଅହେତୁକ ବୃଦ୍ଧି ପାଇଛି। ଶହ ଶହ ମାମଲା ରୁଜୁ ହେଉଛି କିନ୍ତୁ କାର୍ଯ୍ୟ ଶୂନ। ଜିଲ୍ଲାରେ ଧାନ କିଣାରେ ବ୍ୟାପକ ଅନିୟମିତତା ସହ ମିଲର ଓ ପ୍ରଶାସନିକ ଅଧିକାରୀ ମିଳିଭଗତରେ ଚାଷୀଙ୍କୁ ହଇରାଣ କରାଯାଉଛି, ଧାନର ଉଚିତ ମୂଲ୍ୟ ପ୍ରଦାନରେ ବିଫଳ, ୩୦୦ ୟୁନିଟ୍ ମାଗଣା ବିଦ୍ୟୁତ, ୩୦୦୦ ଟଙ୍କା ବାର୍ଦ୍ଧକ୍ୟ ଭତ୍ତା ଓ ଅନ୍ୟାନ୍ୟ ଭତ୍ତା ପ୍ରଦାନ, ଏକ କାଳୀନ ୫୦ ହଜାର ଟଙ୍କା ପ୍ରତ୍ୟେକ ମହିଳାଙ୍କୁ ପ୍ରଦାନ କଥା କହି ଲୋକଙ୍କୁ ପ୍ରତାରଣା କରିଛନ୍ତି ବିଜେପି ସରକାର, ବେକାରୀ ଯୁବକଙ୍କୁ ନିଯୁକ୍ତି ପ୍ରଦାନରେ ସମ୍ପୂର୍ଣ୍ଣ ବିଫଳ, କର୍ମନିଯୁକ୍ତି ଯୋଜନା କାର୍ଯ୍ୟକାରୀ ହେଉନାହିଁ, ଉନ୍ନୟନ ମୂଳକ କାର୍ଯ୍ୟ ଠପ୍, ଏଭଳି ବିଭିନ୍ନ ପ୍ରସଂଗରେ ନାରାବାଜି ଦେଇ ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ପୌର ପରିଷଦ କାର୍ଯ୍ୟାଳୟ ସମ୍ମୁଖରୁ ବିଶାଳ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ବିଜେପି ସରକାରଙ୍କ ଅପାରଗତାକୁ ନେଇ ଗର୍ଜନ କରିଛି ବିଜେଡି। ଏହି ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା।

ସେଠାରେ ଶହ ଶହ କର୍ମୀ ନେତା ଓ ଜନପ୍ରତିନିଧି ଏକତ୍ରିତ ହୋଇ ସରକାରଙ୍କ ଅପାରଗତା ବିରୋଧରେ ନାରାବାଜି କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

## କୁମ୍ଭୀପୁଟରେ ଜମୁଛି ବାଦିପାଲା

ତିଗିରିଆ,୪।୨ (ନି ପ୍ର ):କୁମ୍ଭୀପୁଟ ଗ୍ରାମରେ ସତ୍ୟନାରାୟଣ ପୂଜା ପାଲା ଅନୁଷ୍ଠିତ ହେଉଅଛି । 'ଏହି ଗ୍ରାମରେ ଦୀର୍ଘ ୬୦ବର୍ଷ ଧରି ପ୍ରତିଦ୍ୱନ୍ଦ୍ୱିତା ପାଲା ହେଉଅଛି। 'ପାଲାହେଲା ବିଦଗଧ କଳା 'ଏହି ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ମନୋରଞ୍ଜନ ସାଙ୍ଗକୁ ଓଡ଼ିଆ ସାହିତ୍ୟ, ସଂସ୍କୃତ ସାହିତ୍ୟ, କାବ୍ୟ, ନାଟକ, ପ୍ରାଚୀନ ରାଗ ରାଗିଣି, ମହାଭାରତ ରାମାୟଣ କଥାବସ୍ତୁ ପରିବେଷଣ କରାଯାଉଛି 'ବିଭିନ୍ନ ଗ୍ରାମରୁ ସାଧାରଣ ଲୋକ ଆସି ହରି କଥା ଶ୍ରବଣ କରୁଛନ୍ତି 'ବରିଷ୍ଠ ବିଜେପି ନେତା ତଥା ବିଧାୟକ ପାର୍ଥ ଅଭୟ ବାରିକ, ସାଂସଦଙ୍କ ପ୍ରତିନିଧି ସୂର୍ଯ୍ୟକାନ୍ତ ଧଳ କର୍ମୀ ମାନଙ୍କ ଗହଣରେ ଆସି ହରିକଥା ଶ୍ରବଣ କରି ଆଶ୍ରିବାଦ ନେଇଛନ୍ତି । ବିଶେଷଭାବେ ବରିଷ୍ଠ ନାଗରିକମାନେ ବିଭିନ୍ନ ଗ୍ରାମରୁ ଆସି ହରିକଥା ଶ୍ରବଣ କରୁଛନ୍ତି । କୁମ୍ଭୀପୁଟ ଗ୍ରାମବାସୀଙ୍କ ସକ୍ରିୟ ସହଯୋଗରେ ବାଦି ପାଲା ଅନୁଷ୍ଠିତ ହେଉଛି । ରାଜ୍ୟର ଲବ୍ଧ ପ୍ରତିଷ୍ଠିତ ପାଲା ଗାୟକ ଗାୟକ ସୌରଭ ରବୀନ୍ଦ୍ର କୁମାର ପତି ଓ ଗାୟକ ବାଣୀଝଙ୍କାର ପ୍ରଦ୍ୟୁମ୍ନ ନନ୍ଦ ସେମାନଙ୍କ ସାଥିମାନଙ୍କ ସହ ପାଲା ପରିବେଷଣ କରୁଛନ୍ତି ।ଏହି ପାଲା ୫ଦିନ ଧରି ଚାଲିବ ।

## ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟଙ୍କ ଘର ଉପରକୁ ଆକ୍ରମଣ, ୯ ଅଟକ

ପାରଳାଖେମୁଣ୍ଡି,୪।୨ (ନିପ୍ର); ଗଜପତି ଜିଲ୍ଲା ମୋହନା ଥାନା ଅନ୍ତର୍ଗତ ଚାନ୍ଦିପୁଟ ଗ୍ରାମର ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିବରାମ ସୁଆରଙ୍କ ଘର ଉପରେ ସଙ୍ଘବଦ୍ଧ ଆକ୍ରମଣ ହୋଇଛି । ଆକ୍ରମଣର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ଗତ କାଲି ସନ୍ଧ୍ୟା ସମୟରେ କିଛି ଲୋକ ସଂଘବଦ୍ଧ ଭାବେ ଅଚାନକ ଆସି ଶିବରାମ ସୁଆରଙ୍କ ଘର ଉପରେ ଅତର୍କିତ ଆକ୍ରମଣ କରିଥିଲେ । ଘର ବାହାରେ ଯାହାସବୁ ଥିଲା ସେସବୁକୁ ମଧ୍ୟ ଭଙ୍ଗାରୁଜା କରିଥିଲେ। ସେହି ସମୟରେ ତାଙ୍କ ମାଆ ଆସି ପ୍ରତିରୋଧ କରିଥିବାରୁ ତାଙ୍କୁ ମଧ୍ୟ ଆଘାତ ଲାଗିଚି । ତେବେ କେଉଁ କାରଣରୁ ଏହା ଘଟିଛି ତାହା ସ୍ପଷ୍ଟ ହୋଇ ନଥିବା ବେଳେ ଚାନ୍ଦିପୁଟ ଗ୍ରାମ ସମ୍ପୂର୍ଣ୍ଣ ପୋଲିସ ଛାଉଣୀ ହୋଇ ରହିଛି । ଏ ସମ୍ପର୍କରେ ଗଜପତି ପୋଲିସ ୯ ଜଣଙ୍କୁ ଅଟକ ରଖି ପଚାରା ଉଚ୍ଚାର କରୁଥିବା ବେଳେ ତଦନ୍ତ ପରେ ପ୍ରକୃତ ଦୋଷୀ ଓ କାରଣ ସାମ୍ନାକୁ ଆସିବ ବୋଲି ମୋହନା ଥାନା ଅଧିକାରୀ ସୂଚନା ଦେଇଛନ୍ତି । ଅନ୍ୟପଟେ ଗଜପତି ଏସପି ଯତୀନ୍ଦ୍ର କୁମାର ପଣ୍ଡା ଗାଁ ରେ ଶାନ୍ତି କିଭଳି ଫେରି ଆସିବ ଓ ଦୋଷୀ ମାନେ କିଭଳି ଗିରଫ ହେବେ ତାହା ଉପରେ ଶାନ୍ତିପୂର୍ଣ୍ଣ ବୈଠକ ଏକ ବୈଠକ ଜାରି ରଖିଛନ୍ତି।

# ରାଉରକେଲା ପୋଲିସ ନିକଟରେ ମାଓ ଗରିଲା ସ୍କ୍ୱାଡ୍ ସଦସ୍ୟର ଆତ୍ମସମର୍ପଣ

ରାଉରକେଲା,୪।୧ (ନିପ୍ର): ରାଉରକେଲା ଜିଲ୍ଲା ପୋଲିସ ନିକଟରେ ଦକ୍ଷିଣ ଛୋଟନାଗ୍ରା ଡିଭିଜନର ମାଓ ସ୍ଥାନୀୟ ଗରିଲା ସ୍କ୍ୱାଡ୍ ସଦସ୍ୟ (ଏଲଜିଏସ୍‌ଏମ୍) ଉମ୍ବଲେନ୍ ହୋନହାଗା ଓରଫ୍ ପ୍ରଭୁ (୧୮) ଆତ୍ମସମର୍ପଣ କରିଛି। ଏ ବିଷୟରେ ରାଉରକେଲା ପୋଲିସ୍ ମୁଖ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ପଶ୍ଚିମାଞ୍ଚଳ ଆରକ୍ଷୀ ଉପ-ମହାନିରୀକ୍ଷକ ବ୍ରିଜେଶ କୁମାର ରାୟ ଏବଂ ରାଉରକେଲା ଆରକ୍ଷୀ ଅଧୀକ୍ଷକ ନିତେଶ ୱାଧୱାନୀ। ସୂଚନା ଅନୁସାରେ ରାଉରକେଲା ପୋଲିସ୍ ନିକଟରେ ଆତ୍ମସମର୍ପଣ କରିଥିବା ମାଓ ସ୍ଥାନୀୟ ଗରିଲା ସ୍କ୍ୱାଡ୍ ସଦସ୍ୟ ଉମ୍ବଲେନ୍ ହୋନହାଗା ଓରଫ୍ ପ୍ରଭୁର ଘର ଝାଡଖଣ୍ଡ ପଶ୍ଚିମ ସିଂହଭୂମ ଜିଲ୍ଲାର ଛୋଟାନାଗ୍ରା ଥାନା ଅନ୍ତର୍ଗତ ହାଲାମୁଲି ଗ୍ରାମରେ ବୋଲି ଜଣାପଡିଛି। ଏହି ଗ୍ରାମ ସରଣ୍ଡା ଆରଏଫ୍ ସଂରକ୍ଷିତ ଜଙ୍ଗଲରେ ଅବସ୍ଥିତ ଏବଂ ସିପିଆଇ (ମାଓବାଦୀ) ପାଇଁ ରାସନ୍ ସାମଗ୍ରୀ ଏବଂ ଅନ୍ୟାନ୍ୟ ସାମଗ୍ରୀ ବ୍ୟବସ୍ଥା କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଗ୍ରାମ। ଉମ୍ବଲେନ୍ ହୋନହାଗା ଓରଫ୍ ପ୍ରଭୁ, ମାଓ ଦଳରେ ରହି ଏକ ମିଲିସିଆ ଭାବରେ କାମ କରିବା, ରାସନ ସାମଗ୍ରୀ ବ୍ୟବସ୍ଥା କରିବା ଏବଂ ଅଞ୍ଚଳରେ ଗରିଲା କାର୍ଯ୍ୟ ଦେଖିବା



ଆରମ୍ଭ କରିଥିଲା। ପରେ ୨୦୨୪ ମସିହାରେ ବିର୍ସା ନାମକ ଜଣେ ମାଓ ଦଳୀୟ ସଦସ୍ୟ ହଲାମୁଲି ଗ୍ରାମକୁ ଆସିଥିଲେ ଏବଂ ପ୍ରଭୁଙ୍କୁ ଦଳରେ ଏଲଜିଏସ୍‌ଏମ୍ ବା ସ୍ଥାନୀୟ ଗରିଲା ସ୍କ୍ୱାଡ୍ ସଦସ୍ୟ ଭାବରେ ନିଯୁକ୍ତି ଦେଇଥିଲେ। ପ୍ରଭୁ(୧୮ବର୍ଷ) ଦଳ ସହିତ ମୋଟ ୨ ବର୍ଷ ଧରି ରହିଥିଲେ। ବିଭିନ୍ନ ଉତ୍ସରୁ ଆତ୍ମସମର୍ପଣ ନୀତି ଦ୍ୱାରା ପ୍ରଭାବିତ ହୋଇ, ମାଓବାଦୀ ଚିନ୍ତାଧାରା, ବରିଷ୍ଠ ନେତାଙ୍କ ଶାରୀରିକ ଏବଂ ମାନସିକ ନିର୍ଯାତନା ଏବଂ ବାରମ୍ବାର କମ୍ବିଂ ଅପରେସନରେ ବିରକ୍ତ ହୋଇ, ପ୍ରଭୁ ଦଳ ଛାଡି ଓଡ଼ିଶା ପୋଲିସ ନିକଟରେ ଆତ୍ମସମର୍ପଣ କରିବାକୁ ନିଷ୍ପତ୍ତି ନେଇଥିଲେ। ସ୍ଥାନୀୟ ଗରିଲା ସ୍କ୍ୱାଡ୍ ସଦସ୍ୟ ହୋଇଥିବା କାରଣରୁ କେନ୍ଦ୍ର ସରକାରଙ୍କ ବି-ବର୍ଗରେ ଆସୁଥିବା ଆତ୍ମସମର୍ପଣକାରୀଙ୍କୁ ମୋଟ ୨,୬୫,୦୦୦ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ମିଳିବା ସହିତ ଯଦି ସେ ବିବାହିତ ନୁହଁନ୍ତି କିମ୍ବା ତାଙ୍କର କୌଣସି ଜୀବିତ ପତି କିମ୍ବା ପତ୍ନୀ ନାହାଁନ୍ତି, ତେବେ ତାଙ୍କ ବିବାହ ପାଇଁ କେବଳ ୨୫,୦୦୦ ଟଙ୍କା ଏକକାଳୀନ ବିବାହ ପ୍ରୋତ୍ସାହନ ପ୍ରଦାନ କରାଯିବ। ଏହି ରାଶି ବିବାହ ସମୟରେ କିମ୍ବା ବିବାହ ପରେ ପ୍ରଦାନ କରାଯିବ ବୋଲି ନିୟମ ରହିଛି। ଏଥିସହିତ ଆତ୍ମସମର୍ପଣକାରୀଙ୍କୁ ପ୍ରଯୁଜ୍ୟ ଯୋଜନା ଅଧୀନରେ ଜିଲ୍ଲାର କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ସ୍ୱଳ୍ପକାଳୀନ ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ମାଗଣାରେ ନାମ ଲେଖାଯିବ। ଯୋଗ୍ୟତା ଉପରେ ନିର୍ଭର କରି, ସେ ବୃତ୍ତିଗତ ଶିକ୍ଷା ମଧ୍ୟ ଗ୍ରହଣ କରିପାରିବେ। ସର୍ବାଧିକ ୩୬ ମାସ ପାଇଁ ପ୍ରତି ମାସରେ ୧୦ ହଜାର ଟଙ୍କା କେବଳ ବୃତ୍ତି ପ୍ରଦାନ କରାଯିବ। ସରକାରୀ ନିଯୁକ୍ତି, ଦକ୍ଷତା ତାଲିମ ପରେ ନିଯୁକ୍ତି କିମ୍ବା ଯେକୌଣସି ପ୍ରକାରର ଲାଭଦାୟକ ଆତ୍ମନିଯୁକ୍ତି ହାସଲ କରିବା ପରେ ଏହି ବୃତ୍ତି ବନ୍ଦ କରାଯିବ ବୋଲି ସୂଚନା ଦିଆଯାଇଛି।

ରାଜ୍ୟ ସରକାର କିମ୍ବା କେନ୍ଦ୍ର ସରକାରଙ୍କ ନୀତି ଅନୁଯାୟୀ ଆତ୍ମସମର୍ପଣକାରୀଙ୍କୁ ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରାଯିବା ସହ ନୀତିର ବ୍ୟବସ୍ଥା ଅନୁଯାୟୀ ଚିକିତ୍ସା ପାଇଁ ରାଜ୍ୟ ସରକାର ପ୍ରାଥମିକତାରେ ଗ୍ରହଣ କରିବେ। ଏଥିସହିତ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା, ଅନ୍ତ୍ୟୋଦୟ ଅନ୍ନ ଯୋଜନା କିମ୍ବା ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ଅନ୍ୟ କୌଣସି ସମାନ ନୀତି ଅଧୀନରେ ଯୋଗ୍ୟତା ଉପରେ ଧ୍ୟାନ ଦେଇ ମାଗଣା ରାସନ କିମ୍ବା ସବସିଡିଯୁକ୍ତ ରାସନ ପ୍ରଦାନ କରାଯିବ ବୋଲି ରାଉରକେଲା ପୋଲିସ୍ ପକ୍ଷରୁ ସୂଚନା ଦିଆଯାଇଛି ।

CMYK

05 .02.2026.pmd 1 2/4/2026, 4:51 PM

# ମଣିପୁର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ୱାଇ ଖେମଚାନ୍ଦ ସିଂହ



ନୂଆଦିଲ୍ଲୀ,୪।୨: ମଣିପୁର ବିଜେପି ବିଧାୟକ ଦଳ ନେତା ୟୁମନାମ ଖେମଚାନ୍ଦ ସିଂହ ବୁଧବାର ରାଜ୍ୟର ନୂତନ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଛନ୍ତି। ଜାତିଗତ ବିବାଦ-ପ୍ରପୀଡ଼ିତ ରାଜ୍ୟରେ ପ୍ରାୟ ଏକ ବର୍ଷ ପରେ ରାଷ୍ଟ୍ରପତି ଶାସନ ଶେଷ ହୋଇଛି। ମଣିପୁର ରାଜ୍ୟପାଳ ଅଜୟ ଭଲ୍ଲା ଇମ୍ଫାଲର ଲୋକ ଭବନରେ ଖେମଚାନ୍ଦଙ୍କୁ ଶପଥପାଠ କରାଇଛନ୍ତି। ଏହି ଉତ୍ସବରେ ରାଜ୍ୟର ଅନେକ ବିଜେପି ବିଧାୟକ, ଦଳର ବରିଷ୍ଠ କର୍ମକର୍ତ୍ତା ଓ ଏନଡିଏର ବରିଷ୍ଠ ନେତାମାନେ ଯୋଗ ଦେଇଥିଲେ। ବିକଶିତ ଭାରତ ୨୦୪୭ରେ ମଣିପୁର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ମଣିପୁରରେ ୩୬ଟି ସମ୍ପ୍ରଦାୟ ଅଛନ୍ତି ଏବଂ ଆମେ ରାଜ୍ୟରେ ଏକ ଶାନ୍ତିପୂର୍ଣ୍ଣ ବାତାବରଣ ଆଣିବାକୁ ଆଶା କରୁଛୁ ବୋଲି ଶପଥ ଗ୍ରହଣ ସମାରୋହ ପରେ ସିଂହ କହିଛନ୍ତି। ଫେବ୍ରୁଆରି ୩ ତାରିଖରେ ମଣିପୁର ବିଧାନସଭାର ୪୫ରୁ ଅଧିକ ବିଧାୟକ ମୈତେୟୀ ସମ୍ପ୍ରଦାୟର ପ୍ରତିନିଧିତ୍ୱ କରୁଥିବା ଖେମଚାନ୍ଦଙ୍କୁ ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ଭାବେ ଗ୍ରହଣ କରିବା ନେଇ ସହମତି ପ୍ରକାଶ କରିଥିଲେ। କ୍ଷମତା ବଣ୍ଟନ ଚୁକ୍ତିର ଏକ ଅଂଶ ଭାବରେ କୁକି ସମ୍ପ୍ରଦାୟର ନେମଚା କିପଗେନଙ୍କୁ ଉପମୁଖ୍ୟମନ୍ତ୍ରୀ ଭାବରେ ନିଯୁକ୍ତ କରାଯାଇଛି। ସେ ମଣିପୁରର ପ୍ରଥମ ମହିଳା ଉପମୁଖ୍ୟମନ୍ତ୍ରୀ ଭାବରେ ନିଯୁକ୍ତ ହୋଇଥିବାବେଳେ ଗୋବିନ୍ଦ ଦାସ କନ୍ଥୋଜାମ ଗୃହମନ୍ତ୍ରୀ ଭାବରେ ଦାୟିତ୍ୱ ଗ୍ରହଣ କରିବେ। ମଣିପୁରରେ ରାଷ୍ଟ୍ରପତି ଶାସନ ପ୍ରଥମେ ଫେବ୍ରୁଆରି ୧୩, ୨୦୨୫ରେ ଲାଗୁ କରାଯାଇଥିଲା ଏବଂ ପରେ ଅଗଷ୍ଟ ୧୩ରେ ଛଅ ମାସ ପାଇଁ ବୃଦ୍ଧି କରାଯାଇଥିଲା। ୬୨ ବର୍ଷୀୟ ୟୁମନାମ ଖେମଚାନ୍ଦ ସିଂହ ମଣିପୁରର ଜଣେ ବିଜେପି ନେତା। ସେ ଉଭୟ ୨୦୧୭ ଓ ୨୦୨୨ ବିଧାନସଭା ନିର୍ବାଚନରେ ସିଙ୍ଗଜାମେଇ ନିର୍ବାଚନମଣ୍ଡଳୀରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ସେ ୨୦୧୭ରୁ ୨୦୨୨ ପର୍ଯ୍ୟନ୍ତ ବିଧାନସଭାର ବାଚସ୍ପତି ଭାବେ କାର୍ଯ୍ୟ କରିଥିଲେ।

## ଲୋକସଭାରେ ପ୍ରବଳ ହଟ୍ଟଗୋଳ

# ପ୍ରଧାନମନ୍ତ୍ରୀଙ୍କ ଆସନ ଘେରିଗଲେ ମହିଳା ଏମପି



ନୂଆଦିଲ୍ଲୀ,୪।୨: ବୁଧବାର ଲୋକସଭାରେ ଅଭାବନୀୟ ପରିସ୍ଥିତି ଦେଖିବାକୁ ମିଳିଛି। ବିରୋଧ ଦଳର ପ୍ରବଳ ହଟ୍ଟଗୋଳ ଯୋଗୁ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବର ଉତ୍ତର ରଖିପାରିନାହାନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ପୂର୍ବତନ ସେନା ମୁଖ୍ୟ ଏମ୍.ଏମ୍. ନରଓ୍ୱଣେଙ୍କ ସ୍ମୃତି ଗ୍ରନ୍ଥରୁ କିଛି ଅଂଶ କହିବାକୁ ରାହୁଲ ଗାନ୍ଧୀଙ୍କୁ ଅନୁମତି ନ ମିଳିବା ପରେ ବିରୋଧୀ ଦଳ ଆକ୍ରମଣାତ୍ମକ ଆଭିମୁଖ୍ୟ ଗ୍ରହଣ କରିଥିଲେ। ସନ୍ଧ୍ୟା ପ୍ରାୟ ୫ଟାରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବର୍ଷା ଗାୟକଓ୍ୱାଡ ଏବଂ ଜ୍ୟୋତିମଣିଙ୍କ ଭଳି କିଛି ମହିଳା ଏମପି ପ୍ରଧାନମନ୍ତ୍ରୀଙ୍କ ଆସନ ସମେତ ଶାସକ ଦଳର ଆସନଗୁଡ଼ିକୁ ଘେରି ଯାଇଥିଲେ। ଗତକାଲି ୮ ଜଣ ବିରୋଧୀ ସାଂସଦଙ୍କ ନିଲମ୍ବନକୁ ବିରୋଧ କରି ସେମାନେ ଏକ ବଡ଼ ବ୍ୟାନର ପ୍ରଦର୍ଶନ କରିଥିଲେ। ଭାଜପା ଏମପି ମନୋଜ ତିୱାରୀ ଏହି ଘଟଣାକୁ ଅତ୍ୟନ୍ତ ଭୟାନକ ବୋଲି କହିବା ସହ ଏହା ପ୍ରଧାନମନ୍ତ୍ରୀଙ୍କ ଉପରେ ଆକ୍ରମଣ ପାଇଁ ଏକ ଯୋଜନାବଦ୍ଧ ପ୍ରୟାସ ବୋଲି ଅଭିଯୋଗ କରିଛନ୍ତି। କେନ୍ଦ୍ରମନ୍ତ୍ରୀ କିରେନ୍ ରିଜିଜୁଙ୍କ ହସ୍ତକ୍ଷେପ ପରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ଏହି ସମୟରେ ଚାଇନା ସହ ସୀମା ବିବାଦ ପ୍ରସଙ୍ଗରେ ମଧ୍ୟ ବିରୋଧୀ ଦଳ ନାରାବାଜି କରିଥିଲେ। ବାରମ୍ବାର ଗୃହ ମୁଲତବୀ ହେବା ଫଳରେ ଧନ୍ୟବାଦ ଅର୍ପଣ ପ୍ରସ୍ତାବ ଗୃହୀତ ହୋଇପାରିନାହିଁ। ଗୃହକୁ ଗୁରୁବାର ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଛି।

## ଜାପାନରେ ତାଣ୍ଡବ ରଚୁଛି ତୁଷାରପାତ

## ଭାଙ୍ଗିଲା ୪୦ ବର୍ଷର ରେକର୍ଡ: ୩୫ ମୃତ



ନୂଆଦିଲ୍ଲୀ,୪।୨: ଜାପାନର ଉତ୍ତର ଭାଗରେ ପ୍ରକୃତି ତାଣ୍ଡବ ରଚିଛି। ଗତ ଦୁଇ ସପ୍ତାହ ଧରି ପ୍ରବଳ ତୁଷାରପାତ ସମଗ୍ର ସହରକୁ ଧଳା ମୃତ୍ୟୁର ଚାଦରରେ ଘୋଡ଼ାଇ ଦେଇଛି। ଜାପାନୀ କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ, ତୁଷାରପାତ ଯୋଗୁ ଏପର୍ଯ୍ୟନ୍ତ ୩୫ ଜଣଙ୍କ ଜୀବନ ଯାଇଛି। ମୃତକଙ୍କ ମଧ୍ୟରେ ଅଧିକାଂଶ ଲୋକଙ୍କର ଛାତରୁ ବରଫ ହଟାଇବା ସମୟରେ ଖସି ପଡ଼ି ମୃତ୍ୟୁ ହୋଇଥିବାବେଳେ କେତେକର ହଠାତ୍ ହୃଦଘାତର ଶିକାର ହୋଇ ଜୀବନ ଯାଇଛି। ଅଧିକାରୀଙ୍କ ଅନୁଯାୟୀ, ବୁଧବାର ସୁଦ୍ଧା, ଜାପାନର ୧୫ଟି ପ୍ରାନ୍ତ ଏହି ବିପର୍ଯ୍ୟୟ ଦ୍ୱାରା ଗୁରୁତର ଭାବରେ ପ୍ରଭାବିତ ହୋଇଛି। କିଛି ଅଞ୍ଚଳରେ ୨ ମିଟର ପର୍ଯ୍ୟନ୍ତ ବରଫ ଆଚ୍ଛାଦିତ ହୋଇଛି। ଜାପାନର ପ୍ରମୁଖ ଧାନ ଉତ୍ପାଦନକାରୀ ଅଞ୍ଚଳ ନିଗାତା ପ୍ରାନ୍ତର ପରିସ୍ଥିତି ସବୁଠାରୁ ଗମ୍ଭୀର ରହିଛି। ସେଠାରେ ୧୨ ଜଣଙ୍କ ମୃତ୍ୟୁ ରେକର୍ଡ କରାଯାଇଛି। ଆକିତାରେ ସାତ ଜଣ ଓ ୟାମାଗାଟାରେ ପାଞ୍ଚ ଜଣଙ୍କ ମୃତ୍ୟୁ ହୋଇଛି। ଆଓମୋରି ଅଞ୍ଚଳରେ ୧୮୩ ସେଣ୍ଟିମିଟର ତୁଷାରପାତ ରେକର୍ଡ କରାଯାଇଛି। ଗତ ୪୦ ବର୍ଷ ମଧ୍ୟରେ ଏହା ସର୍ବାଧିକ।

## ଏନକାଉଣ୍ଟରରେ ୨ ଜୈସ ଆତଙ୍କବାଦୀ ନିହତ

ଶ୍ରୀନଗର, ୪।୨: ଜାମ୍ମୁ ଓ କାଶ୍ମୀରର ଉଧମପୁରରେ ଜୈସ୍-ଏ-ମହମ୍ମଦର ଦୁଇ ଆତଙ୍କୀଙ୍କୁ ଏନକାଉଣ୍ଟରରେ ନିହତ କରିଛି ଭାରତୀୟ ସେନା । ସୁରକ୍ଷା ବାହିନୀ ଉଧମପୁରର ବସନ୍ତଗଡ଼ ଅଞ୍ଚଳରେ ଥିବା ଆତଙ୍କୀଙ୍କ ଏକ ଆଡ୍ଡାକୁ ବିସ୍ଫୋରଣ କରି ନଷ୍ଟ କରିଛି । ଯେଉଁଥିରେ ପାକିସ୍ତାନର ଶୀର୍ଷ କମାଣ୍ଡର ମାଭି ସମେତ ଦୁଇ ଜୈସ୍-ଏ-ମହମ୍ମଦ ଆତଙ୍କବାଦୀ ନିହତ ହୋଇଛନ୍ତି । ଜାମ୍ମୁ କାଶ୍ମୀର ପୁଲିସର ଏକ ନିର୍ଦ୍ଦିଷ୍ଟ ଇଣ୍ଟେଲିଜେନ୍ ଇନପୁଟ୍ ପରେ ଫେବୃଆରୀ ୩ରେ 'କିୟା' କୋଡ୍ ନାମରେ ଏକ ଅପରେସନ୍ ଆରମ୍ଭ ହୋଇଥିଲା, ଯାହା ସେହି ଅଞ୍ଚଳରେ ଜୈସ୍ ଆତଙ୍କବାଦୀଙ୍କ ଉପସ୍ଥିତି ବିଷୟରେ ସୂଚନା ଦେଇଥିଲା । ଜାମ୍ମୁ କାଶ୍ମୀର ପୁଲିସର ଏକ ମିଳିତ ଟିମ୍, ହ୍ୱାଇଟ୍ ନାଇଟ୍ କର୍ପସ (୧୬ କର୍ପସ) ଅଧୀନରେ ଥିବା ଏକ ଏଲିଟ୍ ଭାରତୀୟ ସେନା ୟୁନିଟ୍ ଏବଂ କେନ୍ଦ୍ରୀୟ ରିଜର୍ଭ ପୋଲିସ ଫୋର୍ସ ବସନ୍ତଗଡ଼ର ଜୋଫର ଜଙ୍ଗଲର ସାଧାରଣ ଅଞ୍ଚଳରେ ମିଳିତ ଆତଙ୍କବାଦ ବିରୋଧୀ ଅଭିଯାନ ଚଳାଇଥିଲେ । ସାରା ରାତି ଗୁଳି ବିନିମୟ ଜାରି ରହିଥିଲା । ସୁରକ୍ଷା ବାହିନୀ ଗୁମ୍ଫା ଆଡ୍ଡାର ମୁହଁକୁ ଟାର୍ଗେଟ୍ କରି ରକେଟ୍-ପ୍ରେପେଲ୍ଡ ଗ୍ରେନେଡ୍ ଗୁଳି ଚଳାଇ ଉଭୟ କମାଣ୍ଡରଙ୍କୁ ନିପାତ କରିଥିଲେ ।

# ରାହୁଲ-ରବନୀତ ମୁହାଁମୁହିଁ




ନୂଆଦିଲ୍ଲୀ,୪/୨: ଲଗାତାର ୩ ଦିନ ହେବ ଚାଲିପାରୁନାହିଁ ସଂସଦ ବଜେଟ୍ ଅଧିବେଶନ । ସଂସଦ ବାହାରେ ଭିତରେ ବିରୋଧୀଙ୍କ ହଙ୍ଗାମା ଜାରି ରହିଛି । ସଂସଦ ଭବନ ପରିସରରେ ପ୍ରଦର୍ଶନ ସମୟରେ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କେନ୍ଦ୍ରମନ୍ତ୍ରୀ ରବନୀତ ସିଂ ବିଟ୍ଟୁଙ୍କୁ ତାଚ୍ଛଲ୍ୟ କରିଛନ୍ତି । ତାଙ୍କୁ ବିଶ୍ୱାସଘାତ ବୋଲି କହିଛନ୍ତି । ଏହାକୁ ନେଇ ରାହୁଲ ଏବଂ ରବନୀତଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ଉପୁଜିଛି । ମାମଲାର ଭିଡ଼ିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି । ଶୁଣିବାକୁ ମିଳୁଛି କି, ରବନୀନ ବିଟ୍ଟୁଙ୍କୁ ରାହୁଲ 'ଗଦ୍ଦାର' କହୁଛନ୍ତି । ବିଟ୍ଟୁ ତାଙ୍କୁ ଦେଶର ଶତ୍ରୁ ବୋଲି କହି କଡ଼ା ଜବାବ ଦେଇଛନ୍ତି । ରବନୀନ ବିଟ୍ଟୁ କଂଗ୍ରେସ ଛାଡି ବିଜେପିରେ ସାମିଲ ହୋଇଥିଲେ। ଦେଶର ଶତ୍ରୁ ବମାନ ବିଶ୍ୱାସଘାତକ- ଭିଡ଼ିଓରେ ଦେଖିବାକୁ ମିଳିଛି କି, ରାହୁଲ ଗାନ୍ଧୀ କହୁଛନ୍ତି, ଦେଖ ଜଣେ ଗଦ୍ଦାର ଆସୁଛନ୍ତି । ତାଙ୍କ ଚେହେରାକୁ ଦେଖ । ଏହାପରେ ସେଠାରେ ଉପସ୍ଥିତ ସାଂସଦ ହସିବାକୁ ଲାଗୁଛନ୍ତି । ଏହାପରେ ରବନିତ ବିଟ୍ଟୁ ତାଙ୍କ ନିକଟକୁ ଯାଇ ଅଟକି ଯାଉଛନ୍ତି । ରବନିତଙ୍କୁ ବିଶ୍ୱାସଘାତକ କହି ରାହୁଲ ତାଚ୍ଛଲ୍ୟ କରିବାରୁ ମୁହାଁମୁହିଁ ସ୍ଥିତି ଉପୁଜିଥିଲା । ଏହାର ଜବାବ ଦେଇ ରାହୁଲଙ୍କୁ ଦେଶର ଶତ୍ରୁ କହି କଡ଼ା ନିଶାନା କରିଛନ୍ତି ରବନିତ । ରାହୁଲ ହାତ ମିଳାଇବାକୁ କହିବାରୁ ମନା କରି ଦେଇଥିଲେ ରବନିତ । ଦେଶର ଶତ୍ରୁ ଆଗକୁ ବଢିଯାଆନ୍ତି । ଏହି ପ୍ରସଙ୍ଗରେ ରାହୁଲଙ୍କୁ 'ଗଦ୍ଦାର' କହି ବର୍ଷିଲେ ଦିଲ୍ଲୀର ମନ୍ତ୍ରୀ ମଞ୍ଜିନ୍ଦର ସିର୍ସା । ରାହୁଲ 'ଗଦ୍ଦାର' ଶିଖ୍ ସମ୍ପ୍ରଦାୟ 'ଗଦ୍ଦାର' ନୁହଁନ୍ତି ବୋଲି କହିଛନ୍ତି । ୨୦୨୪ରେ କଂଗ୍ରେସ ଛାଡ଼ି ବିଜେପିରେ ମିଶିଥିଲେ ରବନିତ୍ । ବର୍ତ୍ତମାନ କେନ୍ଦ୍ରରେ ରେଲୱେ ରାଷ୍ଟ୍ରମନ୍ତ୍ରୀ ଅଛନ୍ତି ରବନିତ୍ ।

## ଉଡ଼ାଣ ଭରିବା ମାତ୍ରେ ଜଳିଉଠିଲା ବିମାନର ଇଞ୍ଜିନ୍

କୋଲକାତା,୪।୨: ନେପାଳର ରାଜଧାନୀ କାଠମାଣ୍ଡୁରୁ ଇସ୍ତାନବୁଲ ଯାଉଥିବା ଏକ ତୁର୍କୀ ଏୟାରଲାଇନ୍ସର ବିମାନ କୋଲକାତା ବିମାନବନ୍ଦରରେ ଜରୁରୀକାଳୀନ ଅବତରଣ କରିଛି । ବିମାନର ଦକ୍ଷୀଣ ପାର୍ଶ୍ୱ ଇଞ୍ଜିନରେ ନିଆଁ ଲାଗିଥିବା ନେଇ ଆଶଙ୍କା କରି ପାଇଲଟ୍ ବିମାନକୁ କୋଲକାତା ଅଭିମୁଖେ ଆଣିଥିଲେ । ବିମାନରେ ଥିବା ସମସ୍ତ ୨୩୬ ଜଣ ଯାତ୍ରୀ ସୁରକ୍ଷିତ ଅଛନ୍ତି ଏବଂ ବିମାନକୁ ବର୍ତ୍ତମାନ ଯାଞ୍ଚ ପାଇଁ କୋଲକାତା ବିମାନବନ୍ଦରରେ ରଖାଯାଇଛି ।ତୁର୍କୀସ୍ ଏୟାରଲାଇନ୍ସ 'ଟିଏଚୱାଇ-୭୨୭' ଆଜି ଦିନ ୧:୨୮ ରେ କାଠମାଣ୍ଡୁରୁ ଉଡ଼ାଣ ଭରିଥିଲା। ୪ ମିନିଟ୍ ପରେ, ପାଇଲଟ୍ ଡାହାଣ ଇଞ୍ଜିନରେ ନିଆଁ ଲାଗିଥିବାର ଦେଖିଥିଲେ। ପାଇଲଟ୍ ତା'ପରେ କାଠମାଣ୍ଡୁର ପଶ୍ଚିମ ଦିଗରେ ବିମାନକୁ ବୁଲାଇ ଇଞ୍ଜିନକୁ ବନ୍ଦ କରି ଦେଇଥିଲେ। ବିମାନଟି ପ୍ରାୟ ୧୦ ମିନିଟ୍ ପର୍ଯ୍ୟନ୍ତ ଗୋଟିଏ ଇଞ୍ଜିନରେ ଚାଲିଥିଲା। ପ୍ରାୟ ୨:୪୯ ରେ, ବିମାନଟି କୋଲକାତା ବିମାନବନ୍ଦରରେ ଅବତରଣ କରିଥିଲା । ପାଇଲଟ୍ କାଠମାଣ୍ଡୁ ଟାୱାରକୁ ସୂଚନା ଦେଇଥିଲେ ଏବଂ ଗୋଟିଏ ଇଞ୍ଜିନରେ ଉଡ଼ାଣ ଜାରି ରଖିଥିଲେ । ସେପଟେ କୋଲକାତା ଏୟାରପୋର୍ଟରେ ଏମର୍ଜେନ୍ସି ଜାରି ହୋଇଥିଲା । ବିମାନଟି ସୁରକ୍ଷିତ ଅବତରଣ କରିଥିବା ବେଳେ ଏଥିରେ ଥିବା ୨୩୬ ଜଣ ଯାତ୍ରୀ ମଧ୍ୟ ସୁରକ୍ଷିତ ଅଛନ୍ତି । ତଦନ୍ତ ପରେ କ୍ରୁ ନିଷ୍ପତ୍ତି ନେଇଥିଲେ ଯେ, ବିମାନଟି ଦୀର୍ଘ ଯାତ୍ରା ପାଇଁ ନିରାପଦ ନୁହେଁ। ତୁର୍କୀସ୍ ଏୟାରଲାଇନ୍ସ ର ବିମାନ ବର୍ତ୍ତମାନ କୋଲକାତା ବିମାନବନ୍ଦରରେ ଅଛି ଏବଂ ଏହାର ତଦନ୍ତ ଚାଲିଛି। ଅଧିକାରୀ କହିଛନ୍ତି ଯେ, ପାଇଲଟମାନେ ବିମାନକୁ କାଠମାଣ୍ଡୁର ପଶ୍ଚିମ ଦିଗକୁ ବୁଲାଇଥିଲେ ଏବଂ ଡାହାଣ ଇଞ୍ଜିନକୁ ବନ୍ଦ କରିଦେଇଥିଲେ । ଫଳରେ ବିମାନଟି ପ୍ରାୟ ୧୦ ମିନିଟ୍ ପାଇଁ ଗୋଟିଏ ଇଞ୍ଜିନରେ ଉଡ଼ାଣ ଜାରି ରଖିଥିଲା। ରିପୋର୍ଟ ପରେ, କାଠମାଣ୍ଡୁର ତ୍ରିଭୁବନ ଅନ୍ତର୍ଜାତୀୟ ବିମାନବନ୍ଦରକୁ ପ୍ରାୟ ୧୫ ମିନିଟ୍ ପାଇଁ ବନ୍ଦ କରିଦିଆଯାଇଥିଲା।

## ବାଂଲାଦେଶରେ ହିନ୍ଦୁଙ୍କ ପ୍ରତି ହିଂସା ବିରୋଧରେ ଆମେରିକାରେ ରାଲି

ୱାସିଂଟନ,୪।୨: ଗତ କିଛି ଦିନ ମଧ୍ୟରେ ଆମେରିକାର ୨୫ଟି ସହରରେ ଶାନ୍ତିପୂର୍ଣ୍ଣ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ଯାହା ବାଂଲାଦେଶର ହିନ୍ଦୁ ଓ ଅନ୍ୟାନ୍ୟ ସଂଖ୍ୟାଲଘୁ ସମ୍ପ୍ରଦାୟ ସମ୍ମୁଖୀନ ହେଉଥିବା ହିଂସା ପ୍ରତି ଦୃଷ୍ଟି ଆକର୍ଷଣ କରିଥିଲା। ଥଣ୍ଡା ତାପମାତ୍ରା, ବରଫ ଓ ବରଫ-ଆଚ୍ଛାଦିତ ରାସ୍ତା ମଧ୍ୟରେ, ଅଂଶଗ୍ରହଣକାରୀମାନେ ଧର୍ମକୁ ନେଇ ହିଂସାର ଶିକାର ହୋଇଥିବା ଲୋକଙ୍କ ସହ ଏକତା ଦେଖାଇବା ପାଇଁ ସିଟି ହଲ୍ ଓ ନାଗରିକ କେନ୍ଦ୍ରରେ ଏକତ୍ରିତ ହୋଇଥିଲେ। ସମ୍ପ୍ରଦାୟର ସଦସ୍ୟ, ଧାର୍ମିକ ନେତା ଓ ସମ୍ପୃକ୍ତ ନାଗରିକମାନେ ହିଂସା-ପୀଡ଼ିତଙ୍କ ପାଇଁ ନିରବ ପ୍ରାର୍ଥନା କରିଥିଲେ। ଦୁର୍ବଳ ସଂଖ୍ୟାଲଘୁଙ୍କ ସୁରକ୍ଷା ପାଇଁ ସେମାନେ ଆହ୍ୱାନ ଦେଇଥିଲେ। ମଧ୍ୟ-ପଶ୍ଚିମରୁ ପୂର୍ବ ଓ ପଶ୍ଚିମ ଉପକୂଳ ପର୍ଯ୍ୟନ୍ତ, ଅଂଶଗ୍ରହଣକାରୀମାନେ ହତ୍ୟା, ପୋଡ଼ାଜଳା, ଯୌନ ହିଂସା ଓ ଟାର୍ଗେଟେଡ୍ ହତ୍ୟା ଘଟଣା ବିଷୟରେ ସଚେତନତା ସୃଷ୍ଟି କରିଥିଲେ। ଦେଶବ୍ୟାପୀ ଏହି କାର୍ଯ୍ୟକ୍ରମକୁ ଦ୍ୱୈପାୟନ ଦେବ, ଦୀପ୍ତି ମହାଜନ, ଗୀତା ସିକନ୍ଦ ଓ ଦିବ୍ୟା ଜୈନ ସଂଯୋଜନା କରିଥିଲେ।

# ସୁପ୍ରିମକୋର୍ଟରେ ନ୍ୟାୟ ମାଗିଲେ ଦିଦି



ନୂଆଦିଲ୍ଲୀ,୪।୨ : ସୁପ୍ରିମକୋର୍ଟରେ ଗର୍ଜିଲେ ମମତା ବାନାର୍ଜୀ । କେନ୍ଦ୍ର ସରକାରଙ୍କ ସମେତ ନିର୍ବାଚନ କମିଶନଙ୍କ ବିରୋଧରେ ରଖିଲେ ମତ । ଏସଆଇଆର ପ୍ରସଙ୍ଗରେ ବାଢିଲେ ଯୁକ୍ତି । ବୁଧବାର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ସମ୍ମୁଖରେ ଏସଆଇଆର ବିରୋଧରେ ଯୁକ୍ତି ବାଢିଛନ୍ତି ।ମମତା କହିଛନ୍ତି ଯେ, ନ୍ୟାୟ କବାଟ ବନ୍ଦ କରି କାନ୍ଦୁଛି । ଏହା କହିବା ସହ ତାଙ୍କ ମାମଲାକୁ କୋର୍ଟ ମାତ୍ର ୫ ମିନିଟ୍ ପାଇଁ ଶୁଣନ୍ତୁ ବୋଲି ଅନୁରୋଧ କରିଥିଲେ ଦିଦି । ଏହାର ଜବାବରେ ପ୍ରଧାନ ବିଚାରପତି ୧୫ ମିନିଟ୍ ନିଅନ୍ତୁ ବୋଲି କହିଥିଲେ । ମମତା କହିଥିଲେ ଯେ, ସେ କେଉଁଠି ନ୍ୟାୟ ପାଉ ନାହାଁନ୍ତି । ନିର୍ବାଚନ କମିଶନଙ୍କୁ ସେ ୬ ଥର ଚିଠି ଲେଖିଛନ୍ତି । କିନ୍ତୁ କୌଣସି ଜବାବ ମିଳୁନି । କୋର୍ଟ ମଧ ମମତାଙ୍କ ଆବେଦନକୁ ଗ୍ରହଣ କରିଛନ୍ତି । ଏହାକୁ ସେ ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି । ଏହାସହ ସବୁ ସମସ୍ୟାର ସମାଧାନ ଅଛି ବୋଲି କହିବା ସହ ନିର୍ବାଚନ କମିଶନଙ୍କୁ ନୋଟିସ ଜାରି କରିଛନ୍ତି ।ସୂଚନାଯୋଗ୍ୟ, ଏସଆଇଆର ପ୍ରସଙ୍ଗରେ ମମତା ଦୁଇ ଦିନ ତଳେ ନିର୍ବାଚନ କମିଶନଙ୍କୁ ଭେଟିଥିଲେ । ଏହାପରେ ସିଇସିଙ୍କ ବିରୋଧରେ ସେ ଗଦାଗଦା ଅଭିଯୋଗ ଆଣିଥିଲେ । ନିର୍ବାଚନ କମିଶନ ମିଛ କହୁଛନ୍ତି । ଏପରି ନିର୍ବାଚନ କମିଶନ ସେ କେବେ ଦେଖିନଥିବା ପ୍ରକାଶ କରିଥିଲେ । ଏହାଛଡା ନିର୍ବାଚନ କମିଶନ ଏବଂ ଏସଆଇଆର ପ୍ରସଙ୍ଗରେ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ।

# ସରକାରଙ୍କ ବଡ଼ ପଦକ୍ଷେପ, ରଦ୍ଦ ହେଲା ୨.୫କୋଟି ଆଧାର

ନୂଆଦିଲ୍ଲୀ ୪।୨: ଆଧାରକାର୍ଡ ମାଧ୍ୟମରେ ଦେଶରେ ଠକେଇ ବଢିବଢି ଚାଲିଛି। ମୃତ ବ୍ୟକ୍ତିଙ୍କ ଆଧାରକୁ ମଧ ସାଇବର ଠକେଇ ପାଇଁ ଉପଯୋଗ କରାଯାଉଛି ବା ତ୍ରୁଟିପୂର୍ଣ୍ଣ ବ୍ୟବହାର କରାଯାଉଛି। ଏଣୁ ବାୟୋମେଟ୍ରିକ ପରିଚୟ ପ୍ରଣାଳୀର ସୁରକ୍ଷା ପାଇଁ ସରକାର ମୃତ ବ୍ୟକ୍ତିଙ୍କ ୨.୫କୋଟି ଆଧାର ନମ୍ବରକୁ ବନ୍ଦ କରିଦେଇଛନ୍ତି। ସଠିକ ଡାଟାବେସ୍ ଜାରି ରଖିବା ଉଦ୍ଦେଶ୍ୟରେ କରାଯାଇଥିବା ଏହି ବଡ଼ ସଫେଇ ଅଭିଯାନ ସମ୍ପର୍କରେ କେନ୍ଦ୍ର ସୂଚନା ଓ ପ୍ରଯୁକ୍ତି ରାଜ୍ୟମନ୍ତ୍ରୀ ଜିତିନ ପ୍ରସାଦ ବୁଧବାର ଲୋକସଭାକୁ ସୂଚିତ କରିଛନ୍ତି ।ଇଲେକ୍ଟ୍ରୋନିକ ଓ ଆଇଟି ମନ୍ତ୍ରାଳୟ ଅନୁସାରେ ଏହି ଡିଆକ୍ଟିଭେସନ ନିତ୍ୟାନ୍ତ ଜରୁରି। କାରଣ କୌଣସି ବ୍ୟକ୍ତିଙ୍କ ମୃତ୍ୟୁ ହେଲେ ତାଙ୍କ ଆଧାରନମ୍ବର ଡିଆକ୍ଟିଭେଟ କରି ଦିଆଯିବା ଦ୍ୱାରା ପରିଚୟ ଠକେଇ ରୋକାଯାଇ ପାରିବ। ଏହାଛଡା ସରକାରଙ୍କ କଲ୍ୟାଣକାରୀ ଯୋଜନାଗୁଡିକର ଲାଭ ନେବାରେ ଏପରି ପଦକ୍ଷେପ କୌଣସି ଅନଧିକୃତ ଉପଯୋଗ ରୋକିବ । ଦେଶରେ ପାଖାପାଖି ୧୩୪କୋଟି ଆଧାର ହୋଲ୍ଡର ଥିବା କାରଣରୁ ସିଷ୍ଟମର ସଠିକତା ବଜାୟ ରଖିବା ଏକ ବହୁତ ବଡ଼ କାମ ।ସରକାର କହିଛନ୍ତି ଯେ ମୃତ୍ୟୁ ରେଜିଷ୍ଟ୍ରେସନର ସ୍ଥାନ ଆଧାରକାର୍ଡରେ ଲେଖାଯାଇଥିବା ଠିକଣାରୁ ପୃଥକ ହୋଇପାରେ। ଏହାଦ୍ୱାରା ସିଂକ୍ରୋନାଇଜଡ ଡିଆକ୍ଟିଭେସନ ପ୍ରୟାସ ଆହୁରି ଜରୁରି ହୋଇପଡିଛି। ଏହା ଦେଶବ୍ୟାପୀ ପ୍ରୟାସର ଏକ ବଡ଼ ରଣନୈତିକ ଅଂଶ। ଏହା ଦ୍ୱାରା ସରକାରୀ ସବସିଡି ଓ ସେବା କେବଳ ଜୀବିତ ଓ ସଠିକ ହିତାଧିକାରୀଙ୍କୁ ମିଳିପାରିବ ତାହା ସୁନିଶ୍ଚିତ ହେବ।

# ଆମେରିକାଠୁ ତେଲ କିଣିବା ପ୍ରସଙ୍ଗରେ ଭାରତକୁ ରୁଷର ସମର୍ଥନ



ମସ୍କୋ,୪।୨: ଋଷଠୁ ଭାରତ ଆଉ ତୈଳ କ୍ରୟ କରିବ ନାହିଁ, ଆମେରିକାଠୁ ତେଲ କିଣିବ ଭାରତ। ଆମେରିକା ସହ ଭାରତର ବାଣିଜ୍ୟ ଚୁକ୍ତି ପରେ କିଛି ଏହିଭଳି ଦାବି ଉଠାଇଥିଲେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଟ୍ରମ୍ପଙ୍କ ଏହି ବୟାନ ପରେ ସମସ୍ତଙ୍କ ନଜର ମସ୍କୋ ଉପରେ ରହିଥିଲା। ପ୍ରଶ୍ନ ଉଠୁଥିଲା କି, କଣ ଋଷ-ଭାରତ ସମ୍ପର୍କରେ ଫାଟ ସୃଷ୍ଟି ହେବ ? ନା ଆମେରିକା ଚାପରେ ଆସି ପ୍ରଧାନମନ୍ତ୍ରୀ ମୋଦି ତାଙ୍କ ପୁରୁଣା ବନ୍ଧୁଙ୍କ ହାତ ଛାଡ଼ିଦେଲେ ? ଏଭଳି ଅନେକ ପ୍ରଶ୍ନ ଉପୁଜୁଥିବାବେଳେ ବୁଧବାର ରୁଷ ତରଫରୁ ଯେଉଁ ବୟାନ ଆସିଛି, ତାହା ସବୁ ପ୍ରଶ୍ନ ଉପରେ ପୂର୍ଣ୍ଣଚ୍ଛେଦ ପକାଇଦେଇଛି। ରୁଷ ସ୍ପଷ୍ଟ କରି କହିଛି, ଯଦି ତେଲ କିଣିବା ପାଇଁ ଭାରତ କୌଣସି ବିକଳ୍ପ ଆପଣାଉଛି ତାହେଲେ ଏଥିରେ କୌଣସି ଆପତ୍ତି ନାହିଁ, କି ଏହା କୌଣସି ନୂଆ କଥା ବି ନୁହେଁ। କ୍ରେମଲିନ୍ ମୁଖପାତ୍ର ଦିମିତ୍ରୀ ପେସକୋଭ୍ ବୁଧବାର ଏକ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, 'କେବଳ ଆମେ ନୁହେଁ, ବରଂ ଆନ୍ତର୍ଜାତୀୟ ଶକ୍ତି ପ୍ରସଙ୍ଗରେ ସମସ୍ତ ବିଶେଷଜ୍ଞ ଭଲ ଭାବରେ ଜାଣନ୍ତି ଯେ ରୁଷ ଭାରତକୁ ତୈଳ ଓ ପେଟ୍ରୋଲିୟମ ଉତ୍ପାଦର ଏକମାତ୍ର ଯୋଗାଣକାରୀ ନୁହେଁ। ଭାରତ ସବୁବେଳେ ଏହି ଉତ୍ପାଦଗୁଡ଼ିକୁ ଅନ୍ୟ ଦେଶଗୁଡ଼ିକରୁ ମଧ କିଣିଛି। ତେଣୁ, ଆମେ ଏଥିରେ କିଛି ନୂଆ କଥା ଦେଖୁନାହୁଁ।' ତେବେ ରୁଷର ଏହି ବୟାନ ପ୍ରଧାନମନ୍ତ୍ରୀ ମୋଦିଙ୍କ ନୀତିକୁ ମୋହର ଲଗାଇଲା ଭଳି ମନେ ହେଉଛି। ରୁଷ ଏହା ସ୍ୱୀକାର କରିଛି ଯେ ଭାରତ ଭଳି ଏକ ବିଶାଳ ଦେଶ କୌଣସି ଗୋଟିଏ ଦେଶ ଉପରେ ନିର୍ଭର କରିପାରିବ ନାହିଁ। ତେବେ ରୁଷର ଏହି ବୟାନ ଅନେକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ। ସାଧାରଣତଃ, ଯେତେବେଳେ କୌଣସି ଦେଶ ତାର ସହଯୋଗୀ ଦେଶଠାରୁ ଦୂରେଇ ଯାଏ ଏବଂ ତା''ର ପ୍ରତିଦ୍ୱନ୍ଦ୍ୱୀ ଆମେରିକା ସହିତ ବାଣିଜ୍ୟ ବୃଦ୍ଧି କରେ, ସେତେବେଳେ ଉତ୍ତେଜନା ସୃଷ୍ଟି ହୁଏ, କିନ୍ତୁ ରୁଷର ପ୍ରତିକ୍ରିୟା ରୁଷ ଓ ଭାରତ ମଧ୍ୟରେ ଗଭୀର ବିଶ୍ୱାସକୁ ଦର୍ଶାଉଛି, ଏବଂ ମସ୍କୋ ବିଶ୍ୱାସ କରେ ଯେ ଭାରତ ଆମେରିକାର ଚାପ ଆଗରେ କେବେବି ନଇଁବ ନାହିଁ।

## ନେପାଳ ସରକାରଙ୍କ ବଡ଼ ନିଷ୍ପତ୍ତି

# ବିବାଦୀୟ ସୋସିଆଲ ମିଡିଆ ବିଲ୍ ପ୍ରତ୍ୟାହାର

ନୂଆଦିଲ୍ଲୀ,୪।୨: ନେପାଳର ମଧ୍ୟବର୍ତ୍ତୀକାଳୀନ ସରକାର ଅଭିବ୍ୟକ୍ତିର ସ୍ୱାଧୀନତାକୁ ସୁରକ୍ଷା ଦେବା ପାଇଁ ଏକ ବଡ଼ ପଦକ୍ଷେପ ନେଇଛନ୍ତି। ସରକାର ସଂସଦରେ ବିଚାରାଧୀନ ବିବାଦୀୟ ସୋସିଆଲ ମିଡିଆ ବିଲ୍ ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନେଇଛନ୍ତି। ଯାହା ଦେଶରେ ବ୍ୟାପକ ଜନଆକ୍ରୋଶ ସୃଷ୍ଟି କରିଥିଲା। ପୂର୍ବତନ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲିଙ୍କ ନେତୃତ୍ୱରେ ସରକାର ଏହି ବିଲ୍ ଆଗତ କରିଥିଲେ। ଯୁବପିଢ଼ି ଓ ନାଗରିକ ସମାଜ ଏହାକୁ କଡ଼ା ବିରୋଧ କରିଥିଲେ। ଏବେ ଜନଭାବନା ଓ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସମ୍ମାନ ଦେଇ, ସରକାର ଏହି ଆଇନକୁ ସମ୍ପୂର୍ଣ୍ଣ ଭାବରେ ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନେଇଛନ୍ତି। ନେପାଳ ସାମ୍ବାଦିକ ମହାସଂଘ ଓ ଅନ୍ୟାନ୍ୟ ଡିଜିଟାଲ୍ ଅଧିକାର ଗୋଷ୍ଠୀ ଏହି ବିଲକୁ ସମାଲୋଚନା କରିଥିଲେ। ଏହାର ବ୍ୟବସ୍ଥାଗୁଡ଼ିକୁ ଗଣତାନ୍ତ୍ରିକ ଢାଞ୍ଚା ବିରୋଧରେ ବୋଲି କହିଥିଲେ। ସେମାନେ ଯୁକ୍ତି ଦେଇଥିଲେ ଯେ, ଏହାଦ୍ୱାରା ସାମାଜିକ ଗଣମାଧ୍ୟମର ଅପବ୍ୟବହାର ନାମରେ ସାଧାରଣ ନାଗରିକ ଓ ସାମ୍ବାଦିକମାନଙ୍କୁ ସହଜରେ ଟାର୍ଗେଟ କରାଯାଇପାରିବ। ବ୍ୟାପକ ସମାଲୋଚନା ଓ ଜନସାଧାରଣଙ୍କ ଚାପ ଶେଷରେ ମଧ୍ୟବର୍ତ୍ତୀକାଳୀନ ସରକାର ବିବାଦୀୟ ଆଇନ ପ୍ରତ୍ୟାହାର କରିବାକୁ ବାଧ୍ୟ ହୋଇଛନ୍ତି। ନେପାଳର ଗୃହମନ୍ତ୍ରୀ ତଥା ସରକାରୀ ମୁଖପାତ୍ର ଓମ୍ ପ୍ରକାଶ ଆର୍ଯ୍ୟାଲ ଆନୁଷ୍ଠାନିକ ଭାବରେ ଘୋଷଣା କରିଛନ୍ତି, କ୍ୟାବିନେଟ ସୋସିଆଲ ମିଡିଆ ବିଲ୍ ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନେଇଛି। ଏହି ବିଲ୍ ଦୀର୍ଘ ସମୟ ଧରି ସଂସଦର ଉଚ୍ଚ ସଦନରେ ପଡ଼ି ରହିଥିଲା । ଏଥିରେ ଅଭିବ୍ୟକ୍ତିର ସ୍ୱାଧୀନତାକୁ ପ୍ରତିବନ୍ଧିତ କରୁଥିବା ଅନେକ କଠୋର ବ୍ୟବସ୍ଥା ଥିଲା। ସରକାର ହୃଦୟଙ୍ଗମ କରିଛନ୍ତି ଯେ, ପୁରୁଣା ନିୟମାବଳୀ ସଂଶୋଧନ କରିବା ପରିବର୍ତ୍ତେ ବିଲ୍ ଉପରେ ପୁନର୍ବିଚାର କରିବା ଗଣତନ୍ତ୍ର ପାଇଁ ଅତ୍ୟନ୍ତ ଜରୁରୀ। ସେପ୍ଟେମ୍ବର ମାସରେ, ଜେନ୍-ଜି ଯୁବପିଢ଼ି ସୋସିଆଲ ମିଡିଆ ପ୍ଲାଟଫର୍ମ ଉପରେ ଓଲି ସରକାରଙ୍କ କଟକଣା ବିରୋଧରେ ବିଶାଳ ପ୍ରତିବାଦ ଆରମ୍ଭ କରିଥିଲେ। ଏହି ଆନ୍ଦୋଳନ ଏକ ବ୍ୟାପକ ଦୁର୍ନୀତି ବିରୋଧୀ ପ୍ରଦର୍ଶନରେ ପରିଣତ ହୋଇଥିଲା। ଏହା ତତ୍କାଳୀନ ଓଲି ସରକାରଙ୍କୁ କ୍ଷମତାରୁ ବାହାର କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା।

ପୁଲିସକୁ ଖୋଲା ଚ୍ୟାଲେଞ୍ଜ

# ବନ୍ଧୁକ ମୁନରେ ମହିଳାଙ୍କଠାରୁ ଲୁଟ୍

ଭୁବନେଶ୍ୱର(ନିପ୍ର): ରାଜଧାନୀ ଭୁବନେଶ୍ୱରରେ ଲୁଟେରାମାନେ ଏବେ ଆତଙ୍କରାଜ ସୃଷ୍ଟି କରିଛନ୍ତି। ରାସ୍ତାରୁ ମୋବାଇଲ ଓ ସୁନାଚେନ ଝାମ୍ପି ନେଉଥିବା ବେଳେ ଏବେ ପୁଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇ ବନ୍ଧୁକ ମୁନରେ ମହିଳାଙ୍କୁ ଲୁଟ୍‌ପାଟ କରୁଛନ୍ତି। ନୟାପଲ୍ଲୀ ଗଡ଼ସାହିର ଜଣେ ମହିଳାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ସୁନା ଚେନା ଲୁଟି ନେଇଛନ୍ତି। ପୁଲିସ ସିସିଟିଭି ଯାଞ୍ଚ୍ ସହ ତଦନ୍ତ ଆରମ୍ଭ କରିଛି। ଘଟଣା ଅନୁସାରେ, ଆଜି ସକାଳ ୫ଟା ୩୦ମିନିଟ୍ ସମୟରେ ନୟାପଲ୍ଲୀ ଗଡ଼ସାହି ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ସ୍ଥାନୀୟ ଅଞ୍ଚଳରେ ରହୁଥିବା ୬୨ବର୍ଷୀୟା ଇନ୍ଦୁମତି ବଳବନ୍ତରାୟ ସବୁ ଦିନ ପରି ଆଜି ମଧ୍ୟ ସକାଳୁ ଉଠିଥିଲେ ଆଉ ନିଜ ନିତ୍ୟକର୍ମ ସାରି ଫୁଲ ତୋଳିବା ପାଇଁ ଘରୁ ବାହାରିଥିଲେ। ଆଉ ଠିକ୍ ସେତିକିବେଳେ ଅଚାନକ୍ ଜଣେ ଦୁର୍ବୃତ୍ତ ତାଙ୍କ ମୁଣ୍ଡରେ ଲଗାଇ ଦେଇଥିଲେ ବନ୍ଧୁକ। ଆଉ ଇନ୍ଦୁମତିଙ୍କୁ ମାଗିଥିଲେ ସେ ପିନ୍ଧିଥିବା ସୁନା ଗହଣା। ଜଲଦି ଦିଅ ପାଟି କରନି ନ ହେଲେ ଜୀବନରୁ ମାରିଦେବି କହି ଲୁଟେରା ଦେଇଥିଲେ ଧମକ। ଗନ୍ ପଏଣ୍ଟରେ ଥିବା ମହିଳା ଡରରେ ପିନ୍ଧିଥିବା ସୁନା କାନଫୁଲ ଏବଂ ଚୁଡ଼ି ବାହାର କରି ଦେଇଥିଲେ। ବନ୍ଧୁକଧାରି ଲୁଟେରାଙ୍କୁ ସବୁ ଅଳଙ୍କାର ଦେବା ପରେ ଭୟରେ ଥରୁ ଥିବା ବରିଷ୍ଠ ନାଗରିକଙ୍କ ପିଠି ଆଉଁସି ବାରିପଟ ଦେଇ ଛୁ ହୋଇଯାଇଥିବା ଘଟଣା ଭୟ ଖେଳାଇଛି । ସ୍ଥାନୀୟ ପୁଲିସ ଖବରପାଇ ଦୁର୍ବୃତ୍ତଙ୍କୁ ଧରିବା ପାଇଁ ଆରମ୍ଭ କରିଛି ତନାଘନା। କ୍ରାଇମ ସ୍ପଟ ଭିଜିଟ୍ କରିବା ସହ ସ୍ଥାନୀୟ ଲୋକଙ୍କୁ କରିଛି ପଚ଼ରାଉଚ଼ରା । ସ୍ଥାନୀୟ ଅଞ୍ଚଳରେ ପଇଁତରା ମାରିବା ସହ ଡାଟା ପାଇଁ ସେହି ଘରେ ଓ ପଡ଼ିଶା ଘରେ ଲାଗିଥିବା ସିସିଟିଭି ଡିଭିଆର୍ ମଧ୍ୟ ନେଇଛି। କ୍ରାଇମରେ ବନ୍ଧୁକ ବ୍ୟବହାର ହୋଇଥିବାରୁ ସ୍ପେଶାଲ୍ ସ୍କ୍ୱାଡ ମଧ୍ୟ ସାଦା ପୋଷାକରେ ଛାନଭିନ କରିଛି। ଏପରି ଘଟଣାକୁ ନେଇ ଭୟରେ ସ୍ଥାନୀୟ ଲୋକେ। କେବଳ ରାସ୍ତା ଉପରେ ପୁଲିସ ପାଟ୍ରୋଲିଂ ହେଉଛି ଗଳିକନ୍ଦିରେ ପିସିଆର୍ ବୁଲୁ ନ ଥିବାରୁ ଅପରାଧୀଙ୍କୁ ସୁଯୋଗ ମିଳୁଛି ବୋଲି ବରିଷ୍ଠ ନାଗରିକ କହିଛନ୍ତି। ନୟାପଲ୍ଲୀ ଅଞ୍ଚଳରେ ବନ୍ଧୁକ ଦ୍ୱାରା ଲୁଟ୍ ଘଟଣା ଏବେ ଲୋକଙ୍କ ମନରେ ଭୟ ଓ ପୁଲିସ ପାଇଁ ବଡ ଚ୍ୟାଲେଞ୍ଜ ସୃଷ୍ଟି କରିଛି।

## ଶିକ୍ଷାନୁଷ୍ଠାନ ଭିତରୁ ଚୋରି, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର(ନିପ୍ର): ଏକ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଭିତରୁ ଲୁହା ସାମଗ୍ରୀ ଚୋରି କରିବା ଅଭିଯୋଗରେ ପୋଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ କେନ୍ଦ୍ରାପଡାର ଗୌରାଙ୍ଗ ସେଠୀ। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସୂଚ଼ନାଯୋଗ୍ୟ ଯେ, ଗତ ୩ ତାରିଖ ଦିନ ପ୍ରାୟ ୧୧.୦୦ଟା ସମୟରେ ଅଭିଯୁକ୍ତ ସୋଆ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରୁ ୫,୦୦୦/- ଟଙ୍କାରୁ ଅଧିକ ମୂଲ୍ୟର ଲୁହା ସାମଗ୍ରୀ ଚୋରି କରିଥିଲେ। ଏହା ପରେ କ୍ୟାମ୍ପସ-୫ ଅନ୍ତର୍ଗତ ବାଳକ ହଷ୍ଟେଲ-୧ ରୁ ସାନିଟାରୀ ଫିଟିଂସ୍ ଚୋରି କରିବାକୁ ଚେଷ୍ଟା କରୁଥିବା ସମୟରେ ସୁରକ୍ଷା କର୍ମଚ଼ାରୀମାନେ ତାଙ୍କୁ ଧରି କାବୁ କରିନେଇଥିଲେ। ଏନେଇ ବିକାଶ କୁମାର ପାତ୍ର ଭରତପୁର ଥାନାରେ ଏକ ଲିଖିତ ରିପୋର୍ଟ ଦାଖଲ କରିଥିଲେ। ଗତକାଲି ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ପଚ଼ରାଉଚ଼ରା ସମୟରେ ଅଭିଯୁକ୍ତ ନିଜ ପରିଚ଼ୟ କେନ୍ଦ୍ରାପଡ଼ା ଜିଲ୍ଲାର ଗୌରାଙ୍ଗ ସେଠୀ ଉର୍ଫ ନୃସିଂହ ବୋଲି ପ୍ରକାଶ କରିଥିଲେ ଏବଂ ଉକ୍ତ ଚୋରି ଘଟଣାରେ ନିଜର ସମ୍ପୃକ୍ତି ସ୍ୱୀକାର କରିଥିଲେ। ଯାଞ୍ଚରୁ ଅଭିଯୁକ୍ତଙ୍କ ନାମରେ ଆଳି ଥାନାରେ ତିନୋଟି ଅପରାଧିକ ମାମଲା ରହିଥିବା ଜଣାପଡିଛି। ଅଭିଯୁକ୍ତଙ୍କ ବିରୁଦ୍ଧରେ ଆଇନର ସମ୍ବନ୍ଧିତ ଧାରା ଅନୁଯାୟୀ ପର୍ଯ୍ୟାପ୍ତ ପ୍ରାଥମିକ ପ୍ରମାଣ ମିଳିଥିବାରୁ ସମସ୍ତ ଆଇନଗତ ଔପଚ଼ାରିକତା ପୂରଣ କରି ଆଜି ତାଙ୍କୁ କୋର୍ଟ ଚ଼ାଲାଣ କରାଯାଇଛି।

## ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ତ୍ରିମୂର୍ତ୍ତି ଶିବ ଜୟନ୍ତୀ

ରମ୍ଭା(ନିପ୍ର): ବୁଧବାର ସ୍ଥାନୀୟ ବ୍ରହ୍ମ କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ରମ୍ଭା ଶାଖାରେ ତ୍ରିମୂର୍ତ୍ତି ଶିବ ଜୟନ୍ତୀ ଶାଖା ସଂଯୋଜିକା ତଥା ପାଠଶାଳାର ମୁଖ୍ୟ ସଂଚାଳିକା ବି.କେ ଲିଲି ଭଉଣୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପୂର୍ବ ପ୍ରସ୍ତୁତି କ୍ରମେ ଭାଇଭଉଣୀ ମାନେ ସ୍ଲୋଗାନ, ପତାକା ବ୍ୟାନର ଧରି ସହର ପରିକ୍ରମା କରିଥିଲେ। ଶେଷରେ ପାଠଶାଳା ପରିସରରେ ବ୍ରହ୍ମପୁରର ଓଁ ଶାନ୍ତି ଆଶ୍ରମ ତଥା ଅବସର ପ୍ରାପ୍ତ ବରିଷ୍ଠ ଅଧ୍ୟାପିକା ବି.କେ ମାଳା, ରମ୍ଭା ଏନଏସି ପ୍ରାକ୍ତନ ଚେୟାରମ୍ୟାନ ସୁବାସ ଚନ୍ଦ୍ର ପଣ୍ଡା, ରମ୍ଭା ଶାଖା ସଂଯୋଜିକା ତଥା ମୁଖ୍ୟ ସଂଚାଳିକା ବି. କେ ଲିଲି ଭଉଣୀ ପ୍ରଦୀପ ପ୍ରଜ୍ଜ୍ୱଳନ ସହ ଝଣ୍ଡା ଉତ୍ତୋଳନ କରିଥିଲେ। ଉପସ୍ଥିତ ଆଧ୍ୟାତ୍ମିକବାଦୀ ରାଜ ଯୋଗିନୀ ଭାଇ ଭଉଣୀ ମାନଙ୍କୁ ତ୍ରିମୂର୍ତ୍ତି ଶିବ ଜୟନ୍ତୀ ତଥା ଶିବରାତ୍ରିର ଉଦେଶ୍ୟ, ଉପବାସ, ନିର୍ଜଳା ରହିବା ର ତାତ୍ପର୍ଯ୍ୟ ଉପରେ ଉଲ୍ଲେଖ କରିଥିଲେ। ତତ ସହିତ ଜପ-ତପ କରିଦେଲେ ମାନସିକତାରେ ଯଦି ପରିବର୍ତ୍ତନ ନ ହୁଏ ତାହାହେଲେ ପ୍ଲାନ ଓ ପ୍ରୋଗ୍ରାମ ସେହି ଅନୁପାତରେ ଫଳ ମିଳିବ ବୋଲି ବି. କେ ମାଳା ଭଉଣୀ ମତବ୍ୟକ୍ତ କରିଥିଲେ।

## ମରଣାନ୍ତକ ଆକ୍ରମଣ, ୩ ମହିଳାଙ୍କ ସମେତ ୪ ଗିରଫ

ଭୁବନେଶ୍ୱର(ନିପ୍ର): ଘରେ ପଶି ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଚନ୍ଦକା ପୁଲିସ ୩ଜଣ ମହିଳାଙ୍କ ସମେତ ୪ଜଣଙ୍କୁ ଗିରଫ କରିଛି। ଏନେଇ ଅଜୟ ମହାଭୋଇ (୪୬)ଙ୍କ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସୂଚ଼ନାଯୋଗ୍ୟ ଯେ, ଆଜି ସକାଳ ୭.୦୦ଟାରୁ ୮.୦୦ଟା ମଧ୍ୟରେ, ଅଭିଯୋଗକାରୀ ଘରେ ଉପସ୍ଥିତ ନଥିବା ସମୟରେ ଅଭିଯୁକ୍ତ ସୁକାନ୍ତି ମହାଭୋଇ, ଲମ୍ବୋଦର ଉର୍ଫ ବାବୁଲା ମହାଭୋଇ, ଜାନକୀ ମହାଭୋଇ ଓ ମଞ୍ଜୁଲତା ଜେନା ବେଆଇନ ଭାବରେ ତାଙ୍କ ଘରେ ପ୍ରବେଶ କରି, ତାଙ୍କ ସ୍ତ୍ରୀ ମାମିନି ବେହେରା ଏବଂ ଶାଶୁ ଶାନ୍ତିଲତା ବେହେରାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ ଓ ହତ୍ୟା କରିବା ଉଦ୍ଦେଶ୍ୟରେ କଟୁରୀ, ଲୁହା ରଡ୍ ଓ ସାବଳ ପରି ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଅଭିଯୋଗକାରୀ ଘରକୁ ଫେରିବା ପରେ ଉଭୟ ପୀଡିତାଙ୍କୁ ଆହତ ଅବସ୍ଥାରେ ପଡ଼ିଥିବା ଦେଖିଥିଲେ ଏବଂ ସେମାନଙ୍କ ମୁଣ୍ଡ ଓ ଶରୀରରେ ରକ୍ତାକ୍ତ ଗୁରୁତର କ୍ଷତ ହୋଇଥିବା ଲକ୍ଷ୍ୟ କରିଥିଲେ। ତୁରନ୍ତ ସେମାନଙ୍କୁ ଚ଼ିକିତ୍ସା ପାଇଁ ମେଣ୍ଢାଶାଳ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଯାଇଥିଲେ। ସେଠାରୁ ଫେରିବା ପରେ ଏନେଇ ଥାନାରେ ଏକ ଲିଖିତ ରିପୋର୍ଟ ଦାଖଲ କରିଥିଲେ। ତଦନ୍ତରୁ ଜଣାପଡ଼ିଛି ଯେ ପରିବାର ସଦସ୍ୟମାନଙ୍କ ମଧ୍ୟରେ ଦୀର୍ଘଦିନ ଧରି ଜମି ବିବାଦ ଚ଼ାଲିଆସୁଥିଲା। ଘଟଣା ତାରିଖରେ, ପୀଡିତମାନେ ନିର୍ମାଣ ଉଦ୍ଦେଶ୍ୟରେ ବିବାଦୀୟ ଜମି ଖୋଳୁଥିବା ସମୟରେ ଅଭିଯୁକ୍ତମାନେ ବିରୋଧ କରି ଆକ୍ରମଣ କରିଥିଲେ, ଯାହାର ଫଳସ୍ୱରୂପ ସେମାନେ ଗୁରୁତର ଆହତ ହୋଇଥିଲେ। ଅଭିଯୁକ୍ତଙ୍କ ବିରୁଦ୍ଧରେ ଆଇନର ସମ୍ବନ୍ଧିତ ଧାରା ଅନୁଯାୟୀ ପର୍ଯ୍ୟାପ୍ତ ପ୍ରାଥମିକ ପ୍ରମାଣ ମିଳିଥିବାରୁ ସମସ୍ତ ଆଇନଗତ ଔପଚ଼ାରିକତା ପୂରଣ କରି ଆଜି ସେମାନଙ୍କୁକୋର୍ଟ ଚ଼ାଲାଣ କରାଯାଇଛି।

## ଜାତୀୟ ଜନଗଣନା ପାଇଁ ସମୀକ୍ଷା ଓ ତାଲିମ



ଭବାନୀପାଟଣା: କଳାହାଣ୍ଡି ଜିଲ୍ଲାରେ ଜାତୀୟ ଜନଗଣନା-୨୦୨୭ର ସଫଳ ରୂପାୟନ ପାଇଁ ଜନଗଣନା ନିର୍ଦ୍ଦେଶାଳୟ, ଓଡ଼ିଶା ଏବଂ କଳାହାଣ୍ଡି ଜିଲ୍ଲା ପ୍ରଶାସନର ମିଳିତ ଉଦ୍ୟମରେ ବୁଧବାର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ଓ ତାଲିମ କାର୍ଯ୍ୟକ୍ରମ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ସମୀକ୍ଷା ଓ ତାଲିମ କାର୍ଯ୍ୟକ୍ରମରେ ଜନଗଣନା ନିର୍ଦ୍ଦେଶାଳୟ, ଓଡ଼ିଶା ପକ୍ଷରୁ ଯୁଗ୍ମ ନିର୍ଦ୍ଦେଶକ ଡ଼ଃ. ଅଭୟ ନାରାୟଣ ନାୟକ ଯୋଗଦେଇ ସମ୍ପୃକ୍ତ ଅଧିକାରୀମାନଙ୍କୁ ଜନଗଣନାର ପ୍ରକ୍ରିୟା, ଡିଜିଟାଲ ଉପକରଣ, ଗୃହତାଲିକା ବ୍ଲକ ଗଠନ ଏବଂ ଦାୟିତ୍ୱ ସମ୍ପର୍କରେ ବିସ୍ତୃତ ତାଲିମ ପ୍ରଦାନ କରିଥିଲେ । ଏହି ଜନଗଣନା ଭାରତର ୧୬ ତମ ଜନଗଣନା ଏବଂ ସ୍ୱାଧିନତା ପରେ ଅଷ୍ଟମ ଜନଗଣନା ହେବ । ଏହା ଦୁଇଟି ପର୍ଯ୍ୟାୟରେ ସମ୍ପନ୍ନ ହେବ । ପ୍ରଥମ ପର୍ଯ୍ୟାୟରେ ଗୃହତାଲିକା ଓ ଗୃହଗଣନା ସବୁ ୨୦୨୬ ଏପ୍ରିଲ ୧୬ ତାରିଖରୁ ୧୫ ମଇ ପର୍ଯ୍ୟନ୍ତ ହେବ । ଏହା ପୂର୍ବରୁ ଏପ୍ରିଲ ୧ରୁ ୧୫ ତାରିଖ ମଧ୍ୟରେ ଜନସାଧାରଣଙ୍କ ପାଇଁ ସ୍ୱ-ଗଣନା ସୁବିଧା ଉପଲବ୍ଧ ରହିବ, ଯାହା ମାଧ୍ୟମରେ ନାଗରିକମାନେ ନିଜ ତଥ୍ୟ ଅନଲାଇନ ୱେବସାଇଟ ଜରିଆରେ ପ୍ରଦାନ କରିପାରିବେ । ଦ୍ୱିତୀୟ ପର୍ଯ୍ୟାୟରେ ଜନସଂଖ୍ୟା ଗଣନା ୨୦୨୭ ଫେବୃଆରୀ ୯ରୁ ୨୮ ପର୍ଯ୍ୟନ୍ତ ହେବ ଏବଂ ୨୦୨୭ ମାର୍ଚ୍ଚ ୧ରୁ ୫ ମଧ୍ୟରେ ପୁନର୍ବିକ୍ଷଣ କରାଯିବ । ଏହି ଜନଗଣନା ପ୍ରଥମଥର ପାଇଁ ସମ୍ପୂର୍ଣ୍ଣ ଡିଜିଟାଲ ପ୍ରଣାଳୀରେ କରାଯିବ । ଓ ମୋବାଇଲ ଆପ୍ ମାଧ୍ୟମରେ ଗଣନାକାରୀମାନେ ଘର ଘର ଯାଇ ତଥ୍ୟ ସଂଗ୍ରହ କରିବେ । ଏହାଦ୍ୱାରା ତଥ୍ୟର ସଠିକତା, ସ୍ୱଚ୍ଛତା ଓ ଦ୍ରୁତ ମନିଟରିଙ୍ଗ ସୁନିଶ୍ଚିତ ହେବ । ଜିଲ୍ଲା ଭାରପ୍ରାପ୍ତ ପରିସଂଖ୍ୟାନ ଅଧିକାରୀ ପାଠକ ତାଲିମ ପ୍ରଦାନରେ ସହଯୋଗ କରିଥିଲେ । ଜିଲ୍ଲାରେ ୩୬୦୦ ଜଣ ଅଧିକାରୀ, କର୍ମଚାରୀ ଏହି ଜାତୀୟ ଜନଗଣନା କାର୍ଯ୍ୟକ୍ରମରେ ନିୟୋଜିତ ହେବେ, ସେଥିମଧ୍ୟରୁ ୧୯ ଜଣ ଚାର୍ଜ ଅଧିକାରୀ, ୧୯ ଜଣ ଅତିରିକ୍ତ ଚାର୍ଜ ଅଧିକାରୀ ଏବଂ ୨ ଜଣ ଉପଖଣ୍ଡ ଚାର୍ଜ ଅଧିକାରୀ ରହିବେ । ଜିଲ୍ଲା ମୁଖ୍ୟ ଜନଗଣନା ଅଧିକାରୀ ଭାବେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ, ଜିଲ୍ଲା ଜନଗଣନା ଅଧିକାରୀ ଭାବେ ଅତିରିକ୍ତ ଜିଲ୍ଲାପାଳ ଦାୟିତ୍ୱରେ ରହିବେ । ଏହି ଜାତୀୟ ଜନଗଣନା କାର୍ଯ୍ୟକ୍ରମରେ ସମସ୍ତ ସମ୍ପୃକ୍ତ ଅଧିକାରୀ ନିଜର ଦାୟିତ୍ୱ ସୁଚାରୁରୂପେ ତୁଲାଇବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ।

## ମୋବାଇଲ ଲୁଟେରାଙ୍କୁ ବର୍ଷେ ଜେଲ୍

ଭୁବନେଶ୍ୱର(ନିପ୍ର): ମାନ୍ୟବର ବିଚ଼ାରପତି ମିସ୍ କରୋନିକା ଘୋଷ, ଜେ.ଏମ.ଏଫ୍.ସି. (ତୃତୀୟ), ଭୁବନେଶ୍ୱର, ଚ଼ଳିତ ବର୍ଷ ଡିସେମ୍ବର ମାସରେ ଭୁବନେଶ୍ୱର ନୟାପଲ୍ଲୀ ଅଞ୍ଚଳରେ ଘଟିଥିବା ଏକ ମୋବାଇଲ୍ ଛିନତାଇ ମାମଲାର ବିଚ଼ାର ସମାପ୍ତ କରି ଆସାମୀ ଗୁରୁ ଚ଼ରଣ ଟୁଡୁଙ୍କୁ ୧ ବର୍ଷର ସଜ୍ଜା ଶୁଣାଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଭୁବନେଶ୍ୱର ନୟାପଲ୍ଲୀ ଆଇଆରସି ଭିଲେଜ୍‌ରେ ରହୁଥିବା ଅନିମେଶ ପରିଡା (୨୯), ଗତ ତା. ୨୩.୧୨.୨୦୨୫ ରିଖ ଦିନ ପ୍ରାୟ ୧.୦୦ଟା ସମୟରେ ସେ ସ୍ୱପ୍ନେଶ୍ୱର ମନ୍ଦିର ନିକଟରେ ଥିବା ବେଳେ ଆସାମୀ ଗୁରୁ ଚ଼ରଣ ଟୁଡୁ ତାଙ୍କ ହେପାଜତରୁ ଗୋଟିଏ ଓପୋ ମୋବାଇଲ୍ ଫୋନ୍ ଛିନତାଇ କରିନେଇ ପଳାଇଥିଲେ। ଏନେଇ ଅଭିଯୋଗକାରୀ ସେହିଦିନ ନୟାପଲ୍ଲୀ ଥାନାରେ ଏକ ଲିଖିତ ରିପୋର୍ଟ ଦାଖଲ କରିଥିଲେ। ଉକ୍ତ ରିପୋର୍ଟ ଆଧାରରେ ନୟାପଲ୍ଲୀ ଥାନା କେସ୍ ନଂ. ୭୮୬/୨୫, ତା. ୨୩.୧୨.୨୦୨୫, ଧାରା ୩୦୪(୨) ବିଏନ୍‌ଏସ୍ ଅନୁଯାୟୀ ରୁଜୁ କରାଯାଇଥିଲା ଏବଂ ଏସ୍‌ଆଇ ଶୁଭ୍ରାଂଶୁ ମହାପାତ୍ରଙ୍କୁ ମାମଲାର ତଦନ୍ତ ଦାୟିତ୍ୱ ଦିଆଯାଇଥିଲା। ତଦନ୍ତକାଳୀନ ସମୟରେ ସମସ୍ତ ପ୍ରମାଣ, ସାକ୍ଷୀଙ୍କ ବୟାନ ଏବଂ ଘଟଣାସ୍ଥଳ ସମ୍ବନ୍ଧୀୟ ତଥ୍ୟ ସଂଗ୍ରହ କରାଯାଇ ଅଭିଯୁକ୍ତଙ୍କ ବିରୁଦ୍ଧରେ ପ୍ରଚୁର ପ୍ରମାଣ ମିଳିବା ପରେ ତାଙ୍କୁ ଗିରଫ କରାଯାଇଥିଲା। ପରବର୍ତ୍ତୀକାଳରେ ତଦନ୍ତକାରୀ ଅଧିକାରୀ ସମୟସୀମା ମଧ୍ୟରେ ମାନ୍ୟବର ଅଦାଲତରେ ଚ଼ାର୍ଜସିଟ୍ ଦାଖଲ କରିଥିଲେ। ବିଚ଼ାର ସମୟରେ ମାନ୍ୟବର ଅଦାଲତ ସରକାରୀ ଓକିଲ ବିଜୟ ବାରିକ, ସୟଦ୍ ମହମ୍ମଦ ଅନୱର ଓ ଅକ୍ଷୟ ପ୍ରସାଦ ବେହେରାଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସମସ୍ତ ତଥ୍ୟ, ସାକ୍ଷୀଙ୍କ ବୟାନ ଏବଂ ଦସ୍ତାବିଜ ଗ୍ରହଣ କରି ମାମଲା ପଞ୍ଜୀକୃତ ହେବାର ୪୩ ଦିନ ମଧ୍ୟରେ ବିଚ଼ାର ସମାପ୍ତ କରିଥିଲେ। ଏହାନୁସାରେ ମାନ୍ୟବର ଅଦାଲତ ଅଭିଯୁକ୍ତ ଗୁରୁ ଚ଼ରଣ ଟୁଡୁଙ୍କୁ ୧ ବର୍ଷ ସଶ୍ରମ କାରାଦଣ୍ଡ ସହିତ ୧,୦୦୦/- ଟଙ୍କା ଜରିମାନା ଦଣ୍ଡାଦେଶ ଶୁଣାଇଛନ୍ତି। ସୂଚ଼ନାଯୋଗ୍ୟ ଯେ, ଗତବର୍ଷ ୧୦୦ଟି ରୁ ଊର୍ଦ୍ଧ୍ୱ ମାମଲାରେ ଦୋଷୀ ମାନଙ୍କୁ ସଜ୍ଜା ଦିଆଯାଇ ପାରିଥିବା ବେଳେ, ଭୁବନେଶ୍ୱର ସହରାଞ୍ଚଳ ଜିଲ୍ଲା ତରଫରୁ ଦୋଷୀଙ୍କୁ ସଜ୍ଜା ହୋଇଥିବା ଚ଼ଳିତ ବର୍ଷର ଏହା ହେଉଛି ୧୪ତମ ମାମଲା ।

## କୁଚିଣ୍ଡା ଭିଜନ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଫାଇନାଲରେ ୟୁଥ୍ କ୍ରିକେଟ ଆସୋସିଏସନ୍ ରାଉରକେଲା

କୁଚିଣ୍ଡା(ନିପ୍ର): ମୁକୁନ୍ଦୀ ଷ୍ଟାଡିୟମ ଠାରେ ଆୟୋଜିତ ପ୍ରଥମ ଭିଜନ କୁଚିଣ୍ଡା କପ କ୍ରିକେଟ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିବସରେ ପ୍ରଥମ ସେମି ଫାଇନାଲ ମ୍ୟାଚ ୟୁଥ କ୍ରିକେଟ ଆସୋସିଏସନ ରାଉରକେଲା ଓ ସମ୍ବଲପୁର କ୍ରିକେଟ ଏକାଡେମି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୟୁଥ କ୍ରିକେଟ ଆସୋସିଏସନ ରାଉରକେଲା ଦଳ ଟସ୍ ଜିତି ବ୍ୟାଟିଂ କରିବା ନିଷ୍ପତ୍ତି ନେଇଥିଲେ। ସୁମିତ ଶର୍ମାଙ୍କ ୫୦ ରନ ଓ ଆଦିତ୍ୟ ସାଗରଙ୍କୁ ୪୪ ରନ ବଳରେ ନିର୍ଦ୍ଧାରିତ ୨୫ ଓଭରରେ ୭ ଉଇକେଟ ବିନିମୟରେ ୨୦୧ ରନ କରିଥିଲେ। ୨୦୨ ରନର ବିଜୟ ଲକ୍ଷ୍ୟର ପିଛା କରି ସମ୍ବଲପୁର କ୍ରିକେଟ ଏକାଡେମୀ ଦଳ ବରୁଣ ନାଗଙ୍କ ୧୦୫ ରନ ଓ ରିହାନା ଖାନଙ୍କ ୩୨ ରନ ବଳରେ ନିର୍ଦ୍ଧାରିତ ୪ ଉଇକେଟ ବିନିମୟରେ ୧୮୭ କରିପାରିଥିଲେ। ରାଉରକେଲା ଦଳ ୧୪ ରନରେ ଏହି ମ୍ୟାଚ୍ ଜିତି ପ୍ରଥମ ଫାଇନାଲିଷ୍ଟ ଦଳ ଭାବେ ଫାଇନାଲକୁ ଉନ୍ନୀତ ହୋଇଛି। ଆଜିର ମ୍ୟାଚରେ ସମ୍ବଲପୁର ଦଳର ୧୦୫ ରନ କରିଥିବା ବରୁଣ ନାଗ ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ଏହି ମ୍ୟାଚକୁ ଓସିଏ ସିକୃତି ପ୍ରାପ୍ତ ଅମ୍ପାୟର ସଞ୍ଜୟ ନାଏକ ଏବଂ ଏମଡି ଇଶାକ ପରିଚାଳନା କରିଥିଲେ।

## ଖାନପୁର କ୍ରିକେଟଲିଗ: ଗାଲିବୱାରିଆର ସେମିଫାଇନାଲକୁ ଉନ୍ନୀତ

କାକଟପୁର(ନିପ୍ର): କାକଟପୁର ନିକଟସ୍ଥ ଖାନପୁର କ୍ରିକେଟ ପଡିଆରେ ଖାନପୁର ଟି ଟେନ ପ୍ରିମିଅର ଲିଗ ମ୍ୟାଚର ଦ୍ୱିତୀୟ କ୍ୱାଟର ଫାଇନାଲ ମ୍ୟାଚ, ଫାଇଟର ଇଲେଭେନ ଓ ଗାଲିବୱାରିଆର ସହିତ ହୋଇଥିଲା । ଟସ ଜିତି ଗାଲିବୱାରିଅର ପ୍ରଥମେ ଫିଲଡିଂ କରିବାର ନିଷ୍ପତ୍ତି ନେଇଥିଲା । ଫାଇଟର ଇଲେଭେନ ପ୍ରଥମେ ବ୍ୟାଟିଂକରି ଦଶ ଓଭରରେ ସମସ୍ତ ଉଇକେଟ ହରାଇ ୪୮ ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା । ଦଳ ପକ୍ଷରୁ ସାଦକତ ଅଲ୍ଲୀ ସର୍ବାଧିକ ଦଶ ରନ ସଂଗ୍ରହ କରିଥିଲେ । ବିପକ୍ଷ ଦଳ ପକ୍ଷରୁ ଟୁଲୁ ପଣ୍ଡା ଦୁଇ ଓଭରରେ ଦୁଇ ଉଇକେଟ ସଂଗ୍ରହ କରିଥିଲେ । ଅପରପକ୍ଷରେ ଗାଲିବୱାରିଅର ଦୁଇ ଉଇକେଟ ହରାଇ ତିନି ଓଭର, ଦୁଇ ବଲ ଖେଳି ବିଜୟ ଲାଭ କରି ସେମିଫାଇନାଲରେ ପ୍ରବେଶ କରିଥିଲା । ଦଳ ପକ୍ଷରୁ ଟୁଲୁ ପଣ୍ଡା ସର୍ବାଧିକ ୨୯ ରନ କରି ମ୍ୟାନ ଅଫ୍ ଦ ମ୍ୟାଚ ବିବେଚିତ ହୋଇଥିଲେ । ଏହି ଟୁର୍ଣ୍ଣାମେଣ୍ଟ ଦେଖିବାକୁ ଆଖପାଖ ଅଞ୍ଚଳର ବହୁ ଯୁବ ଖେଳପ୍ରେମୀ ଦର୍ଶକ ପଡିଆରେ ଭରପୁର ଆନନ୍ଦ ଉଠାଉଥିବା ଦେଖିବାକୁ ମିଳିଥିଲା ।

## ନିମାପଡ଼ାର ସର୍ବାଙ୍ଗୀନ ବିକାଶ ନିମନ୍ତେ ଯୋଜନା ପ୍ରସ୍ତୁତ ସରିଛି: ଉପ-ମୁଖ୍ୟମନ୍ତ୍ରୀ



ନିମାପଡ଼ା(ନିପ୍ର): ନିମାପଡ଼ା ନିର୍ବାଚନ ମଣ୍ଡଳୀକୁ ସମୃଦ୍ଧଶାଳୀ କରିବା ପାଇଁ ଯୋଜନା ପ୍ରସ୍ତୁତ ସରିଛି ଏବଂ ଖୁବ୍‌ଶୀଘ୍ର ତାହା କାର୍ଯ୍ୟକାରୀ ହେବ ବୋଲି ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତି ପ୍ରଭାତି ପରିଡ଼ା ବୁଧବାର ଏକ ସଭାରେ ଘୋଷଣା କରି ନିମାପଡ଼ାବାସୀଙ୍କ ସଂପୂର୍ଣ୍ଣ ସହଯୋଗ କାମନା କରିଥିଲେ। ସାମାଜିକ ଅନୁଷ୍ଠାନ ନିମାପଡ଼ା-ଗୋପ ସିଭିଲ ସୋସାଇଟି ଅଧିଷ୍ଠାନ ଦିବସ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନିମାପଡ଼ାକୁ ନଗରପାଳ ଘୋଷଣା, ସାଧାରଣ ପାଠାଗାର ନିର୍ମାଣ ପାଇଁ ୫ କୋଟି, କନଫରେନ୍ସ ହଲ୍ (ଭିଲ୍ଲିଗ୍ରାମ, ବଡ଼ଶିରିବିଳା, ଗୋପ) ନିର୍ମାଣ, ଗୋପରେ ସିଭିଲ୍ କୋର୍ଟ ଆଦି ଅନେକ ଯୋଜନା ଫଳପ୍ରଦ ହେବାକୁ ଯାଉଛି ବୋଲି ସୂଚନା ଦେଇ ଶୃଙ୍ଖଳିତ ଆଚରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଅନୁଷ୍ଠାନ ସଭାପତି ସୁଧୀର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଉପଦେଷ୍ଟା ଯୋଗେନ୍ଦ୍ର ମିଶ୍ର, ସମ୍ମାନିତ ଅତିଥି ଭାବେ ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁ ପ୍ରମୁଖ ଯୋଗ ଦେଇ ନିମାପଡ଼ାର ସର୍ବାଙ୍ଗୀନ ବିକାଶ ଦିଗରେ ଉପ-ମୁଖ୍ୟମନ୍ତ୍ରୀଙ୍କୁ ସବୁ ଜଣା ଏବଂ ସେ ଠିକଣା ସମୟରେ ପଦକ୍ଷେପ ନେଇ ଥିବାରୁ କୃତଜ୍ଞତା ଜ୍ଞାପନ କରିଥିଲେ । ସାଧାରଣ ସଂପାଦକ ପ୍ରଶାନ୍ତ ସାହୁ ସଭାସ୍ଥଳୀରେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟର ତଦାରଖ କରୁଥିଲେ । ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ବ୍ଲକ୍ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ଏନ୍‌ଏସି ପ୍ରତିନିଧି ମୀନଲତା ମହାନ୍ତି, ଯତିନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ । କୁଶଭଦ୍ରା ନଦୀର ପୁନରୁଦ୍ଧାର ପାଇଁ ଦାୟାଦ ସଂଗଠନ ସଭାପତି ଆର୍ତ୍ତବନ୍ଧୁ ସେନାପତି ଦେଇଥିବା ପ୍ରସ୍ତାବ ଖୁବ୍‌ଶୀଘ୍ର କାର୍ଯ୍ୟକାରୀ ହେବ ବୋଲି ଉପ-ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । ନିରଦ ଖୁଂଟିଆ ସଭାରେ ଉଦ୍‌ବୋଧନ ଦେଇଥିଲେ ।

## ରାଜ୍ୟ ବାର୍ କାଉନସିଲର ଅଧ୍ୟକ୍ଷତାରେ ନରସିଂହପୁର ବାର୍ ଆସୋସିଏସନର ଏକତ୍ରିକରଣ

କଟକ(ନିପ୍ର): ରାଜ୍ୟ ବାର କାଉନସିଲର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀଙ୍କ ଡାକରାକ୍ରମେ ନରସିଂହପୁର ବାର ଆସୋସିଏସନର ୨ ପକ୍ଷରୁ ସଦସ୍ୟମାନେ ରାଜ୍ୟ ବାର କାଉନସିଲରେ ଉପସ୍ଥିତ ରହି ସର୍ବସମ୍ମତିକ୍ରମେ ସମସ୍ତ ବିରୋଧାଭାଷକୁ ଭୁଲି ଏକତ୍ରୀକରଣ ହେବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଅଧ୍ୟକ୍ଷ ଶ୍ରୀ ଦ୍ୱିବେଦୀ ଓ ରାଜ୍ୟ ବାର କାଉନସିଲ ସେଣ୍ଟ୍ରାଲ କାଉନସିଲ କମିଟିର ଅଧ୍ୟକ୍ଷ ଅରୂପାନନ୍ଦ ଦାସ ଓ ସଦସ୍ୟ ବିଭୂ ପ୍ରସାଦ ତ୍ରିପାଠୀ, ମାନସ ଚାନ୍ଦ, ବିଭୂ ପ୍ରସାଦ ଦାସ ଓ ଧନଞ୍ଜୟ ମୁଣ୍ଡ ଉପସ୍ଥିତ ରହି ଆଇନଜୀବି ମାନଙ୍କର ପେଶା, ଦକ୍ଷତା, ଏକତା ଓ ସଂଘବଦ୍ଧତାକୁ ବଜାୟ ରଖିବା ପାଇଁ ନରସିଂହପୁର ବାର ଆସୋସିଏସନର ୨ ଗୋଷ୍ଠୀର ସଦସ୍ୟମାନଙ୍କୁ ଅନୁରୋଧ କରିଥିଲେ । ନରସିଂହପୁର ବାର ଆସୋସିଏସନର ସଭାପତି ନିର୍ମଳେନ୍ଦୁ ମିଶ୍ର ଓ ଉପସ୍ଥିତ ସଦସ୍ୟମାନେ ଏହାକୁ ସ୍ୱାଗତ କରି ସମସ୍ତ ମନମାଳିନ୍ୟକୁ ଭୁଲି ବାର ଆସୋସିଏସନର ଉନ୍ନତି କରିବା ପାଇଁ ଏକତ୍ରୀକରଣର ଆବଶ୍ୟକତାକୁ ଉପଲବ୍ଧ କରି ସର୍ବସମ୍ମତିକ୍ରମେ ଏହାକୁ ସ୍ୱାଗତ କରିଥିଲେ । ଆସନ୍ତା ମାର୍ଚ୍ଚ ମାସରେ ବାର ଆସୋସିଏସନର ନିର୍ବାଚନ ଏକାଠି ଲଢ଼ିବା ପାଇଁ ନିଷ୍ପତ୍ତି ନେଇଛନ୍ତି ।

ଓଡ଼ିଶା ପୋଲିସର ଅପରେସନ ଅନ୍ୱେଷଣ-୨

# ୫୪୫୧ ଜଣ ନିଖୋଜ ବ୍ୟକ୍ତି ଉଦ୍ଧାର

କଟକ(ନିପ୍ର): ପରିବାର ଠାରୁ ବିଚ୍ଛିନ୍ନ ହୋଇଯାଇଥିବା ନିଖୋଜ ଶିଶୁ ଓ ମହିଳାମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ପୁନଃ ପରିବାର ସହ ମିଳନ କରାଇବାରେ ଓଡ଼ିଶା ପୋଲିସ ଅଗ୍ରଣି ଭୂମିକା ଗ୍ରହଣ କରିଛି । ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆଙ୍କ ନିର୍ଦ୍ଦେଶକ୍ରମେ ଗତ ୨୧.୦୧.୨୦୨୬ ରୁ ୩୦.୦୧.୨୦୨୬ ରିଖ ପର୍ଯ୍ୟନ୍ତ ଓଡ଼ିଶା ପୋଲିସ ପକ୍ଷରୁ ରାଜ୍ୟବ୍ୟାପୀ ଅପରେସନ ଅନ୍ୱେଷଣ-୨ କାର୍ଯ୍ୟକ୍ରମ ଅଭିଯାନ କରାଯାଇଥିଲା। ଏହି ଅଭିଯାନରେ ରାଜ୍ୟର ସମସ୍ତ ଜିଲ୍ଲା ଓ ସହରାଞ୍ଚଳ ପୋଲିସ ସକ୍ରିୟ ଭାବେ ସାମିଲ ହୋଇ ରେକର୍ଡ଼ ସଂଖ୍ୟକ ୫୪୫୧ ଜଣ ନିଖୋଜ ବ୍ୟକ୍ତିଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବାରେ ସଫଳ ହୋଇଛନ୍ତି । ସେଥିମଧ୍ୟରେ ୭୭ଜଣ ନାବାଳକ, ୭୦୯ଜଣ ନାବାଳିକା ଓ ୪୬୬୫ ଜଣ ମହିଳା ଅନ୍ତର୍ଭୁକ୍ତ ଅଛନ୍ତି । ପୁରୀ ଜିଲ୍ଲା ପୋଲିସ ସର୍ବାଧିକ ୬୧୩ଜଣ ନିଖୋଜ ବ୍ୟକ୍ତିଙ୍କୁ ଉଦ୍ଧାର କରିଥିବାବେଳେ କଟକ ଜିଲ୍ଲା ୫୦୧ଜଣ, ଭଦ୍ରକ ଜିଲ୍ଲା ୪୨୯ଜଣ ଉଦ୍ଧାର କରିଛନ୍ତି। ସେହିପରି ଗଂଜାମ ଜିଲ୍ଲା ୪୧୩ଜଣ, କେନ୍ଦ୍ରାପଡ଼ା ୩୪୬ଜଣ, ଯାଜପୁର ୨୭୧ଜଣ, ବରଗଡ଼ ୨୩୬ଜଣ, ଅନୁଗୁଳ ୨୧୦ଜଣ, ଢେ଼ଙ୍କାନାଳ ୨୦୬ଜଣ, ଜଗତସିଂହପୁର ୧୭୭ଜଣ, ନୂଆପଡ଼ା ୧୭୩ଜଣ, ବ୍ରହ୍ମପୁର ୧୭୦ଜଣ, କେଉଁଝର ୧୬୧ଜଣ, ସୁନ୍ଦରଗଡ଼ ୧୩୫ ଜଣ, କଟକ ସହରାଞ୍ଚଳ ୧୩୪ଜଣ, କଳାହାଣ୍ଡି ୧୩୩ ଜଣ, ନୟାଗଡ଼ ୧୨୭ଜଣ, ବାଲେଶ୍ୱର ୧୨୫ଜଣ ଓ ମୟୂରଭଞ୍ଜ ୧୧୯ଜଣ ନିଖୋଜ ବ୍ୟକ୍ତିଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ନିଖୋଜ ଶିଶୁ ଓ ମହିଳାମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ସେମାନଙ୍କୁ ପରିବାର ସହ ପୁନଃ ମିଳନ କରାଇବା ସହ ଆବଶ୍ୟକ ସୁବିଧା ସୁଯୋଗ ନିଶ୍ଚିତ କରିବା ଏହି ଅଭିଯାନର ପ୍ରମୁଖ ଉଦ୍ଦେଶ୍ୟ ଅଟେ । ଜିଲ୍ଲା ପୋଲିସ, ରେଳବାଇ ପୋଲିସ ଓ ସହରାଞ୍ଚଳ ପୋଲିସର ସମନ୍ୱିତ ଓ ସକ୍ରିୟ କାର୍ଯ୍ୟ ଦକ୍ଷତା ଫଳରେ ଏହି ସଫଳତା ସମ୍ଭବ ହୋଇପାରିଛି । ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଶ୍ରୀ ଖୁରାନିଆ ଓଡ଼ିଶା ପୋଲିସର ଏହି ସଫଳତା ପାଇଁ ସମସ୍ତ ସଂପୃକ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ପ୍ରଶଂସା କରିଛନ୍ତି । ଏଥିସହିତ ଆଗାମୀ ଦିନରେ ମଧ୍ୟ ନିଖୋଜ ଶିଶୁ ଓ ମହିଳାଙ୍କ ସୁରକ୍ଷା, ଉଦ୍ଧାର ପାଇଁ ଏପରି ଅଭିଯାନକୁ ଆହୁରି ଜୋରଦାର କରାଯିବ ବୋଲି ସେ ସୂଚନା ଦେଇଛନ୍ତି ।

## ସାପ କାମୁଡ଼ା ଓ ବଜ୍ରପାତରୁ ରକ୍ଷା ପାଇବା ପାଇଁ ସଚେତନତା



କୃଷ୍ଣପ୍ରସାଦ(ନିପ୍ର): ପୁରୀ ଜିଲ୍ଲା ଅନ୍ତର୍ଗତ କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ତରଫରୁ ବ୍ଲକ ପ୍ରଶାସନ ସହଯୋଗରେ ସାପ କାମୁଡା ଓ ବଜ୍ରପାତ ପ୍ରତି ସାବଧାନ ନେଇ ସଚେତନତା ଓ ସତର୍କତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ବ୍ଲକ ବିଡ଼ିଓ ଅଧିକାରୀ ମହେନ୍ଦ୍ର ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ସିପି ପ୍ରଭାତ କୁମାର ଜେନା, ରାଜସ୍ୱ ସହାୟକ କାଶୀମ ମହମ୍ମଦ, ପିରିଜିପୁର ପଞ୍ଚାୟତ ସରପଞ୍ଚ ଇଂ ମଳୟ କୁମାର ଜେନା, ନୋଡାଲ ଏନଜିଓ ସମ୍ପାଦକ ପ୍ରବୀର ଚନ୍ଦ୍ର ନାୟକ, ଏସିପି ସୌଭାଗ୍ୟ କୁମାର ବଳିୟାରସିଂହ,ସହକାରୀ ଯନ୍ତ୍ରୀ ବିଜୟାନନ୍ଦ ଗୋଛାୟତ, କନିଷ୍ଠ ଯନ୍ତ୍ରୀ ଅମୀୟ କୁମାର ପଣ୍ଡା, କନିଷ୍ଠ ଯନ୍ତ୍ରୀ ଜିତେନ୍ଦ୍ର ଦାସ, ବେଗା ହାଁସଦା ପ୍ରମୁଖ ଯୋଗଦେଇ ସାପ କାମୁଡା ଓ ବଜ୍ରପାତ ସମୟରେ କଣ କରିବା ଉଚିତ, କଣ ନକରିବା ଉଚିତ ସେ ଦିଗରେ ସଚେତନତା ଓ ପରାମର୍ଶ ଦେଇଥିଲେ । କର୍ମଶାଳାରେ ଶିକ୍ଷକ ଶିକ୍ଷୟତ୍ରୀ, ଅଙ୍ଗନବାଡି, ଆଶା କର୍ମୀ, ବାତ୍ୟା ଆଶ୍ରୟ ସ୍ଥଳୀ ପରିଚାଳନା କମିଟିର କର୍ମକର୍ତ୍ତା ମାନେ ଅଂଶ ଗ୍ରହଣ କରିଥିଲେ ।







ଶ୍ରୀମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କଲେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ (ଫଟୋ- ଦିନଲିପି)

## ସୁନାବେଶ ପଟ୍ଟଚିତ୍ର ରାଷ୍ଟ୍ରପତିଙ୍କୁ ଉପହାର

ପୁରୀ, ୪/୧(ନିପ୍ର): ମହାମହିମ ରାଷ୍ଟ୍ରପତିଙ୍କୁ ଶ୍ରୀମନ୍ଦିର ପ୍ରଶାସନ ବିଦାୟ ଭେଟି ସ୍ୱରୂପ ପ୍ରଦାନ କରିଛି ସୁନାବେଶର ପଟ୍ଟଚିତ୍ର। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ ଏହି ପଟ୍ଟଚିତ୍ର ପ୍ରଦାନ କରିଥିଲେ। ପୁରୀ ପଟ୍ଟଚିତ୍ର ସେଣ୍ଟରର ସ୍ୱନାମଧନ୍ୟ ପଟ୍ଟଚିତ୍ର ଗୁରୁ ପଙ୍କଜ ବେହେରା ଏହାକୁ ପ୍ରସ୍ତୁତ କରିଥିଲେ। ଏହି ପଟ୍ଟଚିତ୍ର ତିଆରି ସମ୍ପର୍କରେ ଗୁରୁ ପଙ୍କଜ କହିଛନ୍ତି, ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସି ୫ ଜଣ ରାଷ୍ଟ୍ରପତି ତାଙ୍କ ଦ୍ୱାରା ନିର୍ମିତ ପଟ୍ଟଚିତ୍ର ଶ୍ରୀମନ୍ଦିର ପ୍ରଶାସନ ମାଧ୍ୟମରେ ଗ୍ରହଣ କରିଛନ୍ତି। ରାଷ୍ଟ୍ରପତି ହେବା ପରେ ପ୍ରଥମ କରି ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିବା ବେଳେ ଦ୍ରୌପଦୀ ମୁର୍ମୁଙ୍କୁ ଶ୍ରୀମନ୍ଦିର ପ୍ରଶାସନ ଭେଟି ଦେଇଥିବା ବଡ଼ସିଂହାର ବେଶର ପଟ୍ଟଚିତ୍ର ମଧ୍ୟ ସେ ପ୍ରସ୍ତୁତ କରିଥିଲେ। ସୌଭାଗ୍ୟବଶତଃ ଚତୁର୍ଥ ପୁରୀ ଗସ୍ତରେ ବି ତାଙ୍କ ଦ୍ୱାରା ତିଆରି ମହାପ୍ରଭୁଙ୍କ ସୁନାବେଶର ପଟ୍ଟଚିତ୍ର ଆଜି ସିଂହଦ୍ୱାରରେ ଗ୍ରହଣ କରିଛନ୍ତି ଭାରତର ପ୍ରଥମ ନାଗରିକ। ଏଥିରେ ପାରମ୍ପରିକ ପଟିରେ ଚତୁର୍ଦ୍ଧାବିଗ୍ରହଙ୍କ ଦୁର୍ଲ୍ଲଭ ସୁନାବେଶ ରହିଥିବାବେଳେ ଦଶାବତାର ମଧ୍ୟ ସ୍ଥାନ ପାଇଛନ୍ତି। କଳା ଧଳାରେ ଚିତ୍ରିତ ଏହି ଚିତ୍ର ବେଶ୍ ଆକର୍ଷଣୀୟ ହୋଇପାରିଛି।

## ବାଇକକୁ ଟ୍ରକ୍ ଦେଲା ଧକ୍କା: ୨ ମୃତ

କେନ୍ଦୁଝର,୪।୨(ନିପ୍ର): ବୁଧବାର କେନ୍ଦୁଝର ଜିଲ୍ଲାର ଘସିପୁରା ପୋଲିସ ସୀମା ଅନ୍ତର୍ଗତ ଧକୋଠା ନିକଟରେ ଜାତୀୟ ରାଜପଥ ନମ୍ବର ୨୦ରେ ଏକ ଲୁହା ପଥର ବୋଝେଇ ଟ୍ରକ୍ ଏକ ବାଇକକୁ ଧକ୍କା ଦେଇଥିଲା। ଫଳରେ ୨ଜଣ ଯୁବକଙ୍କ ମୃତ୍ୟୁ ଘଟିଛି ଏବଂ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି।ମୃତକଙ୍କ ନାମ ନାରାୟଣ ଟୁଡୁ (୧୮) ଏବଂ ଭଞ୍ଜ କିସ୍କୁ (୨୪) । ଉଭୟ ଘସିପୁରା ଥାନା ଅନ୍ତର୍ଗତ ମାର୍ଶାପାଳ ଗ୍ରାମର ବାସିନ୍ଦା। ଆହତ ଯୁବକ ଅଜୟ ଟୁଡୁ (୧୮) କଟକର ଏସସିବିରେ ଭର୍ତ୍ତି ହୋଇଛନ୍ତି।

## ଲାଞ୍ଚୁଆ କନିଷ୍ଠ ଯନ୍ତ୍ରୀ ଏବଂ ମଧ୍ୟସ୍ଥି ଜେଲ ଗଲେ

ଜୟପୁର, ୪।୨: ଜୟପୁର ଭିଜିଲାନ୍ସ ବିଭାଗ ଦ୍ୱାରା ଗତକାଲି ୨୦ ହଜାର ଟଙ୍କା ଲାଂଚ ନେବା ବେଳେ ଗିରଫ ହୋଇଥିବା ବିଦ୍ୟୁତ ବିଭାଗ ଟାଟା ପାୱାରର ଲାଂଚୁଆ କନିଷ୍ଠ ଯନ୍ତ୍ରୀ ପ୍ରଦେଶ ପ୍ରସାଦ ନାୟକଙ୍କ ଏବଂ ଲାଂଚ ନେଣଦେଣରେ ମଧ୍ୟସ୍ଥି ସାଜିଥିବା ଅଭିଯୁକ୍ତ ବହି ଦୋକାନୀ ଭଞ୍ଜ କିଶୋର ସ୍ୱାଇଁଙ୍କୁ ଗିରଫ କରାଯାଇ ବୁଧବାର କୋର୍ଟ ଚାଲାଣ କରାଯାଇଛି । ଅଭିଯୁକ୍ତଙ୍କ ଓକିଲଙ୍କ ପକ୍ଷରୁ ଜାମିନ ଆବେଦନ କରାଯାଇଥିଲା। କିନ୍ତୁ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଦାୟିତ୍ୱରେ ରହିଥିବା ଜଜ୍ ଏହି ଜାମିନର ଶୁଣାଣି ଆସନ୍ତା ୧୭ ତାରିଖକୁ ଶୁଣାଣି ନେଇ ସ୍ଥଗିତ ରଖିବା ସହିତ ଜେଲକୁ ହାଜତକୁ (ବିଚାର ବିଭାଗୀୟ) ରଖିବା ନେଇ ନିର୍ଦ୍ଦେଶ ଦେଇଛନ୍ତି ।

## ରାଜ୍ୟସଭା ନିର୍ବାଚନ, ସମୟ କହିବ କ'ଣ ହେଉଛି: ଆଇନ ମନ୍ତ୍ରୀ

ଭୁବନେଶ୍ୱର, ୪/୨(ନିପ୍ର): ରାଜ୍ୟସଭା ନିର୍ବାଚନରେ ବିଜେଡ଼ି ଚତୁର୍ଥ ସିଟ ନେବା ବୋଲି ଦମ୍ଭୋକ୍ତି କରିବା ପ୍ରସଙ୍ଗରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ ସମୟ କହିବ କଣ ହେଉଛି, ଅପେକ୍ଷା କରନ୍ତୁ । କିଏ ଚତୁର୍ଥ ଆସନ ଜିତିବ, କେମିତି କଣ ସମୀକରଣ ହେବ ସେ ନେଇ ସମୟକୁ ଅପେକ୍ଷା କରିବା ହିଁ ଠିକ୍ ହେବ। ଗଣିତ କଣ ହେବ, ମିଶାଣ ହେଉଛି କି ଫେଡ଼ାଣ ହେଉଛି, ସେ ସମୟ ମଧ୍ୟ ବହୁତ ଶୀଘ୍ର ଆସିଯିବ। ଅନ୍ୟପକ୍ଷରେ ରାଜ୍ୟସଭା ପ୍ରାର୍ଥୀ ନେଇ ବିଜେଡ଼ି ବିଧାୟକ ଧ୍ରୁବ ସାହୁ କହିଛନ୍ତି ଯେ ନବୀନ ବାବୁ ଠିକ୍ ସମୟରେ ଠିକ୍ ନିଷ୍ପତ୍ତି ନେବେ। ନୂଆ ଚେହେରା ହେଉ କି ପୁରୁଣା, ଯେଉଁ ନିଷ୍ପତ୍ତି ନବୀନ ବାବୁ ନେବେ ତାକୁ ଆମେ ସମସ୍ତେ ମାନିବୁ।

## ସରକାର ଆବଶ୍ୟକ ପଦକ୍ଷେପ ନେଉଛନ୍ତି: ଆଇନ ମନ୍ତ୍ରୀ



ଭୁବନେଶ୍ୱର, ୪/୨(ନିପ୍ର): ଆଇନଶୃଙ୍ଖଳା ପ୍ରସଙ୍ଗରେ ବିଜେଡ଼ିର ଅଭିଯୋଗ ଉପରେ କଡ଼ା ଜବାବ ରଖିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସେ କହିଛନ୍ତି ଯେ ଭୁଲ କଥା ରାଜନୈତିକ ଦୃଷ୍ଟିକୋଣରୁ କହିବା ସମୀଚିନ ନୁହେଁ । ଆଜି ଯାଏଁ ଯେଉଁ ସବୁ ଅଘଟଣ ଘଟିଛି, ସବୁ ଜାଗାରେ ସରକାର ଆବଶ୍ୟକୀୟ ପଦକ୍ଷେପ ନେଉଛନ୍ତି । ଏହା ଉପରେ ବହୁତ ଉଦାହରଣ ମଧ୍ୟ ଅଛି । ପୋଲିସ ଫ୍ରି ହ୍ୟାଣ୍ଡରେ କାମ କରିବା ପାଇଁ ସରକାର ପଦକ୍ଷେପ ନେଉଛନ୍ତି । ତେଣୁ ପୂର୍ବ ବିଜେଡ଼ି ସରକାର ସମୟରେ କ'ଣ ହେଉଥିଲା ସେ କଥା ସେମାନେ ଜାଣିଛନ୍ତି । ନିଜ ଦୋଷକୁ ବିଜେପି ସରକାର ଉପରେ ଲଦିବା ପାଇଁ ଅପଚେଷ୍ଟା କଲେ କିଛି ଫଳ ମିଳିବ ନାହିଁ । ଲୋକ ଜାଣିଛନ୍ତି ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣାଧୀନ ଅଛି । ଯେଉଁଠି ଘଟଣା ଘଟୁଛି ସେଠାରେ ପୋଲିସ ତ୍ୱରିତ୍ ଗତିରେ କ୍ରିୟାନ୍ୱୟନ କରୁଛି । ଚୋରି ଠାରୁ ଆରମ୍ଭ କରି ହତ୍ୟା ପର୍ଯ୍ୟନ୍ତ କୌଣସି ଘଟଣାରେ ଗତ ସରକାର ଭଳି ଅପରାଧୀ ଖୁଲମଖୁଲା ବୁଲୁନାହାନ୍ତି । ଅପରାଧ ନିବାରଣ, ଅପରାଧ ନିୟନ୍ତ୍ରଣ ଓ ଅପରାଧୀଙ୍କୁ ଦଣ୍ଡ ଦେବା ।

### ଡିଜିଟାଲ୍ ଇଣ୍ଡିଆର ଛାୟାପଟ୍ଟ: ସଂସଦରେ ସ୍ୱୀକାରୋକ୍ତି

# ୨୩୮ ଗ୍ରାମରେ ଏ ଯାଏଁ ପହଞ୍ଚି ନାହିଁ ମୋବାଇଲ ନେଟୱାର୍କ

ଜୟପୁର, ୪/୨(ନିପ୍ର): କେନ୍ଦ୍ର ସରକାରଙ୍କ ଦ୍ୱାରା ସଂସଦରେ ଦିଆଯାଇଥିବା ଉତ୍ତର ଆଦିବାସୀ ପ୍ରଧାନ ଓଡ଼ିଶାରେ ଡିଜିଟାଲ୍ ଅସମତାର ଭୟାବହ ଚିତ୍ରକୁ ସାମ୍ନାକୁ ଆଣିଛି। କୋରାପୁଟ ଓ ରାୟଗଡ଼ା ଜିଲ୍ଲାର ୨୩୮ଟି ଗ୍ରାମ ଏପର୍ଯ୍ୟନ୍ତ ମୋବାଇଲ୍ ନେଟୱର୍କ ସଂଯୋଗରୁ ସମ୍ପୂର୍ଣ୍ଣ ଭାବେ ବଞ୍ଚିତ ହୋଇ ରହିଛି। କୋରାପୁଟ ସାଂସଦ ସପ୍ତଗିରି ଶଙ୍କର ଉଲ୍ଲକା ଲୋକସଭାରେ ଉଠାଯାଇଥିବା ଏକ ସଂସଦୀୟ ପ୍ରଶ୍ନ ଆଦିବାସୀ ପ୍ରଧାନ ଓଡ଼ିଶାର ବ୍ୟାପକ ଡିଜିଟାଲ୍ ବାଦ୍‌ବିହୀନତାକୁ ସ୍ପଷ୍ଟ ଭାବେ ପ୍ରକାଶ କରିଛି। ସଂସଦରେ ଦିଆଯାଇଥିବା ଏହି ପ୍ରଶ୍ନର ଲିଖିତ ଉତ୍ତରରେ, କେନ୍ଦ୍ର ସରକାରଙ୍କ ଯୋଗାଯୋଗ ମନ୍ତ୍ରଣାଳୟ ଆନୁଷ୍ଠାନିକ ଭାବେ ସ୍ୱୀକାର କରିଛି ଯେ ୩୧ ଡିସେମ୍ବର ୨୦୨୫ ସୁଦ୍ଧା କୋରାପୁଟ ଓ ରାୟଗଡ଼ା ଜିଲ୍ଲାର ସମୁଦାୟ ୨୩୮ଟି ଗ୍ରାମରେ ଏପର୍ଯ୍ୟନ୍ତ ମୋବାଇଲ୍ ନେଟୱର୍କ ସଂଯୋଗର ଅଭାବ ରହିଛି। ଏହାର ଫଳରେ ଏହି ଗ୍ରାମଗୁଡ଼ିକ କାର୍ଯ୍ୟକ୍ଷମ ୪ଜି ଡାଟା ସେବା ସହିତ ମୌଳିକ ଟେଲିଯୋଗାଯୋଗ ସୁବିଧାରୁ ବଞ୍ଚିତ ଅଛନ୍ତି। ସରକାରଙ୍କ ଦ୍ୱାରା ରେକର୍ଡରେ ରଖାଯାଇଥିବା ଆଧିକାରିକ ତଥ୍ୟ ଅନୁଯାୟୀ, କୋରାପୁଟ ଜିଲ୍ଲାର ସମୁଦାୟ ୨,୦୪୭ଟି ଗ୍ରାମ ମଧ୍ୟରୁ ୮୯ଟି ଗ୍ରାମ ଏପର୍ଯ୍ୟନ୍ତ ମୋବାଇଲ୍ ନେଟୱର୍କ ସଂଯୋଗରୁ ବଞ୍ଚିତ ରହିଛି। ସେହିପରି, ରାୟଗଡ଼ା ଜିଲ୍ଲାର ୨,୬୭୧ଟି ଗ୍ରାମ ମଧ୍ୟରୁ ୧୪୯ଟି ଗ୍ରାମରେ ମଧ୍ୟ ମୋବାଇଲ୍ ସଂଯୋଗ ଉପଲବ୍ଧ ନାହିଁ। ବିବରଣୀରୁ ଜଣାପଡୁଛି ଯେ ମୋବାଇଲ୍ ସଂଯୋଗରୁ ବଞ୍ଚିତ ଗ୍ରାମଗୁଡ଼ିକ ପ୍ରଧାନତଃ ଆଦିବାସୀ, ପାହାଡ଼ିଆ ଏବଂ ଜଙ୍ଗଲ-ଘେରା ଅଞ୍ଚଳରେ କେନ୍ଦ୍ରିତ। କୋରାପୁଟ ଜିଲ୍ଲାର ବନ୍ଧୁଗାଁ, ଦଶମନ୍ତପୁର, ଲମତାପୁଟ, ନାରାୟଣ ପାଟଣା, ପୋଟାଙ୍ଗୀ ଏବଂ ନନ୍ଦପୁର ବ୍ଲକରେ ଏହିପରି ଗ୍ରାମଗୁଡ଼ିକ ଅଧିକ ସଂଖ୍ୟାରେ ରହିଛି। ସେହିପରି, ରାୟଗଡ଼ା ଜିଲ୍ଲାର ବିଷମକଟକ, କାଶୀପୁର, କଲ୍ୟାଣସିଂପୁର, ମୁନିଗୁଡ଼ା, ଗୁଣୁପୁର ଓ ରାୟଗଡ଼ା ବ୍ଲକରେ ମଧ୍ୟ ଏହି ଅଭାବ ଗଭୀର ଭାବେ ପ୍ରକାଶିତ। ଏହି ଅଞ୍ଚଳଗୁଡ଼ିକ ପୂର୍ବରୁ ମଧ୍ୟ ଶିକ୍ଷା, ସ୍ୱାସ୍ଥ୍ୟସେବା, ବଜାର ସୁଯୋଗ ଓ ଶାସନୀୟ ସେବାର ପହଞ୍ଚରେ ଗଢ଼ିଥିବା ସାଂରଚନିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି

# କ୍ୟାନ୍‌ସର ହଟ୍‌ସ୍ପଟ ପାଲଟିଛି ଓଡ଼ିଶା

## ବର୍ଷକୁ ଚିହ୍ନଟ ହେଉଛନ୍ତି ୫୫ ହଜାର ରୋଗୀ


ଗାଁ ଗାଁ ବୁଲି ସଚେତନ କରିବେ ଏସଏଚଜି

ଭୁବନେଶ୍ୱର, ୪/୨(ନିପ୍ର): କ୍ୟାନ୍ସର ରୋଗର ହଟ ସ୍ପଟ ପାଲଟିଛି ଓଡିଶା। ରାଜ୍ୟରେ ପ୍ରତି ବର୍ଷ ୫୫ହଜାର କ୍ୟାନ୍ସର ରୋଗୀ ଚିହ୍ନଟ ହେଉଛନ୍ତି। ଏହା ସହିତ ଚିହ୍ନଟର ପ୍ରଥମ ବର୍ଷରେ ୬୦ ପ୍ରତିଶତ ଅର୍ଥାତ ପ୍ରାୟ ୩୫ ହଜାର ରୋଗୀ ମୃତ୍ୟୁ ବରଣ କରୁଛନ୍ତି। ୨୦୨୫-୨୬ ବର୍ଷରେ ତେବେ ରାଜ୍ୟରେ ସର୍ବାଧିକ ମୁଖ ଗହ୍ୱର କର୍କଟ ଚିହ୍ନଟ ହେଉଛନ୍ତି। କ୍ୟାନ୍ସର ଭଳି ରୋଗକୁ କିଭଳି ଭାବରେ ଜଲଦି ଚିହ୍ନଟ କରାଯିବ ସେନେଇ ଗାଁ ଗାଁ ବୁଲି ସଚେତନତା କରିବେ ଏସଏଚଜି ଗ୍ରୁପ। ସୂଚନା ଅନୁଯାୟୀ ୨୦୨୫ -୨୬ ରେ ଜାନୁୟାରୀ ସୁଦ୍ଧା ୨୩୧୩୧ କ୍ୟାନ୍ସର ରୋଗୀ ଚିହ୍ନଟ ହୋଇଛନ୍ତି। ସବୁଠୁ ଅଧିକ କଟକରେ ୪୭୭୯ ରୋଗୀ କ୍ୟାନ୍ସର ରୋଗୀ ଚିହ୍ନଟ ହୋଇଛନ୍ତି। ସେହିପରି କେନ୍ଦ୍ରାପଡ଼ା ଜିଲ୍ଲା ରେ ୧୮୭୮, ଯାଜପୁର ରେ ୧୧୫୩, ଜଗତସିଂହପୁର ରେ ୧୮୨୨, ବାଲେଶ୍ୱର ରେ ୧୫୪୬ ଓ ଭଦ୍ରକ ରେ ୧୪୩୨ ରୋଗୀ ଚିହ୍ନଟ ହୋଇଛନ୍ତି। ରାଜ୍ୟରେ ଡ଼ାଇଗନୋସିସ ହେବାର ପ୍ରଥମ ବର୍ଷରେ ୬୦ ପ୍ରତିଶତ ଅର୍ଥାତ ପ୍ରାୟ ୩୫ ହଜାର କ୍ୟାନ୍ସର ରୋଗୀ ମୃତ୍ୟୁ ବରଣ କରୁଛନ୍ତି. । ଟେଷ୍ଟିଙ୍ଗକୁ ନେଇ ରାଜ୍ୟ ରେ ଉପଯୁକ୍ତ ସାଧନ ନ ଥିବାରୁ ଏଭଳି ଚିତ୍ର ସାମ୍ନାକୁ ଆସିଛି

## ୨୧ ଲକ୍ଷ ଟଙ୍କାର ପୁରସ୍କାର ଘୋଷିତ ମାଓବାଦୀର ଆତ୍ମସମର୍ପଣ



ମାଲକାନଗିରି, ୪/୨(ନିପ୍ର): ମାଲକାନଗିରି ପୁଲିସକୁ ମିଳିଛି ବଡ ସଫଳତା । ଛତିଶଗଡ ମାଓ ସଂଗଠନର ହାର୍ଡକୋର ମାଓବାଦୀ ଶୁକ୍ରାମ ମାଡକାମ ବୁଧବାର ମାଲକାନଗିରି ଏସପିଙ୍କ ନିକଟରେ ଆତ୍ମସମର୍ପଣ କରିଛି । ମାଓ ସଂଗଠନରେ ବ୍ୟବହାର କରୁଥିବା ନିଜର ଅତ୍ୟାଧୁନିକ ଏସଏଲଆର ବନ୍ଧୁକ ସହ ୧୨ଟି ଅଫୁଟା ଗୁଳି, ଦୁଇଟି ଲ୍ୟାଣ୍ଡମାଇନ, କୋଡେକ୍ସ ତାର, ବିଦ୍ୟୁତ ତାର, ମେଡିସିନ୍ ଓ ନକ୍ସଲ ପୋଷାକ ଓ ପ୍ରଚାର ପତ୍ର ସହ ପୁଲିସ ପାଖରେ ଆତ୍ମସମର୍ପଣ କରିଛି । ଛତିଶଗଡ ସୁକୁମା ଜିଲ୍ଲା ସହ ମାଲକାନଗିରି ଜିଲ୍ଲାର ମାଥିଲି ଥାନା ଅନ୍ତର୍ଗତ ଦଲଦଲି ଅଞ୍ଚଳର ଅନେକ ହିଂସା କାଣ୍ଡରେ ଜଡିତ ଥିଲା ଏହି ହାର୍ଡକୋର ମାଓବାଦୀ ଶୁକ୍ରାମ ମାଡକାମ । କାଙ୍ଗେରଘାଟି ଏରିଆ କମିଟି ମେମ୍ବର ଶୁକ୍ରାମ ମୁଣ୍ଡ ଉପରେ ୨୧ ଲକ୍ଷ ଟଙ୍କାର ପୁରସ୍କାର ରହିଥିଲା । ସେ ଓଡିଶା ଓ ଛତିଶଗଡର ବିଭିନ୍ନ ହିଂସାକାଣ୍ଡ ସାମିଲ ଥିଲା। ହେଲେ ଆତ୍ମସମର୍ପଣ ପରେ ସରକାରଙ୍କ ନିୟମ ଅନୁସାରେ ଥଇଥାନ କରାଯିବା ବୋଲି ମାଲକାନଗିରି ଏସପି କହିଛନ୍ତି ।

### ସୋନମ ୱାଙ୍ଗଚୁକଙ୍କ ଅଟକ ସମୀକ୍ଷା

## ସୁପ୍ରିମକୋର୍ଟ କେନ୍ଦ୍ରକୁ ଦେଇଛନ୍ତି ନିର୍ଦ୍ଦେଶ



ନୂଆଦିଲ୍ଲୀ,୪।୨: ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ କହିଛନ୍ତି ଯେ ସୋନମ ୱାଙ୍ଗଚୁକଙ୍କ ଅବନତିଶୀଳ ସ୍ୱାସ୍ଥ୍ୟକୁ ବିଚାରକୁ ନେଇ ତାଙ୍କ ଅଟକ ଜାରି ରଖିବାର ନିଷ୍ପତ୍ତିର ପୁନର୍ବିଚାର କରିବା ଉଚିତ। ଜଷ୍ଟିସ୍ ଅରବିନ୍ଦ କୁମାରଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ କେନ୍ଦ୍ର ସରକାରଙ୍କ ଓକିଲଙ୍କୁ ଏ ସମ୍ପର୍କରେ ନିର୍ଦ୍ଦେଶ ଲୋଡ଼ି କୋର୍ଟକୁ ଜଣାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶୁଣାଣି ସମୟରେ, ଜଷ୍ଟିସ୍ ପି.ବି. ଭାରାଲେ ପଚାରିଥିଲେ ଯେ କେନ୍ଦ୍ର ସରକାର ସୋନମ ୱାଙ୍ଗଚୁକଙ୍କ ନିରନ୍ତର ଅଟକ ଉପରେ ପୁନର୍ବିଚାର କରିପାରିବେ କି ? ଜଷ୍ଟିସ୍ ଭାରାଲେଙ୍କୁ ସମର୍ଥନ କରି ଜଷ୍ଟିସ୍ ଅରବିନ୍ଦ କୁମାର କହିଛନ୍ତି ଯେ ସୋନମ ୱାଙ୍ଗଚୁକ ୫ ମାସ ଧରି ଅଟକ ଅଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ନିରନ୍ତର ଖରାପ ହେଉଛି।

## ଆଫଗାନିସ୍ତାନକୁ ୭ ୱିକେଟରେ ହରାଇ ଫାଇନାଲରେ ଭାରତ



ନୂଆଦିଲ୍ଲୀ, ୪/୨: ୧୯ ବର୍ଷରୁ କମ୍ ବିଶ୍ୱକପ୍ ୨୦୨୬ ସେମି ଫାଇନାଲ୍ ମ୍ୟାଚରେ ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ଆଜି ମ୍ୟାଚ ଖେଳା ଯାଉଥିଲା । ଭାରତ ସାମ୍ନାରେ ୩୧୧ ରନର ଟାର୍ଗେଟ ଥିଲା । ଭାରତୀୟ ବ୍ୟାଟ୍ସମ୍ୟାନ ବୈଭବ ସୂର୍ଯ୍ୟବଂଶୀଙ୍କ ଧୂଆଁଧାର ପ୍ରଦର୍ଶନ ଓ ପରେ ଆୟୁଷ ମହାତ୍ରେ ଏବଂ ଆରନ୍ ଜର୍ଜଙ୍କ ପ୍ରଦର୍ଶନୀ ଖେଳାକୁ ଅନ୍ୟ ମୋଡକୁ ନେଇଥିଲା । ପ୍ରାରମ୍ଭିକ ଇନିଂସରେ ଆଫଗାନିସ୍ତାନ ବ୍ୟାଟ୍ସମ୍ୟାନ ଫୈସଲ ସିନୋଜାଦା ଏବଂ ଉଜୈରୁଲ୍ଲାହ ନିଆଜାଇଙ୍କ ଶତକ ଦଳକୁ ୫୦ ଓଭରରେ ୩୧୦/୪ ସ୍କୋରରେ ପହଞ୍ଚାଇଥିଲା । ପରବର୍ତ୍ତୀ ଇନିଂସରେ ବୈଭବ ସୂର୍ଯ୍ୟବଂଶୀଙ୍କ ପ୍ରାରମ୍ଭିକ ବ୍ୟାଟିଂ ଭାରତ ପାଇଁ ଏକ ବଡ଼ ରନର ପିଛାକୁ ସହଜ କରିଥିଲା । ସୂର୍ଯ୍ୟବଂଶୀ ୩୩ ବଲ୍ ରେ ୬୮ ରନ୍ କରିଥିଲେ ଏବଂ ଆରୋନ୍ ଜର୍ଜଙ୍କ ସହିତ ଓପନିଂ ଷ୍ଟାଣ୍ଡ୍ କରି ମାତ୍ର ୫୭ ବଲ୍ ରେ ୯୦ ରନ୍ ଆସିଥିଲା । ସେ ଆଉଟ୍ ହେବା ପରେ, ଅଧିନାୟକ ଆୟୁଷ ମହାତ୍ରେ ଏବଂ ଜର୍ଜ ସ୍କୋରବୋର୍ଡକୁ ବହୁତ ଆଗକୁ ନେଇଥିଲେ ।

## ଆଠଗଡ ହେଉ ଜିଲ୍ଲା: ୧୨ ଘଣ୍ଟିଆ 'ଆଠଗଡ଼ ବନ୍ଦ' ସଫଳ

ଆଠଗଡ:୪।୨(ନିପ୍ର): ଆଠଗଡକୁ ଜିଲ୍ଲା କରିବା ଦାବି ନେଇ ଆଠଗଡ ଜିଲ୍ଲା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦିଆଯାଇଥିବା ବନ୍ଦ ଡ଼ାକରାକୁ ଅଭୂତପୂର୍ବ ସମର୍ଥନ ମିଳିଛି। ଆଠଗଡ଼ ବନ୍ଦ ଡାକରା ଫଳରେ ଆଠଗଡ ସହରର ସମସ୍ତ ଦୋକାନ ବଜାର, ବ୍ୟବସାୟ ଅନୁଷ୍ଠାନ ବନ୍ଦ ରହିଥିଲା।ଆଠଗଡ ସହର ମଧ୍ୟ ଦେଇ ଯାଇଥିବା ରାଜା ଆଠଗଡ-ନରସିଂହପୁର ରାଜ୍ୟ ରାଜପଥ, ପୁରୁଣା କଟକ-ସମ୍ବଲପୁର ରାସ୍ତା,ଭୁବନେଶ୍ୱର-ଡକେରା ରାଜ୍ୟ ରାଜପଥ ଦେଇ ଯାନବାହାନ ଚଳାଚଳ ସଂପୂର୍ଣ୍ଣ ଠପ ହୋଇଥିବାରୁ ରାଜଧାନୀରୁ ରାଜ୍ୟର ପଶ୍ଚିମାଞ୍ଚଳ ଓ ଛତିଶଗଡ଼କୁ ସଡକ ପଥରେ ଯୋଗାଯୋଗ ଓ ଗମନାଗମନ ବାଧାପ୍ରାପ୍ତ ହୋଇଥିଲା। ଏହ ବିକ୍ଷୋଭରେ ବରିଷ୍ଠ କଂଗ୍ରେସ ନେତା ବିଭୂତି ଭୂଷଣ ମିଶ୍ର, ପ୍ରଭାକର ପଟ୍ଟନାୟକ, ସଦାନନ୍ଦ ପଟ୍ଟନାୟକ, ଭାସ୍କର ମିଶ୍ର,ଶରତ ଚନ୍ଦ୍ର ସାମନ୍ତ, ପୂର୍ବତନ କାଉନସିଲର ଅଶୋକ କୁମାର ଦାଶ, ବରିଷ୍ଠ ଆଇନଜୀବି ପ୍ରାଣକୃଷ୍ଣ ଦାଶ ଶ୍ୟାମାନନ୍ଦ ମହାରଣା, କଟକ ସାଂସଦଙ୍କ ପ୍ରତିନିଧି ସରୋଜ କୁମାର ଦାସ ପ୍ରମୁଖ ଯୋଗଦାନ କରିଥିଲେ। ଜିଲ୍ଲା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏକ ପ୍ରତନିଧି ଦଳ ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବେ ବୋଲି କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସୂଚନା ଦିଆଯାଇଛି।

# ଶିକ୍ଷା ବିଭାଗରେ 'ଶିଶୁ ବାଟିକା' ବାଟବଣା !

ଧାମନଗର,୪/୨(ନିପ୍ର): ସରକାରୀ ବ୍ୟବସ୍ଥାରେ ସଂସ୍କାରର ଡିଣ୍ଡିମ ପିଟୁଥିବା ବେଳେ ଅନେକ ଯୋଜନାର ପ୍ରତିଶ୍ରୁତି ଏବେ ବାଟବଣା ହେଉଛି। ଶିଶୁ ବାଟିକା ଯୋଜନା ଜରିଆରେ ଶିଶୁଙ୍କୁ ଗୁଣାତ୍ମକ ଶିକ୍ଷା ଓ ସାମାଜିକ ସ୍ତରରେ ଅସହାୟ ମହିଳାଙ୍କୁ ନିଯୁକ୍ତି ଦେବାର ଯେଉଁ ସ୍ୱପ୍ନ ଦେଖାଯାଇଥିଲା, ତାହା ଏବେ ପ୍ରଶାସନିକ ଦୂରଦୃଷ୍ଟି ଅଭାବରୁ ଅନ୍ଧାରକୁ ଠେଲି ହୋଇଯାଇଛି। ସୂଚନାଯୋଗ୍ୟ ଯେ, ଧାମନଗର ବ୍ଲକର ପ୍ରାୟ ୨୪୨ଟି ପ୍ରାଥମିକ ବିଦ୍ୟାଳୟ ମଧ୍ୟରୁ ଅତିକମରେ ୩୮ଟି ବିଦ୍ୟାଳୟରେ ଛାତ୍ରଛାତ୍ରୀ ସଂଖ୍ୟା (୧ମ ଓ ୨ୟ ଶ୍ରେଣୀ) ୩୦ ରୁ ଅଧିକ ରହିଛି। ସରକାରୀ ନିୟମ ଅନୁଯାୟୀ, ଏହି ସ୍କୁଲଗୁଡ଼ିକରେ ତୁରନ୍ତ ଶିଶୁ ବାଟିକା ଶିଶୁସେବିକା ନିଯୁକ୍ତି ହେବା କଥା। ଏହି ପଦବୀ ପାଇଁ ଗ୍ରାମର ବିଧବା କିମ୍ବା ସ୍ୱାମୀ ପରିତ୍ୟକ୍ତ ମହିଳାଙ୍କୁ ପ୍ରାଥମିକତା ଦେବାର ସ୍ପଷ୍ଟ ନିୟମ ରହିଛି। ମାତ୍ର ଦୁର୍ଭାଗ୍ୟର ବିଷୟ, ବିଦ୍ୟାଳୟ ପରିଚାଳନା କମିଟି ଗଠନ ହୋଇନଥିବା ଦର୍ଶାଇ ପ୍ରଶାସନ ଏହି ପ୍ରକ୍ରିୟାକୁ ଗଡ଼ାଇ ଚାଲିଛି। ପ୍ରକାଶଥାଉ କି ମାର୍ଚ୍ଚ ୩୧ ତାରିଖରେ ପୁରୁଣା ଏସଏମସି ଭାଙ୍ଗି ନୂଆ କମିଟି ଗଠନ ହେବାର ନିର୍ଦ୍ଦେଶକୁ ଆଖି ଆଗରେ ରଖି ଶିକ୍ଷା ବିଭାଗ ନିଜର



ଦାୟିତ୍ୱ ସାରି ଦେଇଛି। ଯଦି କମିଟି ଗଠନ ହୋଇନାହିଁ। ତେବେ ଏଥିପାଇଁ ଦାୟୀ କିଏ ? କାହିଁକି ସମୟ ସୀମା ମଧ୍ୟରେ ଏହି ପ୍ରକ୍ରିୟା ଶେଷ କରାଗଲା ନାହିଁ। ଜଣେ ଅସହାୟ ବିଧବା କିମ୍ବା ପରିତ୍ୟକ୍ତ ମହିଳାଙ୍କ ପେଟକୁ ଦାନା ଦେବା ପାଇଁ ପ୍ରଶାସନକୁ କ'ଣ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ। ଶିଶୁମାନଙ୍କ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଥିବା ବେଳେ ବ୍ଲକ ଶିକ୍ଷା ବିଭାଗ କେଉଁ ଆଧାରରେ ନୀରବଦ୍ରଷ୍ଟା ସାଜିଛନ୍ତି ? ଅଭିଯୋଗ ହେଉଛି ଯେ, ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା ଅପେକ୍ଷା ନିଜର ପସନ୍ଦର ଲୋକଙ୍କୁ ଥଇଥାନ କରିବା ପାଇଁ ହୁଏତ ଭିତରେ ଭିତରେ ଅନ୍ୟ କିଛି ଗୋଟିଚାଳନା ଚାଲିଛି। ଯଦି ତୁରନ୍ତ ଏହି ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରା ନ ଯାଏ, ତେବେ ଆଗାମୀ ଦିନରେ ଅଭିଭାବକ ଓ ସ୍ଥାନୀୟ ଜନସାଧାରଣ ରାଜରାସ୍ତାକୁ ଓହ୍ଲାଇବା ସହ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରିବାକୁ ଚେତାବନୀ ଦେଇଛନ୍ତି। ଧାମନଗରର ଶିକ୍ଷା ବ୍ୟବସ୍ଥାରେ ଏହି 'ଅଚଳାବସ୍ଥା' କେବେ ସୁଧୁରିବ ଏବଂ ଅସହାୟ ମହିଳାମାନେ କେବେ ନ୍ୟାୟ ପାଇବେ, ତାହା ଏବେ ଜିଲ୍ଲା ପ୍ରଶାସନ ଓ ଶିକ୍ଷା ବିଭାଗର କାର୍ଯ୍ୟାନୁଷ୍ଠାନ ଉପରେ ନିର୍ଭର କରୁଛି। ସୂଚନା ଥାଉକି ଗତବର୍ଷ ସରକାର ଘୋଷଣା କଲେ କି ବିଦ୍ୟାଳୟରେ ନୂଆ ସରକାରଙ୍କ ନୂଆ ନିୟମ ଅନୁଯାୟୀ ସ୍କୁଲ ପରିଚାଳନା କମିଟି କରାଯିବ ଏବଂ ପୁରୁଣା କମିଟିକୁ ଭାଙ୍ଗି ଦିଆଯିବ। ଏ ନେଇ ସରକାରଙ୍କ ପକ୍ଷରୁ ଚିଠି କରାଗଲା ମାତ୍ର ଆଜି ସୁଦ୍ଧା ସେହି ନିୟମ କାର୍ଯ୍ୟକାରୀ ହୋଇ ପାରିଲା ନାହିଁ। ଧାମନଗର ବ୍ଲକର ଅନେକ ବିଦ୍ୟାଳୟରେ କାର୍ଯ୍ୟକାଳ ସରିଯାଇ ଥିଲେ ବି ସମୟ ସୀମା ବଢାଇବାରେ ଲାଗିଛନ୍ତି। ସେହିପରି ଧାମନଗର ବ୍ଲକରେ ପାଖାପାଖି ୨୦ରୁ ଉର୍ଦ୍ଧ୍ୱ ସ୍କୁଲରେ ରାଜନୈତିକ ବିବାଦ ଓ ବିଭାଗର ଅସହଯୋଗ ଯୋଗୁଁ କମିଟି ଗଠିତ ହୋଇ ପାରୁନି। ଫଳରେ ବିଦ୍ୟାଳୟର ଅନେକ ଉନ୍ନତିମୂଳକ କାର୍ଯ୍ୟ ହୋଇ ପାରୁ ନଥି ବା ବେଳେ ସରକାର ଟଙ୍କାବି ଫେରି ଯାଉଚି। ଅପରପକ୍ଷରେ ଧାମନଗର ବ୍ଲକର ବ୍ଲକ ଶିକ୍ଷାଧିକାରୀଙ୍କ ପଦବୀ ପୂରଣ ହୋଇ ନ ଥିବାରୁ କମିଟି ଗଠନରେ ବିଳମ୍ବ ବି ହେଉଛି। ଏ ଦିଗରେ ଭଦ୍ରକ ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଅଭିଭାବକମାନେ ଦାବି କରିଛନ୍ତି।

## ସିଫା ପରିଦର୍ଶନ କଲେ ଗଣମାଧ୍ୟମ ପ୍ରତିନିଧି ଦଳ

ଭୁବନେଶ୍ୱର,୪/୨(ପିଆଇବି): ତେଲଙ୍ଗାନାରୁ ଆସିଥିବା ଗଣମାଧ୍ୟମ ପ୍ରତିନିଧି ଦଳ ଓଡ଼ିଶା ଗସ୍ତର ତୃତୀୟ ଦିନରେ ବୁଧବାର ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ମଧୁର ଜଳ ମତ୍ସ୍ୟପାଳନ ସଂସ୍ଥାନ(ସିଫା) ପରିଦର୍ଶନ କରିଛନ୍ତି। ସଂସ୍ଥାର ନିର୍ଦ୍ଦେଶକ ଡା. ପ୍ରମୋଦ କୁମାର ସାହୁ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସ୍ୱାଗତ କରି ସିଫାର ଲକ୍ଷ୍ୟ, ଗବେଷଣା କାର୍ଯ୍ୟକଳାପ ଓ ଦେଶର ମଧୁର ପାଣି ମାଛଚାଷ କ୍ଷେତ୍ରରେ ଏହାର ଗୁରୁତ୍ୱପୂର୍ଣ୍ଣ ଅବଦାନ ସମ୍ପର୍କରେ ଅବଗତ କରାଇଥିଲେ। ଏହି ଅବସରରେ ଗଣମାଧ୍ୟମ ପ୍ରତିନିଧିମାନେ ସିଫାର ବୈଜ୍ଞାନିକମାନଙ୍କ ସହ ଆଲୋଚନା କରିଥିଲେ। ବିଶେଷକରି ରୋଗ ପ୍ରତିରୋଧକ ମାଛ ପ୍ରଜନନ, ଜେନେଟିକ୍ ଉନ୍ନତିକରଣ ଏବଂ ସ୍ଥାୟୀ ମତ୍ସ୍ୟ ଚାଷ ପ୍ରଣାଳୀ କ୍ଷେତ୍ରରେ ହାସଲ ହୋଇଥିବା ସଫଳତା ସମ୍ପର୍କରେ ବିଶେଷ ସୂଚନା ପାଇଥିଲେ। ପରେ ସେମାନେ ଏକ ମାର୍ଗଦର୍ଶିତ କ୍ଷେତ୍ର ପରିଦର୍ଶନ କରି, ସମଗ୍ର ପ୍ରଜନନ ଏବଂ ପାଳନ ପ୍ରକ୍ରିୟାକୁ ପ୍ରତ୍ୟକ୍ଷ ଭାବେ ଦେଖିବାର ଅଭିଜ୍ଞତା ହାସଲ କରିଥିଲେ।

OFFICE OF THE EXECUTIVE ENGINEER
RURAL WORKS DIVISION, BARGARH
Email: [illegible]
Email: [illegible]
e-Procurement Notice No. [illegible]

| | | | |
|---|---|---|---|
| 1 | Name of the Work | : | Building work during 2025-26 in the district of Bargarh. |
| 2 | EMD | : | @ 1% of the estimated cost put to tender |
| 3 | Other details | : | As per DTCN |

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Bargarh | ONLINE-BGH-28 OF 2025-26 | 07.02.2026 at 11:00 A.M. | 11.02.2026 upto 5:00 P.M. | 12.02.2026 upto 4.00 PM | 13.02.2026 at 11:00 A.M. |

Further details can be seen from the website www.tendersodisha.gov.in.
Executive Engineer
R.W. Division, Bargarh
OIPR 25001/25062/1/25-26

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ